

ଆସିବନି
'କାଣ୍ଟା ଲଗା'
▶ପୃଷ୍ଠା ୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-11 •SATURDAY •5 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୧ •ଶନିବାର •୫ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜି ବାହୁଡ଼ା




■ **ପୁରୀ, ୪।୭ (ସମିସ):** ଜନ୍ମବେଦୀରେ ଶେଷ ହୋଇଛି ମହାପ୍ରଭୁଙ୍କ ଲୀଳା। ଏବେ ରତ୍ନବେଦୀକୁ ବାହୁଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତ ଦିନ

## ମଧ୍ୟାହ୍ନ ୧୨ଟାରେ ପହଣ୍ଡି

## ଅପରାହ୍ନ ୪ଟାରେ ରଥଟଣା

ରହଣି ପରେ ଭାଇ-ଭଉଣୀଙ୍କୁ ସାଥୀରେ ଧରି ବାହୁଡ଼ିବେ କାଳିଆ ଠାକୁର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ଦାରୁବ୍ରହ୍ମଙ୍କୁ ଅପେକ୍ଷା କରି ରହିଛନ୍ତି ତିନିରଥ। ଶନିବାର ରଥାରୂଢ଼ ହୋଇ ଦାରୁବିଗ୍ରହ ଯିବେ ଶ୍ରୀମନ୍ଦିର ଅଭିମୁଖେ। ତେବେ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିବା ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟି ଯାଞ୍ଚ କରିସାରିଛନ୍ତି। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି।

ଶୁକ୍ରବାର ଥିଲା ସନ୍ଧ୍ୟା ଦର୍ଶନ। ସକାଳୁ ଆରମ୍ଭ ହୋଇଯାଇଥିଲା ଭକ୍ତଙ୍କ ଗହଳି। ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଜନ୍ମବେଦୀରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ନୀତି ବି ସଅଳ ଚାଲିଥିଲା। ଏଥିସହ ଆଡପ ଅବଢ଼ା ବି ସଅଳ ବାହାରିଥିଲା। ଶେଷ ଆଡ଼ପ ଅବଢ଼ା ପାଇଁ ଭକ୍ତମାନେ ବେଶ୍ ଭିଡ଼ ଜମାଇଥିଲେ। ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ଅପରାହ୍ନ ୫ଟାରେ ବନ୍ଦ ▶ପୃଷ୍ଠା-୭

### ରିଜର୍ଭ ବ୍ୟାଙ୍କ ଆଣିଲା ନୂଆ ନିୟମ

# ସମୟ ପୂର୍ବରୁ ଋଣ ଶୁଝିଲେ ଲାଗିବନି ଚାର୍ଜ



■ **ନୂଆଦିଲ୍ଲୀ, ୪।୭ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଋଣକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଯଦି କୌଣସି ବ୍ୟକ୍ତି ସମୟ ପୂର୍ବରୁ ନିଜ ଋଣ ଅଧା କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରିବେ ତାଙ୍କଠାରୁ କୌଣସି ଚାର୍ଜ ନିଆଯିବନାହିଁ। କାରଣ ଆରବିଆଇ ଫ୍ଲୋଟିଂ ସୁଧ ହାରରେ ଲାଗିଥିବା ଋଣ ଉପରେ 'ପ୍ରି-ପେମେଣ୍ଟ ଚାର୍ଜ' ଶେଷ କରିବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଏହି ନିୟମ ୨୦୨୬ ଜାନୁଆରୀ ପହିଲାଠାରୁ ଲାଗୁ କରିବ। ନୂଆ ନିୟମ ସବୁ ବ୍ୟାଙ୍କ ଓ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫସି) ସମେତ ରେଗୁଲେଟେଡ୍ ଇନଷ୍ଟିଚ୍ୟୁସନ୍ ପାଇଁ ବାଧ୍ୟତାମୂଳକ ରହିବ। ଏହି ନିୟମ ଲାଗୁ ହେବା ପରେ କୋଟି କୋଟି ଋଣକାରୀ, ବିଶେଷ କରି ଗୃହ ଋଣ ଓ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା ଲୋକଙ୍କୁ ସିଧାସଳଖ ଲାଭ ମିଳିବ।

### ୨୫ ବର୍ଷ ପରେ କାମ ବନ୍ଦ କଲା କମ୍ପାନୀ

# ପାକିସ୍ତାନ ଛାଡ଼ିଲା ମାଇକ୍ରୋସଫ୍ଟ



■ **ୱାସିଂଟନ, ୪।୭ (ଏଜେନ୍ସି):** ବିଶ୍ୱର ନାମୀ ଟେକ୍ କମ୍ପାନୀ ମାଇକ୍ରୋସଫ୍ଟ ପାକିସ୍ତାନରୁ ତା'ର କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନର ବର୍ତ୍ତମାନ ପରିବେଶ ବୈଶ୍ୱିକ କମ୍ପାନୀଙ୍କ ନିମନ୍ତେ ବଡ଼ ଆହ୍ୱାନ ପାଲଟିଛି। ଯାହାର ଫଳ ସ୍ୱରୂପ ମାଇକ୍ରୋସଫ୍ଟକୁ ଏପରି ନିଷ୍ପତ୍ତି ନେବାକୁ ପଡିଛି। ୨୦୦୦ରେ କମ୍ପାନୀ ପାକିସ୍ତାନରେ କାରବାର ଆରମ୍ଭ କରିଥିଲା। ପାଖାପାଖି ୨୫ ବର୍ଷ ପରେ କମ୍ପାନୀ ପାକିସ୍ତାନରୁ ଏହାର କର୍ପୋରେଟ ଅପରେସନ ବନ୍ଦ କରିବାକୁ ଯାଉଛି। ତେବେ ଗତ ୨୫ ବର୍ଷ ହେଲା କାରବାର କରିଆସୁଥିଲେ ବି ମାଇକ୍ରୋସଫ୍ଟ ପାକିସ୍ତାନରେ ତାର ପୂର୍ଣ୍ଣକାଳୀନ କର୍ପୋରେଟ କାର୍ଯ୍ୟାଳୟ ସ୍ଥାପନା କରି ନ ଥିଲା। ପାକିସ୍ତାନର ଶୈକ୍ଷଣିକ, ସରକାରୀ ଓ କର୍ପୋରେଟ କ୍ଷେତ୍ରରେ ମାଇକ୍ରୋସଫ୍ଟର ମଜଭୁତ ପ୍ରଭାବ ▶ପୃଷ୍ଠା-୭

### ଦିଲ୍ଲୀ ଇଞ୍ଜିନର ସଂସ୍ଥା ଉପରେ ରାଜ୍ୟ ଇଞ୍ଜିନର ଭରସା ନାହିଁ

# ପାଣିପାଗ ସୂଚନା ଦେବ ଘରୋଇ ସଂସ୍ଥା

■ **ଭୁବନେଶ୍ୱର, ୪।୭ (ସମିସ):** ପାଣିପାଗ ପୂର୍ବାନୁମାନ ଓ ଆକଳନ କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସୁଖ୍ୟାତି ସାରା ବିଶ୍ୱରେ ରହିଛି। ଦିଲ୍ଲୀସ୍ଥିତ ଆଇଏମ୍‌ଡି ମୁଖ୍ୟ କାର୍ଯ୍ୟାଳୟ ଓ ପ୍ରତି ରାଜ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ପାଣିପାଗ ସମ୍ପର୍କିତ ସମସ୍ତ ପ୍ରକାର ତଥ୍ୟ ଦୀର୍ଘ ବର୍ଷ ହେଲା ଯୋଗାଇ ଦେଇ ଆସୁଛନ୍ତି। ରାଜ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଦୀର୍ଘ ବର୍ଷ ହେବ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରି ଆସୁଛି। ମାତ୍ର ନିକଟରେ ରାଜ୍ୟ ସରକାର ଆଇଏମ୍‌ଡିକୁ ଛାଡ଼ି ଘରୋଇ ପାଣିପାଗ ସଂସ୍ଥା 'ସ୍କାଏମେଟ୍' ଉପରେ ବେଶୀ ଭରସା କରିବା ପରେ ଆଇଏମ୍‌ଡିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟରେ ଡବଲ ଇଂଜିନ୍ ସରକାର ଚାଲୁଥିବା ନେଇ ଡିଙ୍ଗୁରା ପିଟାଯାଉଛି। ଡବଲ ଇଂଜିନ୍‌ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଳିଷ୍ଠ ସମ୍ପର୍କକୁ ଲୋକଙ୍କ ଆଗରେ ପ୍ରତିପାଦନ କରାଯାଉଛି। ମାତ୍ର ଅନ୍ୟପଟେ ଦିଲ୍ଲୀ ଇଞ୍ଜିନ୍‌ର ସରକାରୀ ସଂସ୍ଥାକୁ ଅଣଦେଖା କରି କାହିଁକି ପାଣିପାଗ ସଂକ୍ରାନ୍ତ ତଥ୍ୟ ନିମନ୍ତେ ରାଜ୍ୟ ସରକାର ଘରୋଇ ସଂସ୍ଥା ଉପରେ ଆସ୍ଥା ସ୍ଥାପନ କଲେ, ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ବୁଧବାର ପାଣିପାଗ ସୂଚନା ନେଟୱର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଲକ୍ଷ୍ୟ ନେଇ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଏମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ

## ଆଇଏମ୍‌ଡିକୁ ଛାଡ଼ି 'ସ୍କାଏମେଟ୍'କୁ ବାଛିଲେ ରାଜ୍ୟ ସରକାର

ହୋଇଛି। ସଂପୃକ୍ତ ସଂସ୍ଥା ରାଜ୍ୟ ସରକାରଙ୍କୁ ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ରାଜ୍ୟ ସରକାରଙ୍କୁ ଯୋଗାଇ ଦେବ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ଏହି କେନ୍ଦ୍ର ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। କୃଷି ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ ବୋଲି ନିଷ୍ପତ୍ତି ହୋଇଛି। ତେବେ ପୂର୍ବରୁ ଏହି କାମ ଆଇଏମ୍‌ଡି କରି ଆସୁଥିଲା। ଆଇଏମ୍‌ଡିର ତଥ୍ୟକୁ ଆଧାର କରି ରାଜ୍ୟ ସରକାର ବିଭିନ୍ନ କୃଷି ଯୋଜନା ସ୍ଥିର କରିବା ସହ ଚାଷୀମାନଙ୍କ ପାଇଁ ରଣନୀତି ପ୍ରସ୍ତୁତ କରୁଥିଲେ। ହେଲେ ସ୍କାଇମେଟ୍ ଏହି ଦାୟିତ୍ୱ ନିର୍ବାହ କରିବ। ▶ପୃଷ୍ଠା-୭

# ଖୋଲିଲା କଲମା; ଫୁଲିଲା ହୀରାକୁଦ

■ **ସମ୍ବଲପୁର, ୪।୭ (ସମିସ):** ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦର ଜଳସ୍ତର ୬୦୬.୦୨ ଫୁଟ୍ ରହିଥିଲା। ନଦୀବନ୍ଧର ସମସ୍ତ ସ୍ଲୁଇସ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୧,୬୨,୬୭୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲ-ୱେ, ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୬,୭୮୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡରେ ୧୫.୯୯ମିମି ଏବଂ ତଳମୁଣ୍ଡରେ ୫.୧୯ ମିମି ବର୍ଷା ହୋଇଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ସୂଚନାଯୋଗ୍ୟ ଯେ, ଆସନ୍ତା ୬ ତାରିଖ ସକାଳ ୧୦ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ଚଳିତବର୍ଷ ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜ ଜଳ ଛାଡ଼ିବା ଯୋଗୁଁ ଶୀଘ୍ର



## ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬୦୬.୦୨ ଫୁଟ୍

## ୬ରେ ଖୋଲିବ ୬ଟି ଗେଟ୍

ନିଷ୍କାସନ କରାଯାଉଥିବା ଅନୁମାନ କରାଯାଇଛି। ଅନ୍ୟପକ୍ଷରେ କଲମା ବ୍ୟାରେଜ୍‌ରେ ୬୬ଟି ଗେଟ୍ ମଧ୍ୟରୁ ୫୪ଟି ଗେଟ୍ ଖୋଲିଥିବା ସୂଚନା ମିଳିଛି। ଉପରମୁଣ୍ଡରେ ବର୍ଷାର ପରିମାଣ ▶ପୃଷ୍ଠା-୭

# ୧୪ ଯାଏଁ ବର୍ଷା

■ **ଭୁବନେଶ୍ୱର, ୪।୭ (ସମିସ):** ବର୍ତ୍ତମାନ ଉତ୍ତର ଓଡ଼ିଶା ନିକଟବର୍ତ୍ତୀ ଝାଡ଼ଖଣ୍ଡ ପାଖାପାଖି ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାସହ ଓଡ଼ିଶା ଉପରେ ମୌସୁମୀ ଟ୍ରଫ୍‌ଲାଇନ୍ ମଧ୍ୟ ଗତି କରିଛି। ଏହା ପ୍ରଭାବରେ ପ୍ରାୟ ସମଗ୍ର ରାଜ୍ୟରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ସ୍ଥିତି ପର୍ଯ୍ୟାୟକ୍ରମେ ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଆସନ୍ତା ୬ତାରିଖ ବେଳକୁ ଆଉ ଏକ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଉତ୍ତର ଓଡ଼ିଶା ଦେଇ ଗତି କରିବା ସମ୍ଭାବନା ଥିବା ବେଳେ ▶ପୃଷ୍ଠା-୭

# ପୁରୀ ହେବ ମହାନଗର ନିଗମ

■ **ଭୁବନେଶ୍ୱର, ୪।୭ (ସମିସ):** ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପୁରୀ ସହର ଏବଂ ଆଖପାଖ ପଞ୍ଚାୟତକୁ ନେଇ ପୁରୀ ମହାନଗର ନିଗମ ଗଠନ ହେବ। ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ପଞ୍ଚାୟତକୁ ମହାନଗର ନିଗମରେ ସାମିଲ କରାଯିବ; ଯାହାଫଳରେ ଏହି ପଞ୍ଚାୟତବାସୀ ସହରୀ ସୁବିଧା ପାଇପାରିବେ। ଆସନ୍ତାକାଲିଠାରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାମ୍ପ୍ରତିକ ସ୍ଥିତିରେ ପୁରୀ ପୌରପାଳିକା ଉଭୟ ଭକ୍ତ ଏବଂ

## ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର ପାଇଁ ଯୋଜନା

ସହରବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମର୍ଥ ହେଉନାହିଁ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ▶ପୃଷ୍ଠା-୭

# ରାଜ୍ୟ ବିଜେପିକୁ ପଡ଼ିଛି ଶନିଦଶା !

## ଅଘଟଣ, ବିବାଦ | ୯ ଦିନ ହେଲା ରାଜ୍ୟ ହୁଲସ୍ଥୁଲ


■ **ଭୁବନେଶ୍ୱର, ୪।୭ (ସମିସ):** ରାଜ୍ୟ ବିଜେପିକୁ ଶନିଦଶା ପଡ଼ିଛି। ରଥଯାତ୍ରାରୁ ବାହୁଡ଼ାଯାତ୍ରା ମଧ୍ୟରେ ଉଭୟ ସରକାର ଓ ସଂଗଠନ ଏକାଧିକ ଅଘଟଣ, ବିଭ୍ରାଟରେ ଛନ୍ଦି ହେବା ସହ ସାଧାରଣରେ ଲଜ୍ଜିତ ହୋଇଛନ୍ତି। ରଥଯାତ୍ରା ଦିନରୁ ଅଘଟଣ ଆରମ୍ଭ ହୋଇଥିବା ବେଳେ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଭଦ୍ରୋଚିତ, ଅରୁଚିକର ଟିପ୍ପଣୀ ବିଜେପିକୁ ସାଧାରଣରେ ନିନ୍ଦିତ କରିଛି। ଏହା ମଧ୍ୟରେ ଗୁଣ୍ଡିଚା ମନ୍ଦିରରେ ଦଳାଚକଟା ମୃତ୍ୟୁ, ଓଏଏସ ଅଧିକାରୀଙ୍କୁ ବିଜେପି ନେତାଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅଣନିଃଶ୍ୱାସୀ। ଦଳୀୟ ନେତା, କର୍ମୀ ଉଭୟ ଆଚରଣ ଏବଂ ଉଚ୍ଚାରଣ

### ରଥଯାତ୍ରା ବିବାଦରୁ ନୀଳଗିରି ବିଧାୟକଙ୍କ ଅଶାଳୀନ ଟିପ୍ପଣୀ ଯାଏଁ

### ନେତାଙ୍କ ବିଶୃଙ୍ଖଳା ଦଳ ଓ ସରକାରଙ୍କୁ କଲାଣି ଅଣନିଃଶ୍ୱାସୀ

ବୋଲ ମାନୁ ନ ଥିବା ବେଳେ ଏହା ଦଳ ପାଇଁ ଆଗାମୀ ଦିନରେ ଆହୁରି ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକ ଆଶଙ୍କା କରୁଛନ୍ତି।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମୋଦକ ଚୋରିରୁ ପୁରୀରେ ରଥଯାତ୍ରା ଅଘଟଣ ଆରମ୍ଭ ହୋଇଥିବା ବେଳେ ତାହା ଏଯାବତ୍ ଥମିବାର ନାଁ ଧରୁନାହିଁ। ରଥଯାତ୍ରା ଦିନ ୩ ରଥ ବିଳମ୍ବରେ ଟଣା ହେବା, ନନ୍ଦିଘୋଷ ରଥ ସନ୍ଧ୍ୟା ପରେ ନୀତି ବିରୋଧରେ ଯାଇ ଟଣାହେବାକୁ ନେଇ ଖୁବ୍ ସମାଲୋଚିତ ହୋଇଥିଲେ ସରକାର। ବିଭ୍ରାଟ ଏତିକିରେ ସମାପ୍ତ ହୋଇ ନ ଥିଲା। ଏହାପର ଦିନ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା କାରଣରୁ ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା। ଭୟଙ୍କର ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଏହି ଦଳାଚକଟା ଘଟିଥିବା ବେଳେ ଏହା ବିଶ୍ୱବ୍ୟାପୀ ▶ପୃଷ୍ଠା-୭

# ଆଉ ଆସିବନି 'କାଣ୍ଟା ଲଗା'ର ସିକ୍ୱେଲ



ମୁମ୍ବାଇ, ୪।୭ (ଏଜେନ୍ସି): 'କାଣ୍ଟା ଲଗା' ଗାର୍ଲ ଭାବେ ପରିଚିତ ଶେଫାଳି ଜରିୱାଲାଙ୍କ ମୃତ୍ୟୁ ସମସ୍ତଙ୍କୁ ଗଭୀର ଆଘାତ ଦେଇଛି। ଏବେ 'କାଣ୍ଟା ଲଗା' ଗୀତର ନିର୍ମାତାମାନେ ଏହି ଅଭିନେତ୍ରୀଙ୍କୁ ନିଆରା ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। 'କାଣ୍ଟା ଲଗା' ଗୀତର ଆଉ ସିକ୍ୱେଲ (ପରବର୍ତ୍ତୀ ସଂସ୍କରଣ) ଆସିବ ନାହିଁ ବୋଲି ଘୋଷଣା କରିଛନ୍ତି। ଏହି ଗୀତ କେବଳ ଶେଫାଳିଙ୍କର ହୋଇ ରହିବ। ଏହି ଗୀତର ନିର୍ଦ୍ଦେଶକ ରାଧିକା ରାଓ ଏବଂ ବିନୟ ସପ୍ରୁ କହିଛନ୍ତି ଯେ ଶେଫାଳି ଏକାକୀ 'କାଣ୍ଟା ଲଗା' ଗାର୍ଲ ହୋଇ ରହିବାକୁ ଚାହୁଁଥିଲେ। ତେଣୁ ଏହାର ସିକ୍ୱେଲ ଆଉ ନ ଆଣିବାକୁ ନିଷ୍ପତ୍ତି ନେଇଛୁ। ଏହି ଗୀତ ପାଇଁ ଶେଫାଳିଙ୍କୁ କାହିଁକି ନେଇଥିଲେ ମଧ୍ୟ ସେ କହିଛନ୍ତି। ରାଧିକ ଏବଂ ବିନୟ ଥରେ ଲିଙ୍କିଙ୍ଗ ରୋଡ୍‌ରେ ଏକ ଜଙ୍ଗଲ ରାସ୍ତା ଦେଇ ଯାଉଥିଲେ। ସେ ସମୟରେ ଜଣେ ଯୁବତୀ ନିଜ ମାଆଙ୍କୁ ଛୋଟ ପିଲାଙ୍କ ପରି କାନ୍ଧରେ ପକାଇ ସ୍କୁଟରରେ ରାସ୍ତା ପାର୍ ହେଉଥିଲେ। ଏହା ଦେଖି ଆମେ ସେହି ଯୁବତୀଙ୍କୁ କାଣ୍ଟା ଲଗା ଗୀତ ପାଇଁ ନେବାକୁ ସ୍ଥିର କରିଥିଲୁ।

# ରକିଂ ଜେଜେ ମା'



ଚଣ୍ଡିଗଡ଼, ୪।୭ (ଏଜେନ୍ସି): ବୟସ ୭୭ ବର୍ଷ। କିନ୍ତୁ କାମ ପିଲାଙ୍କ ପରି। ବୟସର ଅପରାହ୍ଣରେ ବି ସେ ଚଳ ଚଞ୍ଚଳ। ନିଜ ଷ୍ଟାଇଲରେ ସେ ଚହଳ ପକାଇ ଦେଇଛନ୍ତି। କେବଳ ରାଜ୍ୟରେ ନୁହେଁ, ଦେଶ ବିଦେଶରେ ବି ନାମ କମାଇଲେଣି। ନିଜ ସାହସିକତା ଏବଂ କଳାକୌଶଳ ପାଇଁ ସୋସିଆଲ ମିଡିଆରେ ସେ ଭାଇରାଲ ହୋଇ ଚାଲିଛନ୍ତି। ହାତରେ ବାଡ଼ି ଧରିଥିଲେ ବି କାମରେ ଅନେକଙ୍କୁ ମାତ୍ ଦେଇ ଦେଉଛନ୍ତି। ତାଙ୍କୁ ସମସ୍ତେ 'ରକିଂ ଜେଜେ ମା' ଡାକୁଛନ୍ତି। ସେ ହେଉଛନ୍ତି ହରିୟାଣା ସୋନିପତ ସ୍ଥିତ ହୁଲୈଡି ଗ୍ରାମର ବାସିନ୍ଦା ସାବୋ ଦେବୀ। ସେ ପ୍ରତ୍ୟେକ ଦିନ ୧୫ ଫୁଟ ଗଭୀର କେନାଲକୁ ପୋଲରୁ ଡେଉଁଛନ୍ତି। ସେ ହରିଦ୍ୱାରରେ ହରକି ପୈଡିରୁ ପହଁରି ଗଙ୍ଗା ପାର କରି ସାରିଛନ୍ତି। ଏହି ବୟସରେ ବି ସେ ସବୁ ଆହ୍ୱାନକୁ ସ୍ୱୀକାର କରୁଛନ୍ତି। ସେ ଅନେକ ଘଣ୍ଟା ପର୍ଯ୍ୟନ୍ତ ବରଫ ପାଣିରେ ଶୋଇ 'ବରଫ ଚ୍ୟାଲେଞ୍ଜ' ମଧ୍ୟ ସ୍ୱୀକାର କରିଛନ୍ତି। ସେ ପହଁରି ନାତି ସହିତ ୨ ଶିଶୁଙ୍କ ମଧ୍ୟ ଜୀବନ ବଞ୍ଚାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ତ୍ରିନିଦାଦ ଆଣ୍ଡ ଟୋବାଗୋର ସର୍ବୋଚ୍ଚ ସମ୍ମାନ



ପୋର୍ଟ ଅଫ୍ ସ୍ପେନ, ୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତ୍ରିନିଦାଦ୍ ଆଣ୍ଡ ଟୋବାଗୋର ସର୍ବୋଚ୍ଚ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି କ୍ରିଷ୍ଟିନ କଙ୍ଗାଲୁ ଶୁକ୍ରବାର ମୋଦୀଙ୍କୁ 'ଦ ଅର୍ଡର ଅଫ୍ ଦ ରିପବ୍ଲିକ ଅଫ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋ' ସମ୍ମାନ ପ୍ରଦାନ କରିଛନ୍ତି। ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ଦିଆଯାଇଛି। ଏଥିପାଇଁ ମୋଦୀ ତ୍ରିନିଦାଦର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ କମଳା ପରଦାସ-ବିସେସରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏ ପର୍ଯ୍ୟନ୍ତ ମୋଦୀଙ୍କୁ ୨୫ ଦେଶ ନିଜ ସର୍ବୋଚ୍ଚ ସମ୍ମାନ ଦେଇ ସମ୍ମାନିତ କଲେଣି। ଏହା ପୂର୍ବରୁ ମୋଦୀଙ୍କୁ ଘାନା ମଧ୍ୟ ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଥିଲା।

## ତାଲିବାନ ସରକାରକୁ ରୁଷ୍‌ର ମାନ୍ୟତା

କାବୁଲ/ମସ୍କୋ, ୪।୭(ଏଜେନ୍ସି): ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ରୁଷିଆ ଆନୁଷ୍ଠାନିକ ଭାବେ ମାନ୍ୟତା ପ୍ରଦାନ କରିଛି। ବିଶ୍ୱର ପ୍ରଥମ ଦେଶ ଭାବେ ରୁଷିଆ ଏହି ମାନ୍ୟତା ପ୍ରଦାନ କରିଛି। ଗୁରୁବାର ରାଜଧାନୀ କାବୁଲ୍‌ରେ ଆଫଗାନ ବିଦେଶମନ୍ତ୍ରୀ ଅମୀର ଖାନ ମୁତାକି ଓ ଆଫଗାନିସ୍ତାନର ରୁଷ୍ ରାଜଦୂତ ଦିମିତ୍ରି ଝିରନୋଭ ଏକ ବୈଠକରେ ମିଳିତ ହୋଇ ଏହି ଘୋଷଣା କରିଛନ୍ତି। ରୁଷ୍‌ର ଏହି ନିଷ୍ପତ୍ତିକୁ ତାଲିବାନ ସରକାର ଏକ ସାହସିକ ପଦକ୍ଷେପ ବୋଲି ଘୋଷଣା କରିଛି। ରୁଷ୍ ପରେ ଏବେ ଅନ୍ୟଦେଶମାନେ ମଧ୍ୟ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିବେ ଓ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ତାଲିବାନ ସରକାରଙ୍କ ତରଫରୁ କୁହାଯାଇଛି।

## ଗ୍ୟାସ୍ ଡିପୋରେ ବିସ୍ଫୋରଣ

ରୋମ, ୪।୭(ଏଜେନ୍ସି): ଇଟାଲୀ ରାଜଧାନୀ ରୋମର ଏକ ଗ୍ୟାସ ଡିପୋରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୨୧ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣ ପରେ ନିଆଁର ଏକ ପିଣ୍ଡୁଳା ଆକାଶରେ ଦେଖିବାକୁ ମିଳିଥିଲା। ସ୍ଥାନୀୟ ସମୟ ଅନୁସାରେ ସକାଳ ୮ଟାରେ ଏହି ବିସ୍ଫୋରଣ ଘଟିଥିଲା ଓ ଘଟଣାସ୍ଥଳରୁ ୩୦୦ ମିଟର ପର୍ଯ୍ୟନ୍ତ ଧୂଆଁ ଓ ପାଉଁଶ ବିଛାଡି ହୋଇ ପଡ଼ିଥିଲା। ଏହି ଡିପୋରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା।

## ସାନିଟାରୀ ପ୍ୟାଡ୍‌ରେ ରାହୁଲଙ୍କ ଫଟୋକୁ ନେଇ ବିବାଦ

ପାଟନା, ୪।୭ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ରାଜ୍ୟରେ ୫ ଲକ୍ଷ ମହିଳାଙ୍କୁ ସାନିଟାରୀ ପ୍ୟାଡ ବାଣ୍ଟିବାକୁ ନିଷ୍ପତ୍ତି ନେଇଛି। ଏହି ସାନିଟାରୀ ପ୍ୟାକେଟରେ ରାହୁଲ ଗାନ୍ଧୀଙ୍କ ଫଟୋ ରହିଛି। ତେଣୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ପ୍ୟାକେଟରେ ଲେଖା ହୋଇଛି ଯେ 'ମାଇ-ବହିନ ମାନ ଯୋଜନା, ଅଭାବୀ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ପ୍ରୋତ୍ସାହନ'। ବିହାର କଂଗ୍ରେସ ଅଧ୍ୟକ୍ଷ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ ଏହି ସୂଚନା ଦେଇଥିଲେ। ତେବେ ଏହା ବିହାର ମହିଳାଙ୍କ ପ୍ରତି ଅପମାନ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଦଳୀୟ ପ୍ରବକ୍ତା ଅଜୟ ଆଲୋକ କହିଛନ୍ତି ଯେ ଜାଣିଶୁଣି ଏଭଳି ଘୃଣ୍ୟ କାମ କରାଯାଉଛି।

### ଅପରେସନ ସିନ୍ଦୂର

# 'ସୀମାରେ ତିନି ଶତ୍ରୁ ସହ ଲଢ଼ିଥିଲା ଭାରତ'



- ଆହୁରି ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମ ଆବଶ୍ୟକ
- ଚୀନ ଅସ୍ତ୍ରଶସ୍ତ୍ରର ପ୍ରୟୋଗଶାଳା ଥିଲା ଯୁଦ୍ଧ
- ପାକିସ୍ତାନକୁ ଡ୍ରୋନ ଯୋଗାଇଥିଲା ତୁର୍କୀ


ନୂଆଦିଲ୍ଲୀ, ୪।୭(ଏଜେନ୍ସି): ଅପରେସନ ସିନ୍ଦୂର ନେଇ ଭାରତୀୟ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ଆର ସିଂ ବଡ଼ ମନ୍ତବ୍ୟ ଦେଇଛନ୍ତି। ୪ ଦିନର ଏହି ଛୋଟିଆ ଯୁଦ୍ଧରେ ଭାରତ ଗୋଟିଏ ସୀମାରେ ତିନି ଶତ୍ରୁ ଦେଶ ସହ ଲଢିଥିଲା ବୋଲି ସେ ଶୁକ୍ରବାର କହିଛନ୍ତି। ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ହୋଇଥିଲା। ତେବେ ଚୀନ୍ ଓ ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ବାକି ଯୁଦ୍ଧ ସରଞ୍ଜାମ ଯୋଗାଇଥିଲା। ଚୀନ ପାକିସ୍ତାନକୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଇଥିଲା ଓ ଭାରତ ବିପକ୍ଷରେ ଏହାର ପରୀକ୍ଷା କରାଇଥିଲା। ଭାରତକୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ପ୍ରୟୋଗଶାଳା ଭାବେ ଚୀନ୍ ବ୍ୟବହାର କରିଥିଲା। ଯଦିଓ ଏହି ଚାଲ ବିଫଳ ହୋଇଥିଲା। ଚୀନ୍ ଭାରତର ପ୍ରତ୍ୟେକ ରଣନୀତି ଓ ପଦକ୍ଷେପର ଲାଇଭ ଅପଡେଟ ପାକିସ୍ତାନ ସହ ସେୟାର କରୁଥିଲା। ସେହିପରି ତୁର୍କୀ ମାନବ ବିହୀନ ଉଡନ୍ତା ଯାନ ସହ ଡ୍ରୋନ ପାକିସ୍ତାନକୁ ଯୋଗାଇଥିଲା ଓ ଏଗୁଡିକ ଭାରତ ବିରୋଧରେ ପାକିସ୍ତାନ ପୂରା ଦମ୍‌ରେ ବ୍ୟବହାର କରିଥିଲା। ନୂଆଦିଲ୍ଲୀର ଏଫ୍‌ଆଇସିସିଆ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ନ୍ୟୁ ଏଜ ମିଲେଟ୍ରି ଟେକ୍ନୋଲୋଜିସ' ଇଭେଣ୍ଟରେ ଯୋଗ ଦେଇ ରାହୁଲ ଆର ସିଂ ଏହି କଥା କହିଛନ୍ତି।

ଅପରେସନ ସିନ୍ଦୂରରୁ ଆମେ ଏକାଧିକ ଅଭିଜ୍ଞତା ଓ ଶିକ୍ଷା ହାସଲ କରିବାରେ ସକ୍ଷମ ହୋଇଛୁ। ଏହି ଛୋଟିଆ ସଂଘର୍ଷରେ ଆମେ ଆଧୁନିକ ଯୁଦ୍ଧର କଳା ଶିକ୍ଷା ହାସଲ କରଛୁ। ଆହୁରି ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମର ଆବଶ୍ୟକତା ଅଛି ବୋଲି ଆମେ ହୃଦୟଙ୍ଗମ କରିଛୁ। ଏବେ ଭାରତ ଆଉ କୌଣସି ଆଘାତକୁ ବରଦାସ୍ତ କରିବ ନାହିଁ। ମୋଟ୍ ୨୧ଟି ଟାର୍ଗେଟକୁ ଆମେ ଚିହ୍ନିତ କରିଥିଲୁ। ଏଥିମଧ୍ୟରୁ ଆମେ ୯ଟି ନିଶାଣ କରିଥିଲୁ। ଶେଷ ମୁହୂର୍ତ୍ତରେ ଏହି ୯ଟି ଟାର୍ଗେଟ୍‌ରେ ମିସାଇଲ ମାଡ୍ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି। ଏବେ ଆହୁରି ଅଧିକ ଏୟାର ଡିଫେନ୍ସ ସିଷ୍ଟମ, କାଉଣ୍ଟର-ରକେଟ ଆର୍ଟିଲାରୀ ଡ୍ରୋନ୍ ଭଳି ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଓ ଆମକୁ ଦ୍ରୁତଗତିରେ ଆହୁରି ଆଗକୁ ବଢ଼ିବାକୁ ହେବ। ଇସ୍ରାଏଲ ପାଖରେ ଆଇରନ ଡୋମ୍ ଡିଫେନ୍ସ ସିଷ୍ଟମ ଓ ଅନ୍ୟ ଡିଫେନ୍ସ ସିଷ୍ଟମ ଅଛି। ଭାରତ ବିଶାଳ ହୋଇଥିବାରୁ ଆମ ପାଖରେ ଏଭଳି ସୁବିଧା ନାହିଁ। ଏଭଳି ସୁବିଧା ହାସଲ କରିବାକୁ ହେଲେ ବହୁତ ଅର୍ଥ ବ୍ୟୟ କରିବାକୁ ହେବ। ଫଳରେ ଆମକୁ ଆହୁରି ଆଗକୁ ବଢ଼ିବାକୁ ହେବ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି, ଜମ୍ମୁର ପହଲଗାମ୍‌ରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ଆକ୍ରମଣ କରି ୨୬ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ। ଏଥିରେ ହିନ୍ଦୁ ଧର୍ମକୁ ହିଁ ଟାର୍ଗେଟ କରାଯାଇଥିଲା। ଏହାର ଜବାବରେ ଭାରତ ଅପରେସନ ସିନ୍ଦୂର ମେ ୭ରେ ଆରମ୍ଭ କରିଥିଲା। ପାକିସ୍ତାନର ୯ଟି ଆତଙ୍କୀ ଠିକଣାରେ ମିସାଇଲ ମାଡ କରି ଭାରତ ଅତିକମ୍‌ରେ ୧୦୦ ଆତଙ୍କବାଦୀଙ୍କୁ ନିପାତ କରିଥିଲା। ତେବେ ମେ ୧୦ ସନ୍ଧ୍ୟା ୫ଟରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷିତ ହୋଇଥିଲା।

## ବିବାଦୀୟ ନୁହଁ ମଥୁରାର ଶାହି ଇଦ୍‌ଗାହ ମସଜିଦ୍: ହାଇକୋର୍ଟ

ପ୍ରୟାଗରାଜ, ୪।୭(ଏଜେନ୍ସି): ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଓ ଶାହି ଇଦ୍‌ଗାହ ମସ୍‌ଜିଦ୍ ବିବାଦ ଏବେ ନୂଆ ମୋଡ ନେଇଛି। ମଥୁରାର ଶାହି ଇଦ୍‌ଗାହ ମସଜିଦ୍‌ର ବିବାଦୀୟ ଢାଞ୍ଚା ବିବାଦୀୟ ନୁହେଁ ବୋଲି କୋର୍ଟ କହିଛନ୍ତି। ଫଳରେ ଏହି ମାମଲାରେ ହିନ୍ଦୁ ପକ୍ଷକୁ ବଡ଼ ଝଟ୍‌କା ଲାଗିଛି। ଏହି ଢାଞ୍ଚାକୁ ବିବାଦୀୟ ବୋଲି ଘୋଷଣା କରିବାକୁ କୋର୍ଟ ମନା କରିଦେଇଛନ୍ତି। ଗତ ଶୁଣାଣିରେ ଦୁଇପକ୍ଷ ମଧ୍ୟରେ ଜବରଦସ୍ତ ତର୍କ ହୋଇଥିଲା ଓ କୋର୍ଟ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିଲେ। ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ତେବେ ଏହି ରାୟ ଅନ୍ୟ ଆବେଦନଗୁଡିକ ଉପରେ କୌଣସି



ପ୍ରଭାବ ପକାଇବା ନାହିଁ। କିନ୍ତୁ ଶାହି ଇଦ୍‌ଗାହ ମସଜିଦ ପକ୍ଷ ଏହାକୁ ଏକ ବଡ଼ ବିଜୟ ବୋଲି ଅବିହିତ କରିଛି। ଅଗଷ୍ଟ ୨ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ଓ ଏବେ ଏହା ଉପରେ ସମସ୍ତଙ୍କ ନଜର ରହିଛି। ଶ୍ରୀକୃଷ୍ଣ ଜନ୍ମଭୂମୀ ଉପରେ ଅବସ୍ଥିତ ଅତି ପ୍ରାଚୀନ ମନ୍ଦିରକୁ ଭାଙ୍ଗି ୧୬୭୦ରେ ଔରଙ୍ଗଜେବ୍ ଏହି ମସଜିଦ ନିର୍ମାଣ କରିଥିଲେ ବୋଲି ହିନ୍ଦୁ ପକ୍ଷ ଦାବି କରିଆସୁଛନ୍ତି। ଗତ ମାର୍ଚ୍ଚ ୫ରେ ଏ ନେଇ ଏହି ଢାଞ୍ଚାକୁ ବିବାଦିତ ବୋଲି ଘୋଷିତ କରିବା ପାଇଁ ପିଟିସନ ଦାଏର କରାଯାଇଥିଲା। ମେ ୨୩ରେ ଏ ନେଇ ଦୁଇ ପକ୍ଷ ମଧ୍ୟରେ ତର୍କ ଶେଷ ହୋଇଥିଲା।

## ୟୁକ୍ରେନ ଉପରେ ରୁଷିଆର ୫୫୦ ମିସାଇଲ, ଡ୍ରୋନ ମାଡ଼



ମସ୍କୋ, ୪।୭(ଏଜେନ୍ସି): ରୁଷିଆ ଶୁକ୍ରବାର ସକାଳେ ୟୁକ୍ରେନ ଉପରେ ପୁଣି ଜୋର୍‌ଦାର୍ ଆକ୍ରମଣ କରି ୫୫୦ ମିସାଇଲ ଓ ଡ୍ରୋନ ମାଡ଼ କରିଛି। ତେବେ ଏଥିମଧ୍ୟରୁ ୨୭୦ ମିସାଇଲ୍‌କୁ ଆକାଶରେ ହିଁ ନିଷ୍ଟ କରାଯାଇଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ଦାବି କରିଛନ୍ତି। ସେହିପରି ୩୩୦ ଡ୍ରୋନ ମଧ୍ୟରୁ ୨୦୮ଟିକୁ ଇଲେକଟ୍ରୋନିକ ସିଷ୍ଟମ ମାଧ୍ୟମରେ ନିଷ୍କ୍ରିୟ କରିଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଡ୍ରୋନଗୁଡିକ ଇରାନରେ ତିଆରି ହୋଇଥିଲା। ୟୁକ୍ରେନ ରାଜଧାନୀ କିଭ୍‌କୁ ଲକ୍ଷ୍ୟ କରି ଏହି ଡ୍ରୋନ ଓ ମିସାଇଲ ଛଡା ଯାଇଥିଲା। କିଭ୍ ବ୍ୟତୀତ ଖାର୍କିଭ୍, ସୁମୀ, ଦନିପ୍ରୋ, ଚୋନିହିବ ସହର ଓ ଆଖାପାଖ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି। ଏହି ଆକ୍ରମଣରେ ଅତିକମ୍‌ରେ ୨୩ ଜଣ ଲୋକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣରେ କିଭ୍‌ର ଆପାର୍ଟମେଣ୍ଟ ବିଲ୍ଡିଂ, ଦୋକାନ, ଗୋଟିଏ ସ୍କୁଲ, ଗୋଟିଏ ହସ୍ପିଟାଲ, ରେଳ ଲାଇନ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମୀ କ୍ଷତିଗ୍ରସ୍ତ ହୋଇଛି ବୋଲି କୁହାଯାଇଛି। ରୁଷିଆର ଏହି ଆକ୍ରମଣ ଜୁଲାଇ ୩ ରାତି ୧୦ଟାରୁ ଆରମ୍ଭ ହୋଇ ୪ ତାରିଖ ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା।


## ସଂକ୍ରମଣ ଚିକିତ୍ସା କରାଇବାକୁ ଯାଇ ଗୁପ୍ତାଙ୍ଗ ହରାଇଲେ

ଗୌହାଟୀ, ୪।୭(ଏଜେନ୍ସି): ଆସାମର କଚର ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨୮ ବର୍ଷୀୟ ଜଣେ ବ୍ୟକ୍ତି ସଂକ୍ରମଣର ଚିକିତ୍ସା କରିବାକୁ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଡାକ୍ତର ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବାର ଅଭିଯୋଗ ହୋଇଛି। ଏହି ବ୍ୟକ୍ତି ଜଣକ ହେଉଛନ୍ତି ମଣିପୁର ରାଜ୍ୟର ଜିରିବାମ୍ ଜିଲ୍ଲାର ଅତିକୁର ରହମାନ। ଗୁପ୍ତାଙ୍ଗରେ ସଂକ୍ରମଣ କାରଣରୁ ଜୁନ୍ ୧୯ରେ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କର ବାୟୋପସୀ ଟେଷ୍ଟ ହୋଇଥିଲା। ତେବେ ପରାମର୍ଶ ବିନା ଡାକ୍ତର ତାଙ୍କ ଗୁପ୍ତାଙ୍ଗକୁ କାଢି ନେଇଥିଲେ। ଏ ନେଇ ପୁଲିସ୍‌ରେ ସେ ଅଭିଯୋଗ କରିଛନ୍ତି। ହସ୍ପିଟାଲ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଏବେ ମୋର ଜୀବନ ଶେଷ ହୋଇଛି ବୋଲି ରହମାନ କହିଛନ୍ତି। ଏ ନେଇ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିଛନ୍ତି।

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

## ଭଗବାନଙ୍କୁ ନ୍ୟାୟରେ ଦେଖନ୍ତୁ; ନ୍ୟାୟଧୀଶଙ୍କଠାରେ ନୁହେଁ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଏକ ମନ୍ଦିର ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ବିଚାରପତିଙ୍କଠାରେ ନୁହେଁ, ବରଂ ନ୍ୟାୟରେ ଭଗବାନଙ୍କୁ ଦେଖନ୍ତୁ ବୋଲି ଜଷ୍ଟିସ ଏମଏମ ସୁନ୍ଦରେଶ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲା ଲଢୁଥିବା ଓକିଲ ଓହରିବା ପାଇଁ ଅନୁମତି ମାଗିଥିଲେ। ଆବେଦନକାରୀ ସହଯୋଗ କରୁ ନ ଥିବା କହିଥିଲେ। ଏହା ସହିତ ଗୁରୁତର ଅଭିଯୋଗ ଲଗାଇ ଓକିଲଙ୍କୁ ଆଇନଗତ ନୋଟିସ ପଠାଇ ଥିଲେ। ନୋଟିସରେ କୁହାଯାଇଥିଲା ଯେ ଓକିଲଙ୍କ ମାଧ୍ୟମରେ ବିଚାରପତିଙ୍କୁ ଫସା ଯାଉଛି। ଏହା ଉପରେ ଜଷ୍ଟିସ ସୁନ୍ଦରେଶ କହିଥିଲେ ଯେ ବିଚାରପତି ସରକାରୀ ଚାକିରିଆ ହୋଇଥାନ୍ତି। ଆମଠାରେ ଭଗବାନଙ୍କୁ ଦେଖନାହିଁ। ଦୟାକରି ନ୍ୟାୟରେ ଭଗବାନଙ୍କୁ ଦେଖନ୍ତୁ। ଏହା ସହିତ କୋର୍ଟ ଓକିଲଙ୍କୁ ମାମଲାରୁ ହଟିବା ପାଇଁ ଅନୁମତି ଦେଇଥିଲେ।



### ଅହମଦାବାଦ ବିମାନ ଦୁର୍ଘଟଣା

## କ୍ଷତିପୂରଣ ଦେବାକୁ ଏୟାର ଇଣ୍ଡିଆ କୁଣ୍ଠିତ

ନୂଆଦିଲ୍ଲୀ, ୪।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ଏୟାର ଇଣ୍ଡିଆ ଏବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ କୁଣ୍ଠିତ ହେଉଛି ଓ ଏଥିରୁ ବର୍ଞ୍ଚିବାକୁ ଚାହୁଁଛି। ଏନେଇ ୪୦ଟିରୁ ଅଧିକ ପୀଡିତ ପରିବାରର କେସ ଲଢୁଥିବା ବ୍ରିଟେନର ଆଇନଗତ ତଥା ଲ ଫାର୍ମ ଷ୍ଟିୱାର୍ଟ ଅଭିଯୋଗ କରିଛି। ଷ୍ଟିୱାର୍ଟ ୪୦ରୁ ଅଧିକ ପୀଡିତ ପରିବାର ପାଇଁ କେସ ଲଢୁଛି। ଏୟାର ଇଣ୍ଡିଆ ପୀଡିତ ପରିବାର ସଦସ୍ୟଙ୍କଠାରୁ ଆଇନଗତ ଉପାୟରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସ୍ଥିତି ସମ୍ପର୍କରେ ସୂଚନା ମାଗୁଛି ବୋଲି ଷ୍ଟୁଆର୍ଟର ଓକିଲ ପିଟର ନିନାନ କହିଛନ୍ତି। ଏହା ଦ୍ୱାରା କ୍ଷତିପୂରଣର ପରିମାଣ କମ୍ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏୟାର ଇଣ୍ଡିଆ ପୀଡିତ ପରିବାରର ସଦସ୍ୟଙ୍କୁ ଅନୈତିକ ଓ ଅପମାନଜନକ ବ୍ୟବହାର କରୁଛି। ଏହି କ୍ରମରେ ଏୟାର ଇଣ୍ଡିଆ ୧୦୫୦ କୋଟି ଟଙ୍କା ବଞ୍ଚାଇବାକୁ ଚାହୁଁଛି ବୋଲି ସେ କହିଛନ୍ତି। ଏହି ମାମଲାର ଯାଞ୍ଚ ହେବା ଜରୁରୀ। ସେ ନିଜର କ୍ଲାଏଣ୍ଟମାନଙ୍କୁ ଫର୍ମ ପୂରଣ ନ କରିବାକୁ ଓ କ୍ଷତିପୂରଣ ପାଇବାକୁ ଆଇନଗତ ମାର୍ଗରେ ଯିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଏହି ଅଭିଯୋଗକୁ ଏୟାର ଇଣ୍ଡିଆ ପ୍ରତ୍ୟାଖାନ କରିଛି। ଉଲ୍ଲେଖଥାଉ କି, ଜୁନ୍ ୧୨ରେ ଘଟିଥିବା ବିମାନ ଦୁର୍ଘଟଣାରେ ୨୭୫ଜଣ ପ୍ରାଣ ହରାଇଥିଲେ। ବିମାନରେ ୨୪୨ ଜଣ ଯାତ୍ରୀ ଥିଲେ। ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ବିମାନ ଯେଉଁ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା ସେଠାରେ ୨୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଟେକ୍‌ଅଫ୍ କରିବାର ମାତ୍ର କେତେ ସେକେଣ୍ଡ ପରେ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

### ଚେତାବନୀ ଦେଲା ଡିଜିସିଏ

ଭାରତୀୟ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିଭିନ୍ନ ସମସ୍ୟା ନେଇ ଏୟାର ଇଣ୍ଡିଆକୁ ଚେତାବନୀ ଦେଇଛି। ଏୟାର ବସ ଏ୩୨୦ର ଇଞ୍ଜିନକୁ ଠିକ୍ ଟାଇମ୍‌ରେ ମରାମତି ତଥା ବଦଳ ନଯିବା, ଏନେଇ ରେକର୍ଡରେ ଠକାମୀକୁ ନେଇ ଏୟାର ଇଣ୍ଡିଆକୁ ସତର୍କ କରାଇଦିଆଯାଇଛି। ପୂର୍ବରୁ ଏ ନେଇ ୟୁରୋପିଆନ ୟୁନିୟନ ସେଫ୍ଟି ଏଜେନ୍ସି ୨୦୨୩ରେ ଅସୁରକ୍ଷିତ ବିମାନ ଯାତ୍ରା ନେଇ ସତର୍କ କରାଇଥିଲା। ଠିକ୍ ସମୟରେ ଇଞ୍ଜିନକୁ ବଦଳାଇବା ଉପରେ ଏହି ଏଜେନ୍ସି ଗୁରୁତ୍ୱ ଦେଇଥିଲା।

# ୪୨ ବର୍ଷର ଆଇନଗତ ଲଢ଼େଇ ପରେ ମିଳିଲା ନ୍ୟାୟ


- ୩,୫୯୬ ଟଙ୍କା ପାଇଁ ବହିଷ୍କାର କରିଥିଲା ଶିକ୍ଷା ବିଭାଗ



ଜବଲପୁର, ୪।୭ (ଏଜେନ୍ସି): ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କରୁଣ ଚିତ୍ର ମଧ୍ୟପ୍ରଦେଶରୁ ସାମ୍‌ନାକୁ ଆସିଛି। ଅନ୍ୟାୟର ଶିକାର ହୋଇଥିବା ଜଣେ ଶିକ୍ଷକଙ୍କୁ ନ୍ୟାୟ ମିଳିବାକୁ ୪୨ ବର୍ଷ ଲାଗି ଯାଇଛି। ୪୪ ବର୍ଷରେ ଭୁଲ୍ ନ କରି ଦଣ୍ଡ ମିଳିଥିବାଲେ ୮୬ ବର୍ଷରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଦୀର୍ଘ ବର୍ଷର ଆଇନଗତ ଲଢେଇ, ସାମାଜିକ ଉପେକ୍ଷା ଏବଂ ଉତ୍କଟ ଆର୍ଥିକ ସ୍ଥିତିରେ ପଡ଼ି ମଧ୍ୟ ବୈତୁଲ ଜିଲ୍ଲାର ଏହି ବୃଦ୍ଧ ଶିକ୍ଷକ ମାନକରାମ ସୂର୍ଯ୍ୟବଂଶୀ ନ୍ୟାୟ ପାଇଁ ଲଢେଇ କରି ଚାଲିଥିଲେ। ହାର୍ ନ ମାନି ସଂଘର୍ଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଚାରି ଦଶନ୍ଧି ହେଲା କୋର୍ଟକୁ ଧାଇଁଥିଲେ। ଏବେ ହାଇକୋର୍ଟଙ୍କ ରାୟ ତାଙ୍କୁ ନ୍ୟାୟ ଦେଇଛି। ୧୯୮୩ରେ ଗୁରୁତର ଅଭିଯୋଗ ଲାଗିବା ପରେ ତାଙ୍କୁ ଚାକିରିରୁ ବରଖାସ୍ତ କରି ଦିଆଯାଇଥିଲା। ସେତେବେଳକୁ ତାଙ୍କୁ ୪୪ ବର୍ଷ ହୋଇଥିଲା। ପେନ୍‌ସନ୍ ମଧ୍ୟ ଅଟକାଇ ଦିଆଯାଇଥିଲା। ଆର୍ଥିକ ସ୍ଥିତି ବିଗିଡିବାରୁ ପୈତୃକ ଘର ଏବଂ ଅଢେଇ ଏକର ଜମି ବି ବିକିବାକୁ ପଡ଼ିଥିଲା। ହାଇକୋର୍ଟରେ ୨୩ ବର୍ଷ ମାମଲା ପଡି ରହିବା ପରେ ଗତ ୨୫ ତାରିଖରେ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଏବେ ବିନା ନୋଟିସ୍‌ରେ ବରଖାସ୍ତ କରିଥିବାରୁ ଶିକ୍ଷା ବିଭାଗ ବିରୋଧରେ ମାମଲା ଦାଏର କରିବେ।

ମାନକରାମ ୧୯୭୨ରେ ବୈତୁଲାରେ ଥିବା ସରକାରୀ ସ୍କୁଲ ରତେଡାରେ ନିଯୁକ୍ତି ପାଇଥିଲେ। ସେ ପିଲାଙ୍କୁ ପଢ଼ାଇବା ସହିତ ପୋଷ୍ଟ ଅଫିସରେ ଏଜେଣ୍ଟ ଭାବେ କାମ କରୁଥିଲେ। ଏଥିପାଇଁ ତାଙ୍କୁ କମିଶନ ମିଳୁଥିଲା। ଦୂରରେ ଡାକଘର ଥିବାରୁ ମାନକରାମ ସପ୍ତାହକୁ ଥରେ ଯାଇ ଡାକ ଘରେ ଟଙ୍କ ଜମା କରି ଆସୁଥିଲେ। ୧୯୮୪ରେ ରତେଡା ଗ୍ରାମର ଚାଷୀ କହ୍ନେୟା ସାହୁ ତାଙ୍କୁ ୩,୫୯୬ ଟଙ୍କା ଜମା କରିବାକୁ ଦେଇଥିଲେ। ଦୁଇ ଦିନ ପରେ ଜରୁରୀ ଥିବାରୁ କହ୍ନେୟା ଟଙ୍କା ଉଠାଇବା ପାଇଁ ଡାକଘରକୁ ଯାଇଥିଲେ। କିନ୍ତୁ ସେଠାରେ ଟଙ୍କା ଜମା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେଇଥିଲେ। ପୁଲିସ ମାନକରାମଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ୧୯୯୩ ଜାନୁଆରୀ ୨୮ରେ ସେସନ କୋର୍ଟ 'କୋର୍ଟ ଉଠିବା ପର୍ଯ୍ୟନ୍ତ' ତାଙ୍କୁ ଦଣ୍ଡ ଶୁଣାଇ ଥିଲେ। କିନ୍ତୁ ମାନକରାମ ଏହି ରାୟକୁ ଏଡିଜେ କୋର୍ଟରେ ବିରୋଧ କରିଥିଲେ। ମାତ୍ର ୨୦୦୦ ମସିହା ସେପ୍ଟେମ୍ବରରେ ଏଡିଜେ କୋର୍ଟ ପୂର୍ବର ରାୟକୁ କାଏମ ରଖିଥିଲେ। ପରେ ଏହାକୁ ବିରୋଧ କରି ମାନକରାମ ସେହି ବର୍ଷ ମଧ୍ୟପ୍ରଦେଶ ହାଇକୋର୍ଟ ଯାଇଥିଲେ। ୨୦୨୫ରେ ଏହି ମାମଲାର ଶୁଣାଣି ହୋଇଛି। ଆବେଦନକାରୀଙ୍କ ଓକିଲ ମୋହନ ଶର୍ମା କହିଛନ୍ତି ଯେ ବିନା କୌଣସି ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କାରଣ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ପ୍ରମାଣ ନ ଥିଲା। ବ୍ୟାଙ୍କବାଲା ପାସ୍‌ବୁକ ଏବଂ ରେଜିଷ୍ଟରରେ ଚଢ଼ାଇ ନ ଥିଲେ ବୋଲି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆବେଦନକାରୀ ଶିକ୍ଷକ ଥିଲେ। ତାଙ୍କର କୌଣସି ଆପରାଧିକ ପ୍ରବୃତ୍ତି ନ ଥିଲା। ଟ୍ରାଏଲ କୋର୍ଟଙ୍କ ନିଷ୍ପତ୍ତି ଠିକ୍ ନ ଥିଲା।

## ପ୍ରଥମ ଦିନରେ ଅମରନାଥ ଦର୍ଶନ କଲେ ୧୨, ୩୪୮ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ, ୪।୭(ଏଜେନ୍ସି): ବିଶ୍ୱ ପ୍ରସିଦ୍ଧ ଅମରନାଥ ଯାତ୍ରା ଜୁଲାଇ ୩ରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ସନ୍ଧ୍ୟା ୭.୧୫ ପର୍ଯ୍ୟନ୍ତ ୧୨, ୩୪୮ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫାରେ ସ୍ଥିତ ହିମ ଶିବଲିଙ୍ଗକୁ ଦର୍ଶନ କରିଛନ୍ତି। ଏଥିରେ ୮, ୧୮୧ ପୁରୁଷ ଓ ୨, ୨୨୩ ମହିଳା ଶ୍ରଦ୍ଧାଳୁ ସାମିଲ ରହିଛନ୍ତି। ଏଥିସହ ୯୯ ପିଲା, ୧୨୨ ସାଧୁ, ୭ ସାଧ୍ୱୀ, ୭୦୮ ଜଣ ସୁରକ୍ଷାକର୍ମୀ ଓ ୮ ଜଣ ଟ୍ରାନ୍ସଜେଣ୍ଡର ଶ୍ରଦ୍ଧାଳୁ ମଧ୍ୟ ଦର୍ଶନ ପାଇଁ ସେଠାରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୫୨୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟର ଯାତ୍ରା ଗୁରୁବାର ସନ୍ଧ୍ୟାରୁ ଜମ୍ମୁର ଭଗବତୀନଗର ବେସ୍ କ୍ୟାମ୍ପରୁ ଆରମ୍ଭ ହୋଇଥିଲା। ଏହି ଶ୍ରଦ୍ଧାଳୁମାନେ ଶୁକ୍ରବାର ଦ୍ୱିପହର ୨ଟାରେ ପହଲଗାମ ବେସ୍‌କ୍ୟାମ୍ପରେ ପହଞ୍ଚିଯାଇଥିଲେ। ସେହିପରି ଶୁକ୍ରବାର ଭୋର ୪ଟାରେ ୬୪୦୦ ଜଣ ଯାତ୍ରୀଙ୍କୁ ନେଇ ତୃତୀୟ ପର୍ଯ୍ୟାୟର ଯାତ୍ରା ଆରମ୍ଭ ହୋଇଛି। ଏବର୍ଷ ଏପର୍ଯ୍ୟନ୍ତ ୩.୫ ଲକ୍ଷରୁ ଉର୍ଦ୍ଧ୍ୱ ଯାତ୍ରୀ ଯାତ୍ରା ପାଇଁ ପଞ୍ଜିକରଣ କରିଛନ୍ତି। ସେହିପରି ଉତ୍ତରପ୍ରଦେଶରୁ ଆସିଥିବା ଜଣେ ଯାତ୍ରୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି।

**ଭକ୍ତଙ୍କୁ 'ଦର୍ଶନ ଧୋକ୍କା'**

# ଆଗୁଆ ବନ୍ଦ କରିଦେଲେ ସନ୍ଧ୍ୟା ଦର୍ଶନ

ପୁରୀ, ୪।୭ (ସମିସ): ଭକ୍ତଙ୍କୁ 'ସନ୍ଧ୍ୟା ଦର୍ଶନ' ଧୋକ୍କା ଦେଲା ପ୍ରଶାସନ। ଶୁକ୍ରବାର 'ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ'। ଖୋଦ୍ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଥିଲା। ହେଲେ କଥା ରଖିଲାନି



## ମନ ଦୁଃଖରେ ଫେରିଗଲେ ଶ୍ରଦ୍ଧାଳୁ

## ସରିଲା ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା

ମନ୍ଦିର ପ୍ରଶାସନ, ଶହଶହ ଭକ୍ତଙ୍କୁ ଧୋକ୍କା ଦେଲା। ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନ କରି ନପାରି ମନଦୁଃଖରେ ଫେରିଗଲେ ବହୁ ଶ୍ରଦ୍ଧାଳୁ। ପୁଲିସ୍ ସେମାନଙ୍କୁ ବ୍ୟାରିକେଡ୍ ଭିତରୁ ଘଉଡ଼ାଇ ବିଦା କଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ସେମାନେ ନିରୁପାୟ। କହିବେ କାହାକୁ, ଶୁଣିବ କିଏ? ଏଭଳି ନ୍ୟାୟରେ ଶରଧାବାଲିକୁ ମଥାରେ ବୋଳି ଅନେକ ଭକ୍ତ ମନଦୁଃଖରେ ଘରକୁ ଫେରିଛନ୍ତି।

ଶୁକ୍ରବାର ଥିଲା ଆଷାଢ଼ ଶୁକ୍ଳ ନବମୀ। ଏହି ପବିତ୍ର ତିଥିରେ ଆଡ଼ପମଣ୍ଡପରେ ସନ୍ଧ୍ୟା ଦର୍ଶନର ଦୁର୍ଲଭ ସୁଯୋଗ ପାଇଥା'ନ୍ତି ଶ୍ରଦ୍ଧାଳୁ। ଭୋର୍ ୪ଟା ୩୦ରେ ଦ୍ୱାର ଫିଟିବା ପୂର୍ବରୁ ଦାରୁବିଗ୍ରହଙ୍କ ଦର୍ଶନ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଭୋର୍ ୫ଟା ୧୫ରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ହୋଇଥିଲା। ପରେ ଧାର୍ଯ୍ୟ ସମୟ ଅନୁସାରେ ଦର୍ଶନ ଆରମ୍ଭ ହୋଇଥିଲା। ଅନୁକୂଳ ପାଗ ସାଙ୍ଗକୁ ନୀତିକାନ୍ତି ସଅଳ ଚାଲିଥିଲା। ଫଳରେ ଶୀଘ୍ର ବାହାରିଥିଲା ଆଡ଼ପ ଅବଢ଼ା। ହଜାର ହଜାର ଭକ୍ତ ଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରରେ ଅବଢ଼ା ପାଇ ତୃପ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ପାଇଁ ଜନ୍ମବେଦୀରେ ମହାପ୍ରଭୁଙ୍କ ଲୀଳା ଶେଷ ହୋଇଛି।

ଦିନତମାମ ଭକ୍ତ ଧାଡ଼ିରେ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ଜଗମୋହନରେ ଦର୍ଶନ କରି ନାକଚଣା ଦ୍ୱାର ଦେଇ ବାହାରକୁ ଆସୁଥିଲେ। ପାଗ ମଧ୍ୟ ବେଶ୍ ଭଲ ଥିଲା। ଖରା ନଥିଲା, ଝିପିଝିପି ବର୍ଷା ବି ହେଉଥିଲା। କିନ୍ତୁ ଏହି ବର୍ଷା ଭଗବାନଙ୍କ ଦର୍ଶନରେ ବାଧକ ସାଜି ନଥିଲା। ବର୍ଷାରେ ଭିଜି ଭକ୍ତମାନେ ଖୁସିରେ ଯାଇ ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଫେରୁଥିଲେ। ମହାପ୍ରଭୁଙ୍କ ନୀତି ସଅଳ ଚାଲିଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆଡ଼ପମଣ୍ଡପରେ ଚଳିତବର୍ଷ ଲାଗି ମହାପ୍ରଭୁଙ୍କର ଶେଷ ଦର୍ଶନ କରିଥିଲେ।

ସକାଳ ୮ଟା ୫ରେ ଗୋପାଳବଲ୍ଲଭ ସରିଥିବା ବେଳେ ୯ଟା ୫ରେ ସକାଳ ଧୂପ ବଢ଼ିଥିଲା। ପୂର୍ବାହ୍ନ ୧୦ଟା ୪୦ରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ଆଡ଼ପ ଅବଢ଼ା। ସଅଳ ଅବଢ଼ା ବାହାରିଥିବାରୁ ଭକ୍ତମାନେ ଆଡ଼ପ ଅବଢ଼ା ପାଇ ଖୁସି ହୋଇଥିଲେ। ଅନ୍ୟପକ୍ଷରେ ଶହଶହ ଶ୍ରଦ୍ଧାଳୁ କିନ୍ତୁ ଦର୍ଶନ ନ ପାଇ ମନଦୁଃଖରେ ଫେରିଥିଲେ। ବାହୁଡ଼ା ଯାତ୍ରା ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ଘୋଷଣା କରିଥିଲା। ଏହି ସମୟକୁ ଆଖି ଆଗରେ ରଖି ଅନେକ ଶ୍ରଦ୍ଧାଳୁ ଅପରାହ୍ଣ ୫ଟା ସୁଦ୍ଧା ଧାଡ଼ିରେ ଥିଲେ। ହେଲେ ଅଚାନକ ଅପରାହ୍ଣ ୫ଟାରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ କରିଦିଆଯାଇଥିଲା। ଶ୍ରଦ୍ଧାଳୁମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ସନ୍ଧ୍ୟା ୬ଟା କହିଥିଲ, ଏବେ କାହିଁକି ବନ୍ଦ କରିଦେଲେ ବୋଲି ପ୍ରଶ୍ନ କରିବାରୁ ପୁଲିସ୍ ବ୍ୟାରିକେଡ୍ ଭିତରୁ ଭକ୍ତଙ୍କୁ ଘଉଡ଼ାଇ ବାହାର କରିଦେଇଥିଲା। ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସେନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରାୟ ପ୍ରତିବର୍ଷ ଭକ୍ତଙ୍କ ଗହଳିକୁ ଦେଖି ପ୍ରଶାସନ ଅଧଘଣ୍ଟାଏ ପର୍ଯ୍ୟନ୍ତ ଦର୍ଶନ ସମୟ ବୃଦ୍ଧି କରିଥାଏ। ହେଲେ ଏଥର ଘଣ୍ଟାଏ ପୂର୍ବରୁ ବନ୍ଦ କରିଦେଲେ।

ନୟାଗଡ଼ ଗଣିଆରୁ ଆସିଥିବା ପାର୍ବତୀ ସାହୁ କହିଛନ୍ତି, ସନ୍ଧ୍ୟା ଦର୍ଶନ କରିବାକୁ ସପରିବାର ଆସିଥିଲୁ। ବସ୍‌ରେ ଆସି ତାଳବଣିଆରେ ପହଞ୍ଚିବା ପରେ ବର୍ଷା ଯୋଗୁଁ ସେଠାରୁ ଆସିବା ବିଳମ୍ବ ହୋଇଥିଲା। ତଥାପି ୫ଟା ୧୦ସୁଦ୍ଧା ବ୍ୟାରିକେଡ୍‌ରେ ପହଞ୍ଚି ଯାଇଥିଲୁ। କିନ୍ତୁ, ଶୁଣିବାକୁ ପାଇଲୁ ସିଂହଦ୍ୱାରରେ ଭକ୍ତଙ୍କ ପ୍ରବେଶ ବନ୍ଦ ହୋଇଗଲାଣି। ମନ ଦୁଃଖ ଲାଗିଲା, ସନ୍ଧ୍ୟା ଦର୍ଶନ ଅବସୋସ ରହିଗଲା ବୋଲି ମନ ଦୁଃଖରେ କହିଛନ୍ତି ପାର୍ବତୀ। କେବଳ ପାର୍ବତୀ ନୁହଁନ୍ତି, ତାଙ୍କ ଭଳି ଦୂରାଦୂରାନ୍ତରୁ ଆସିଥିବା ଶହଶହ ଶ୍ରଦ୍ଧାଳୁ ଜଗା ଦର୍ଶନ ନ ପାଇଁ ମନ ଦୁଃଖରେ ଫେରି ଯାଇଥିଲେ।

**ରାଜ୍ୟ ବିଜେପି ସଭାପତି, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ**

# ୭ରେ ନାମାଙ୍କନ, ୮ରେ ଫଳାଫଳ

ଭୁବନେଶ୍ୱର,୪।୭ (ସମିସ): ସ୍ଥଗିତ ଥିବା ରାଜ୍ୟ ବିଜେପି ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ପାଇଁ ଶୁକ୍ରବାର ସମୟ ସାରଣୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପ୍ରକ୍ରିୟା ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୮ ତାରିଖ ଦିନ ଶେଷ ହେବ ବୋଲି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ତଥା ରାଜ୍ୟ ସହ ନିର୍ବାଚନ ଅଧିକାରୀ ଡ. ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ପୂର୍ବରୁ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଜୁଲାଇ ୬ ତାରିଖ ପୂର୍ବାହ୍ନ ୧୧ଟାରେ ଅନ୍ତରୀଣ ମତଦାତାଙ୍କ ସୂଚୀ ପ୍ରକାଶ ପାଇବ। ମଧ୍ୟାହ୍ନ ୧୨ଟାରୁ ୨ଟା ସୁଦ୍ଧା ମତଦାତାଙ୍କ ସୂଚୀ ଉପରେ ବିଭିନ୍ନ ଆପତ୍ତି ଅଭିଯୋଗର ଯାଞ୍ଚ କରାଯିବା ପରେ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇବ। ୭ ତାରିଖ ପୂର୍ବାହ୍ନ ୧୧ଟାରୁ ୨ଟା ସୁଦ୍ଧା ଉପରୋକ୍ତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରାଯିବ। ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ନାମାଙ୍କନ ସମ୍ପର୍କିତ ଆପତ୍ତି ଅଭିଯୋଗର ଯାଞ୍ଚ କରାଯାଇ ୪ଟା ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ ଏବଂ ଚିହ୍ନ ଆବଣ୍ଟନ କରାଯିବ। ଆବଶ୍ୟକ ହେଲେ ୮ ତାରିଖ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମତଦାନ ହେବ ଏବଂ ୧୧ଟା ୩୦ ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ଡ. ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଘରେ ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

କରଞ୍ଜିଆ/ଶୁକୁଳି, ୪।୭(ସମିସ): ଏକ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସିଙ୍ଗଡ଼ା ସେକ୍ସନ୍ କାଶିଆବେଡ଼ା ଗ୍ରାମର ପରେଶ ଚନ୍ଦ୍ର ଗିରି(୬୦)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ହାତୀଟି ଇନ୍ଦୁପୁର ଗ୍ରାମରେ ଦୁଇଟି ଘର ଭାଙ୍ଗିଦେଇଥିବା ଖବର ପାଇ ବନ କର୍ମଚାରୀମାନେ ତାକୁ ଘଉଡ଼ାଇଥିଲେ। ଫଳରେ ହାତୀଟି କାଶିଆବେଡ଼ାର ପରେଶଙ୍କ ଘରେ ପଶିଯାଇଥିଲା। ଏହି ସମୟରେ ଘରେ ଶୋଇଥିବା ପରେଶଙ୍କୁ ହାତୀଟି ପାଦରେ ଦଳି ଦେଇଥିଲା। ବନ କର୍ମଚାରୀମାନେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରକାଶ ପାଇଲା ସିୟୁଇଟି-ୟୁଜି ପରୀକ୍ଷା ଫଳ

ଭୁବନେଶ୍ୱର, ୪।୭(ସମିସ): ସ୍ନାତକ ପଢ଼ିବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ୍ ୫ଟି ବିଷୟରୁ ୪ଟିରେ ମାତ୍ର ଜଣେ ପରୀକ୍ଷାର୍ଥୀ ୧୦୦ ପର୍‌ସେଣ୍ଟାଇଲ୍ ସ୍କୋର୍ କରିଛନ୍ତି। ସେହିପରି ୩ଟି ବିଷୟରେ ୧୭ ଜଣ, ୨ଟି ବିଷୟରେ ୧୫୦ ଜଣ ଏବଂ ଗୋଟିଏ ବିଷୟରେ ୨୬୭୯ ଜଣ ପରୀକ୍ଷାର୍ଥୀ ୧୦୦ ପର୍‌ସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଏନ୍‌ଟିଏ ପରିଚାଳିତ ଏହି ପରୀକ୍ଷା ପାଇଁ ସମୁଦାୟ ୧୩ ଲକ୍ଷ ୫୪ ହଜାର ୬୯୯ ଜଣ ପଞ୍ଜୀକରଣ କରିଥିବାବେଳେ ୧୦ଲକ୍ଷ ୭୧ହଜାର ୭୩୫ଜଣ ପରୀକ୍ଷା ଦେଇଥିଲେ। ସମସ୍ତଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ସେମାନେ ଦେଶର ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଆବେଦନ କରିପାରିବେ।

# ଜେଲ୍ ଗଲେ କୁବେର ଯନ୍ତ୍ରୀ

**ଆୟଠାରୁ ୧୬୫% ଅଧିକ ସମ୍ପତ୍ତି ଠାବ**

ସମ୍ବଲପୁର, ୪।୭ (ସମିସ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଭିଜିଲାନ୍ସ ଏସ୍‌ପି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।



ଗତକାଲି ଭିଜିଲାନ୍ସ ଶ୍ରୀ ମାଝୀଙ୍କ ବଲାଙ୍ଗିର ସ୍ଥିତ ବାସଭବନ ସମେତ ସମ୍ବଲପୁର, ଝାରସୁଗୁଡ଼ା ଆଦି ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଠାବ ସଂପତ୍ତି ମଧ୍ୟରେ ସମ୍ବଲପୁର ସରଲାରେ ୪୫୦୦ବର୍ଗଫୁଟ୍‌ରେ ଦୁଇମହଲା ବିଶିଷ୍ଟ ଗୋଟିଏ କୋଠା, ବ୍ରଜରାଜନଗର ଗାନ୍ଧୀ ଛକରେ ୬୩୦୦ବର୍ଗଫୁଟ୍‌ରେ ଦୁଇ ମହଲା କୋଠା, ଗୋଟିଏ ମାର୍କେଟ୍ କଂପ୍ଲେକ୍ସ, ଲହଣ୍ଡାବୁଡ଼ଠାରେ ଦୁଇଟି ଘର, ଗୋଟିଏ କାର୍, ସାଢ଼େ ୬ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ୩୦୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୪୯.୫ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଡିପୋଜିଟ୍ ଆଦି ରହିଛି। ଠାବ ସଂପତ୍ତି ଶ୍ରୀ ମାଝୀଙ୍କ ଆୟର ୧୬୫%ରୁ ଅଧିକ ବୋଲି ଭିଜିଲାନ୍ସ କହିଛି। ତେବେ ଏ ସବୁ ସଂପତ୍ତିର ଉତ୍ସ ସଂପର୍କରେ ସେ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଏନେଇ ସମ୍ବଲପୁର ଭିଜିଲାନ୍ସ ନମ୍ବର ୧୩/୨୫ରେ ଶ୍ରୀ ମାଝି ଓ ତାଙ୍କ ପତ୍ନୀଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହାବ୍ୟତୀତ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ମଧ୍ୟ ଭିଜିଲାନ୍ସ ସେଲ୍ କଟକରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ତାହାର ତଦନ୍ତ ଚାଲୁ ରହିଛି। ସମ୍ବଲପୁର ଭିଜିଲାନ୍ସ ଏସ୍‌ପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ସରୋଜ ସାମଲ ଆଜି ଏହି ସୂଚନା ଦେଇଛନ୍ତି।

**ଲେଖାଶ୍ରୀଙ୍କୁ ବିଜେପି ନେତାଙ୍କ ଅଶାଳୀନ ମନ୍ତବ୍ୟକୁ ବିଜେଡିର ନିନ୍ଦା**

# ବିଧାୟକ ସନ୍ତୋଷଙ୍କ ନାମରେ ମାମଲା ରୁଜୁ

ଭୁବନେଶ୍ୱର,୪।୭(ସମିସ): ବିଜେଡ଼ି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ପାଇଁ ମହଙ୍ଗା ପଡ଼ିଛି। ଲେଖାଶ୍ରୀ ଅଭିଯୋଗ ଆଧାରରେ ଭୁବନେଶ୍ୱର ମହିଳା ଥାନାରେ ପୁଲିସ ଏ ସଂକାନ୍ତରେ ଏକ ଏକ ମାମଲା ରୁଜୁ କରିଛି।



ଆଜି ବିଜେଡିର କିଛି ନେତ୍ରୀମାନଙ୍କ ସହ ଥାନାକୁ ଯାଇ ଲେଖାଶ୍ରୀ ଏତଲା ଦେଇଛନ୍ତି। ଏହା ସହ ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ ମହିଳାଙ୍କ ସମ୍ମାନ ସହ ସାଲିସ ହେବା କଥା ନୁହେଁ। କର୍ମକ୍ଷେତ୍ରରେ ଥିବା ମହିଳା, ଯେଉଁମାନେ କାମ ପାଇଁ ବାହାରକୁ ଆସୁଛନ୍ତି, ସେମାନଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ। ମୁଁ ବିଜୁ ଜନତା ଦଳର ମୁଖପାତ୍ର ଓ ବାଲେଶ୍ୱରର ସାଂସଦ ପ୍ରାର୍ଥୀ। ଏକ ସାମ୍ବାଦିକ ସମ୍ମିଳନୀରେ ହାତୀ ଦାନ୍ତ କାରବାର ଓ ଜମି ଜବରଦଖଲରେ ବିଧାୟକ ସନ୍ତୋଷ ଖଟୁଆଙ୍କ ସଂପୃକ୍ତି ନେଇ ଅଭିଯୋଗ କରିଥିଲି। ମାତ୍ର ତଥ୍ୟପ୍ରମାଣ ଭିତ୍ତିକ ପ୍ରତିବାଦ କରିବାରେ ଅସମର୍ଥ ନୀଳଗିରି ବିଧାୟକ ମୋ ସମ୍ପର୍କରେ ଅତ୍ୟନ୍ତ ଅସଭ୍ୟ ଓ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ଏହାଦ୍ୱାରା ମୁଁ ମାନସିକ ଆଘାତ ପାଇଛି । ବିଧାୟକ କୁତ୍ସିତ ମନ୍ତବ୍ୟ ଦେଇ ମୋତେ ମୋ ପରିବାର, ମୋ ବନ୍ଧୁ ଓ ପ୍ରିୟଜନଙ୍କ ସମ୍ମୁଖରେ ଛୋଟ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ମା ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛି। ନୀଳଗିରି ବିଧାୟକ ଚାହୁଁଛନ୍ତି ଏଭଳି ଅଶାଳୀନ ମନ୍ତବ୍ୟ ଦେଇ ମହିଳାଙ୍କ ମୁହଁ ବନ୍ଦ କରିଦେବେ ବୋଲି ଚାହୁଁଛନ୍ତି। ମାତ୍ର ମୁଁ ଏହାକୁ ପ୍ରତିବାଦ କରିଛି। ଆମେ ଭିଡିଓ ପ୍ରମାଣ ଦେଇଛୁ। ତେଣୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମୁଁ ଆଶା କରିଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି। ତାଙ୍କ ସହିତ ବିଜେଡି ସାଧାରଣ ସମ୍ପାଦକ କ୍ୟାପଟେନ ମନ୍ମଥ ରାଉତରାୟ, ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା, ଶ୍ରୀମତୀ ଇପ୍ସିତା ସାହୁ, ସୋଫିଆ ଆଲାମ୍, ଅରୂପ ଶ୍ରୀଚନ୍ଦନ, ନାରାୟଣ ଜେନା, ଲୋରା ମହାପାତ୍ର, ଅଂଶୁ ତ୍ରିପାଠୀ, ଭାରତୀ ସିଂ, ମାନସୀ ସୁନ୍ଦରାୟ, ଇଲା ସ୍ୱାଇଁ, ମହାମାୟା ସ୍ୱାଇଁ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଗଣମାଧ୍ୟମ ସମ୍ମୁଖରେ ବ୍ୟକ୍ତିଗତ ଆକ୍ଷେପ ଓ ତାଙ୍କ ଚରିତ୍ର ଉପରେ ଅରୁଚିକର ଟିପ୍ପଣୀ ଓଡ଼ିଶାର ସମସ୍ତ ନାରୀ ସମାଜ ପାଇଁ ଏକ ଲଜ୍ଜାକର ଘଟଣା ବୋଲି ବିଜୁ ଜନତା ଦଳ କହିଛି। ଏଥିପାଇଁ ବିଧାୟକ ଶ୍ରୀ ଖଟୁଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଜେଡି ଦାବି କରିଛି।

# ମାମୁଁଙ୍କୁ ପଥରରେ ଛେଚି ହତ୍ୟା

କୁଚିଣ୍ଡା, ୪।୭(ସମିସ): ସମ୍ବଲପୁର ଜିଲ୍ଲା ଧୁଡ଼ିପାଲି ତାଳମୁଣ୍ଡାପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ମାମୁଁଙ୍କୁ ପଥରରେ ଛେଚି ହତ୍ୟା କରିଛି ଭଣଜା। ମୃତକ ହେଲେ, ସୁକାନ୍ତ ଗରଡ଼ିଆ(୩୦)। କୁଚିଣ୍ଡା ପୁଲିସ୍ ସୁକାନ୍ତଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ଭଣଜା ସତ୍ୟକାନ୍ତ ସିଂ(୨୪) ସମେତ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କୌଣସି କାରଣରୁ ଆଜି ମାମୁଁ-ଭଣଜାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କଥା ବଢ଼ିବାରୁ ସତ୍ୟକାନ୍ତ ଏକ ପଥର ସୁକାନ୍ତଙ୍କ ମୁଣ୍ଡରେ ଛେଚିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୁଚିଣ୍ଡା ପୁଲିସ୍ ସୁକାନ୍ତଙ୍କ ମୃତଦେହ ଉଦ୍ଧାର କରିବା ସହ ସତ୍ୟକାନ୍ତ, ଲାଡ଼ମପାଲି ଗ୍ରାମର କପିଳ ସୁନାନୀ, କୁଳମଣି ଗରଡ଼ିଆ ଓ କାମିନୀ ଗରଡ଼ିଆକୁ ଥାନାକୁ ଆଣି ପଚାରଉଚରା ଜାରି ରଖିଛି।

# କନ୍ୟା ଘରେ ଶଗଡ଼ରେ ପହଞ୍ଚିଲା ବର

ନୂଆପଡା,୪।୭ (ସମିସ): ନୂଆପଡ଼ା ସହରର ସିର୍ତୋଲ ବସ୍ତିରେ ଜଣେ ଯୁବକ ବର ବେଶରେ ଶଗଡ଼ରେ ଯାଇ କନ୍ୟାଘରେ ପହଞ୍ଚିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଦିନେଶ ଦଣ୍ଡସେନା ନାମକ ଏହି ଯୁବକଜଣଙ୍କ ଫଟୋଗ୍ରାଫି କରନ୍ତି। ସବୁବେଳେ ଅନ୍ୟର ବାହାଘରେ ଫଟୋ ଏବଂ ଭିଡିଓ ରେକର୍ଡିଂ କରିଥାନ୍ତି। ଏବେ ସେ ନିଜର ଏହି ବିରଳ ଫଟୋ ଏବଂ ଭିଡିଓ ଲାଗି ଆକର୍ଷଣର କେନ୍ଦ୍ର ହୋଇଛନ୍ତି।



ଦିନେଶ ପଡ଼ୋଶୀ ଛତିଶଗଡ଼ସ୍ଥିତ ଭାଲେଶ୍ୱର ଗାଁରେ ବିବାହ କରିଛନ୍ତି। ପରିବାର ସହ ବନ୍ଧୁବର୍ଗଙ୍କୁ ଧରି ସେ ଏକ ଶଗଡ଼ ଗାଡ଼ିରେ କନ୍ୟା ଘରେ ପହଞ୍ଚିଥିଲେ। ପରିବେଶ ପ୍ରଦୂଷଣ ରୋକିବା ଲାଗି ଯୁବପିଢ଼ିଙ୍କୁ ବାର୍ତ୍ତା ଦେବା ଶଗଡ଼ ଗାଡ଼ିରେ ଯିବା ତାଙ୍କ ଉଦ୍ଦେଶ୍ୟ ବୋଲି ଦିନେଶ କହିଛନ୍ତି।

# ଜଳ-ଜଙ୍ଗଲ-ଜମି ହକ୍ ଲଢ଼େଇ ପାଇଁ ରାଜ୍ୟବାସୀ ପ୍ରସ୍ତୁତ ରୁହନ୍ତୁ

ଭୁବନେଶ୍ୱର,୪।୭(ସମିସ): ଏ ଦେଶରେ ଜଳ-ଜଙ୍ଗଲ-ଜମି ପାଇଁ ବ୍ରିଟିଶ ବିରୋଧରେ ଲଢ଼ି ହଜାର ହଜାର ଆଦିବାସୀ ସହିଦ ହୋଇଛନ୍ତି। ସ୍ୱାଧୀନ ଭାରତରେ ପୁଣି ଆଦିବାସୀଙ୍କ ଜଳ-ଜଙ୍ଗଲ-ଜମିକୁ ଲୁଟ୍ କରୁଥିବା ପୁଞ୍ଜିପତି ଓ ବିଜେପିର ମିଳିତ ଶକ୍ତି ବିରୋଧରେ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ ଆଦିବାସୀମାନେ ପ୍ରସ୍ତୁତ ହେବା ଦରକାର ବୋଲି ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟସ୍ତରୀୟ ବୈଠକରେ ଯୋଗଦେଇ ଅଖିଳ ଭାରତ ଆଦିବାସୀ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିକ୍ରାନ୍ତ ଭୂରିଆ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସାରା ଓଡ଼ିଶାରେ ଶିଳ୍ପାୟନରେ ସବୁଠାରୁ ବେଶି ଆଦିବାସୀମାନେ କ୍ଷତିଗ୍ରସ୍ତ ହୋଇଥିବା କହିଥିଲେ। ଆଦିବାସୀମାନେ ଏକ ହୋଇ ବିସ୍ଥାପନ ବିରୋଧରେ ଲଢ଼େଇ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଜନତାଙ୍କୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ସେହିପରି ଆଦିବାସୀଙ୍କ ହକ୍ ପାଇଁ ବିଧାନସଭା ଭିତରେ ଓ ବାହାରେ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ମତବ୍ୟକ୍ତ କରିଥିଲେ। ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗୋମାଙ୍ଗ, ପୂର୍ବତନ ମନ୍ତ୍ରୀ ହଳଧର କାର୍ଜି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପୂର୍ବତନ ସାଂସଦ ସଂକୁନ୍ତଳା ଲାଗୁରୀ, ହେମା ଗୋମାଙ୍ଗ, ଜୟରାମ ପାଙ୍ଗୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।




**ରଥଯାତ୍ରାରେ ଅବ୍ୟବସ୍ଥା ଓ ବିଭ୍ରାଟ ଘଟଣା**

# ବିଚାରବିଭାଗୀୟ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର, ୪।୭(ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରାରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ଓ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାର ଓଡ଼ିଶା ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି। ଶୁକ୍ରବାର ଦଳର ବରିଷ୍ଠ ନେତୃତ୍ୱଙ୍କ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ଦେଇଛନ୍ତି।



ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଲେ ଦଳୀୟ ପ୍ରତିନିଧିମଣ୍ଡଳୀ

ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ବିଜେପି ସରକାରଙ୍କ ବେପରୁଆ ମନୋଭାବ ଓ ସମ୍ବେଦନହୀନତା ଯୋଗୁଁ ଏ ବର୍ଷ ରଥଯାତ୍ରା ଦିନ ଭିଡ଼ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା। ପରିଣାମସ୍ୱରୂପ, ପ୍ରଥମ ଦିନ ରଥଟଣା ସମୟରେ ୭୫୦ ଜଣ ଭକ୍ତ ଆହତ ହୋଇଥିଲେ। ସେହିପରି ଭକ୍ତଙ୍କ ଭିତରେ ଦଳାଚକଟା ହୋଇ ୩ ଜଣ ପ୍ରାଣ ହରାଇଲେ। ରଥଯାତ୍ରା ଦିନ ଭୁବନେଶ୍ୱରରୁ ରଥଯାତ୍ରା ସମ୍ବାଦ ସଂଗ୍ରହ ପାଇଁ ଯାଇଥିବା ବରିଷ୍ଠ ସାମ୍ବାଦିକଙ୍କ ପାଖରେ କର୍ଡନ ପାସ୍ ଥିବା ସତ୍ତ୍ୱେ ସେମାନଙ୍କୁ କର୍ଡନ ଭିତରକୁ ଛଡ଼ାଯାଇ ନ ଥିଲା। ଓଲଟି ପୁଲିସ ମାଡ଼ରେ ୬ ଜଣ ସାମ୍ବାଦିକ ଆହତ ହୋଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ଡନ ପାସ୍ ମୁଖ୍ୟତଃ ବିଜେପି କର୍ମୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ପାସ୍‌ଧାରୀମାନେ କର୍ଡନ ଭିତରେ ଅଧିକ ଭିଡ଼ କରିବା କାରଣରୁ ରଥଟଣାରେ ବ୍ୟାପକ ବିଭ୍ରାଟ ଦେଖିବାକୁ ମିଳିଥିଲା।

ଏବର୍ଷ ତ୍ରୁଟିଶୂନ୍ୟ ଓ ଐତିହାସିକ ରଥଯାତ୍ରା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରଥଯାତ୍ରା ସୁପରିଚାଳନାର ତଦାରଖ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ସନ୍ଧ୍ୟା ପରେ ରଥଟଣା ହେବାର ପରମ୍ପରା ନ ଥିବା ବେଳେ ସନ୍ଧ୍ୟା ୭.୪୫ ମିନିଟରେ ନନ୍ଦିଘୋଷ ରଥକୁ କିଛି ପାଦ ଟଣା ଯାଇଥିଲା। ଶ୍ରୀ ଜଗନ୍ନାଥ ମନ୍ଦିରର ପରିଚାଳନା କମିଟିର ମିଆଦ ଦୀର୍ଘ ୯ ମାସ ପୂର୍ବରୁ ଶେଷ ହୋଇଯାଇଛି। ଏହାର ନୂତନ ପରିଚାଳନା କମିଟି ନ ଥିବାରୁ ଶ୍ରୀମନ୍ଦିର ଦୀର୍ଘ ୯ ମାସ ହେଲା ବିନା ପରିଚାଳନା କମିଟିରେ ପରିଚାଳିତ ହେଉଛି। ଗତବର୍ଷ ରଥଯାତ୍ରା ସମୟରେ ଆଡ଼ପ ମଣ୍ଡପରୁ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ପଡ଼ି ଯାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଏକ ତିନି ଜଣିଆ ତଦନ୍ତ କମିଟି ଘୋଷଣା କରିଥିଲେ ମଧ୍ୟ ଘଟଣାର ଏକ ବର୍ଷ ପରେ ମଧ୍ୟ ତଦନ୍ତ ରିପୋର୍ଟ ଆସିଲା ନାହିଁ। ଚଳିତ ବର୍ଷ ରଥଯାତ୍ରାରେ ଘଟିଥିବା ବ୍ୟାପକ ବିଭ୍ରାଟ ଓ ଅବ୍ୟବସ୍ଥା ଉପରେ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଘୋଷଣା କରିଛନ୍ତି। କିନ୍ତୁ, ଏହା ଫଳପ୍ରସୂ ହେବନାହିଁ ବୋଲି ଅନୁଭବ କରି ଆମେ ଉଚ୍ଚ ନ୍ୟାୟାଳୟର ଏକ କାର୍ଯ୍ୟରତ ଜଜ୍‌ଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ଆମେ ଦାବି କରୁଛୁ ବୋଲି ସ୍ମାରକପତ୍ରରେ କୁହାଯାଇଛି।

ଏହି ଅବସରରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଅଶୋକ ପଣ୍ଡା, ଚନ୍ଦ୍ର ଶେଖର ସାହୁ, କଳିକେଶ ନାରାୟଣ ସିଂଦେଓ, ପ୍ରୀତିରଞ୍ଜନ ଘଡ଼େଇ, ସୁଲୋଚନା ଦାସ, ସୁଭାଶିଷ ଖୁଣ୍ଟିଆ ଓ ସୁନିଲ ମହାନ୍ତି ପ୍ରମୁଖ ରାଜ୍ୟପାଳଙ୍କ ସହିତ ରଥଯାତ୍ରା ବିଭ୍ରାଟ ସଂପର୍କରେ ମତ ବିନିମୟ କରିଥିଲେ। ରାଜ୍ୟପାଳଙ୍କୁ ଭେଟିଥିବା ଏହି ପ୍ରତିନିଧିମଣ୍ଡଳୀରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅନନ୍ତ ନାରାୟଣ ଜେନା, ଉମାକାନ୍ତ ସାମନ୍ତରାୟ, ତୁଷାରକାନ୍ତି ବେହେରା, ସୁବାସ ସିଂ, ମନ୍ମଥ ରାଉତରାୟ, ମଞ୍ଜୁଲତା କହଁର, ଦିଲ୍ଲୀପ ନାୟକ, ରାଜେନ୍ଦ୍ର ସାହୁ, ବିଭୂତି ବଳବନ୍ତରାୟ, ନବ କିଶୋର ମଲ୍ଲିକ, ରଘୁନାଥ ସାହୁ, ପ୍ରଦୀପ୍ତ ସାହୁ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ରୋହିତ ପୂଜାରୀ, ଧ୍ରୁବ ସାହୁ, ଅଂଶୁମାନ ମହାନ୍ତି, ଅରବିନ୍ଦ ମହାପାତ୍ର, ପ୍ରଶାନ୍ତ ମୁଦୁଲି, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସାରଦା ଜେନା, ରମେଶ ଚନ୍ଦ୍ର ବେହେରା, ସମ୍ବିତ ରାଉତରାୟ, ବିଜୟ ନାୟକ, ସ୍ୱାଧୀନ ନାୟକ, ବିଦ୍ୟାଧର ସ୍ୱାଇଁ, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ପ୍ରଫୁଲ୍ଲ ସିଂ, ସୁରେନ୍ଦ୍ର ମହାପାତ୍ର, କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ରାଜେଶରାଜ ସ୍ୱାଇଁ, ଇପ୍ସିତା ସାହୁ, ମିକୁ ପ୍ରଧାନ, ପ୍ରଦୋଷ ପରିଡ଼ା, ସୁଜିତ ପାଲଟାସିଂହ, ବିଜୟକେତନ ସାହୁ, ଧ୍ରୁତି ରଞ୍ଜନ ମାର୍ଥା, ଏଲିନା ଦାସ, ତାରିଣୀ ନାୟକ, ରଶ୍ମୀ ରଞ୍ଜନ ଦାସ, ସୋଫିଆ ଆଲାମ, ମାନସୀ ସୁନ୍ଦରରାୟ, ପ୍ରୀତିନନ୍ଦା ରାଉତରାୟ, ଭାରତୀ ସିଂ, ମହାମାୟା ସ୍ୱାଇଁ, ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

ସକାଳ
THE SAKALA



### ଏସ୍‌ସିବିରେ ଡାକ୍ତରୀ ପାଠପଢ଼ା ବ୍ୟାଘାତ

# ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ତଦନ୍ତ ନିର୍ଦ୍ଦେଶ




କଟକ, ୪।୭ (ସମିସ): ରାଜ୍ୟରେ ଡାକ୍ତରୀ ଶିକ୍ଷାର ଅନ୍ତୁଡ଼ିଶାଳ ହେଉଛି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ। ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ସହ ଖ୍ୟାତନାମା ଚିକିତ୍ସକ ସୃଷ୍ଟି କରିବାରେ ଏସ୍‌ସିବିର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ଏଠାରେ ଆଗଭଳି ଆଉ ପାଠପଢ଼ା ହେଉନାହିଁ। ବରିଷ୍ଠ ଡାକ୍ତରମାନଙ୍କ ଅବହେଳା ଯୋଗୁଁ ପାଠପଢୁଆ ଡାକ୍ତରୀ ଛାତ୍ରଛାତ୍ରୀ ଉପଯୁକ୍ତ ଶିକ୍ଷା ହାସଲ କରିପାରୁନାହାନ୍ତି। ଏନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହେବା ପରେ ଏସ୍‌ସିବିରେ ହଟଚମଟ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ ନିମନ୍ତେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷାଙ୍କୁ ଚିଠି (ନଂ-୧୮୫୫୩) ଜାରି କରିଛି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶ ଦେଇଛି। ଏ ବାବଦରେ ମତାମତ ନିମନ୍ତେ ଅଧକ୍ଷା ପ୍ରଫେସର୍ ଡା. ଲୁସି ଦାସଙ୍କୁ ଫୋନ୍ କରାଯାଇଥିଲା। କିନ୍ତୁ ସେ ଫୋନ୍ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

ଡାକ୍ତରୀ ଶିକ୍ଷାଦାନ କ୍ଷେତ୍ରରେ ଏସ୍‌ସିବି ମେଡିକାଲ କଲେଜ ଏକ ଶତାୟୁ ଶିକ୍ଷାନୁଷ୍ଠାନ। ଅଷ୍ଟାଦଶ ଶତାବ୍ଦୀରେ କଟକରେ ଓଡ଼ିଶା ମେଡିକାଲ ସ୍କୁଲ ପ୍ରତିଷ୍ଠା ସହିତ ଡାକ୍ତରୀ ପାଠପଢ଼ାର ମୂଳଦୁଆ ପଡ଼ିଥିଲା। ସମୟକ୍ରମେ ଏହାର ନାମରେ ପରିବର୍ତ୍ତନ ଘଟିଛି। ଏସ୍‌ସିବି ଏକ ମହାଦ୍ରୁମରେ ପରିଣତ ହୋଇଛି। ମାତ୍ର ପ୍ରଶାସନିକ ଅବହେଳା ଯୋଗୁଁ ଏବେ ଡାକ୍ତରୀ ପଢ଼ାରେ ବ୍ୟାଘାତ ଘଟୁଥିବା ଅଭିଯୋଗ ଉଠିଛି।

ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ କିଏ ଅଭିଯୋଗ କରିଛି, ତାହା ସ୍ପଷ୍ଟ ହୋଇ ନଥିଲେ ସୁଦ୍ଧା କିଛି ଡାକ୍ତରୀ ଛାତ୍ରଛାତ୍ରୀ ଅଭିଯୋଗପତ୍ର ପଠାଇଥିବା କୁହାଯାଉଛି। ମେଡିକାଲର ଜଣେ ବରିଷ୍ଠ ପଦାଧିକାରୀଙ୍କ କହିବା ମୁତାବକ, ଆସିଷ୍ଟାଣ୍ଟ ପ୍ରଫେସର୍ ହୁଅନ୍ତୁ କି ପ୍ରଫେସର୍, ପ୍ରାୟତଃ ଅନେକ ଠିକ୍ ଭାବେ ଶ୍ରେଣୀକୁ ଯାଉନାହାନ୍ତି। ଏମ୍‌ବିବିଏସ୍‌ରେ ଗୋଟିଏ ବର୍ଷରେ ୨୫୦ଛାତ୍ରଛାତ୍ରୀ। ମୋଟ ୪ ବର୍ଷରେ ଏମବିବିଏସ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏକ ହଜାର। ସେହିପରି ପିଜିରେ ପ୍ରାୟ ୩୦୦ ଏବଂ ୨୫୦ ହାଉସସର୍ଜନ ରହିଛନ୍ତି। ୧୫୦୦ରୁ ଅଧିକ ଡାକ୍ତରୀ ଛାତ୍ରଛାତ୍ରୀ ଥିଲେ ମଧ ଶିକ୍ଷାଦାନ ବ୍ୟବସ୍ଥା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲାଣି। ବରିଷ୍ଠ ଡାକ୍ତରମାନଙ୍କ ଅବହେଳା ଯୋଗୁଁ ଏସ୍‌ସିବିରେ ଡାକ୍ତରୀ ଶିକ୍ଷାର ଗୁଣବତ୍ତା ଗୌଣ ହେଉଛି। ବିଦ୍ୟାର୍ଥୀଙ୍କ ଅଭିଭାବକମାନେ ମଧ ପୂର୍ବରୁ ଏ ନେଇ ଅନେକଥର ଅଭିଯୋଗ କରିଛନ୍ତି। ହେଲେ ପ୍ରଶାସନିକ ଦୁର୍ବଳତା ଯୋଗୁଁ ପାଠପଢ଼ା ଠିକ୍ ଭାବେ ଚାଲୁନାହିଁ। ଏସ୍‌ସିବିରେ ଡାକ୍ତରୀ ଶିକ୍ଷା ସଙ୍କଟରେ ପଡିଲାଣି ବୋଲି ଅଧିକାରୀଜଣଙ୍କ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

## ହାଇୱା ଧକ୍କାରେ ଭ୍ୟାନ୍ ଚୂରମାର୍; ୨ ମୃତ

କୋଇଡ଼ା, ୪।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅଧୀନ ଏରିଆନ ନିକଟରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଚାରିଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଅଭିମନ୍ୟୁ କୁମାର ଓ ସାଜନ କୁମାର। ଦୁହେଁ କମଣ୍ଡସ୍ଥିତ ଷ୍ଟିଲ୍‌ପ୍ଲାଣ୍ଟରେ କାର୍ଯ୍ୟରତ ଡିଜେ ସ୍କ୍ରାପ୍ ନାମକ ଠିକାସଂସ୍ଥାର କର୍ମଚାରୀ। ଅନ୍ୟ ୪ ଜଣ ଶ୍ରମିକଙ୍କ ସହ ଦୁହେଁ କୋଇଡ଼ାରୁ ଏକ ଓମିନି ଭ୍ୟାନ୍‌ରେ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଓମିନି ଚାଳକ ଅଭିମନ୍ୟୁ ଓ ସାଜନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ କୋଇଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଚାରି ଗୁରୁତର ରାହୁଲ କୁମାର ଶର୍ମା (୩୪), ଅର୍ଜୁନ କୁମାର ଯାଦବ (୩୨), ଶ୍ରୀକାନ୍ତ କୁମାର (୩୨), ସଞ୍ଜୟ ପ୍ରସାଦ (୨୯)ଙ୍କୁ ଉଦ୍ଧାର କରି କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

## ଭୁଲ୍‌କୁ ଭୁଲ୍ କହିବା ପାଇଁ ସାହସ ଦରକାର: ଅପରାଜିତା

**ଜଗନ୍ନାଥଙ୍କ ଦ୍ୱାରା ଭୁଲ୍ ହୋଇଛି ବୋଲି ସ୍ୱୀକାର କରିବାକୁ ହେବ**

**ମୋ ପୁଅ ଏଭଳି କାମ କରିଥିଲେ ପୁଲିସକୁ ଡାକି ଗିରଫ କରିଥା’ନ୍ତି**

ଭୁବନେଶ୍ୱର, ୪।୭ (ସମିସ): ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫଦାରି ପ୍ରସଙ୍ଗରେ ପୁଣି ମୁହଁ ଖୋଲିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ଅପରାଜିତା କହିଛନ୍ତି ଯେ ମୋ ପୁଅ ଯଦି ଏପରି କାମ କରିଥାଆନ୍ତା, ତେବେ ପୁଲିସକୁ ଡାକି ତାକୁ ଗିରଫ କରିବାକୁ କହିଥାଆନ୍ତି। ଭୁଲ୍‌କୁ ଭୁଲ୍ କହିବା ପାଇଁ ସତ୍‌ସାହସ ଦରକାର। ଆମ ସମସ୍ତଙ୍କ ମଧ୍ୟରେ ଏହି ସତ୍‌ସାହସ ରହିବା କଥା। ସେ ପୁଣି କହିଛନ୍ତି ଯେ ଯେ ଜନପ୍ରତିନିଧି ଭାବେ ଆମେ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ସହ ଶାଳୀନ ଏବଂ ବିନମ୍ର ରହିବା ଉଚିତ୍। ସରକାରୀ କର୍ମଚାରୀ ଅଥବା ସାଧାରଣ ଲୋକ ହୁଅନ୍ତୁ, ଯେପରି ଦୁର୍ବ୍ୟବହାର ବ୍ୟବହାର ପ୍ରଦର୍ଶନ କରାଗଲା, ତାହା କେବେ ବି ହେବା କଥା ନୁହେଁ। ମୁଁ ୨୪ ବର୍ଷ ଭାରତୀୟ ପ୍ରଶାସନିକ ସେବା ସହ ୬ ବର୍ଷ ରାଜନୀତିରେ ରହିଲିଣି। ମୁଁ କେବେବି ଏପରି ଘଟଣା ଦେଖି ନ ଥିଲି କି ଶୁଣି ନ ଥିଲି। ଆଦରଣୀୟ ଜଗନ୍ନାଥ ପ୍ରଧାନ ମୋ ସହକର୍ମୀ ଏବଂ ବିଜେପିର ବରିଷ୍ଠ ନେତା। ତାଙ୍କ ଦ୍ୱାରା ଭୁଲ୍ ହୋଇଛି ବୋଲି ଆମ ସମସ୍ତଙ୍କୁ ମାନିବାକୁ ପଡ଼ିବ। ସେ ଜେଲ୍‌ରେ ଅଛନ୍ତି ବୋଲି ଆମକୁ ଦୁଃଖ ଏବଂ କଷ୍ଟ ଲାଗୁଛି। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ଆମ ନିଜକୁ ସୁଧାରିବାକୁ ପଡ଼ିବ ବୋଲି ଅପରାଜିତା କହିଛନ୍ତି।

## +୩ ସ୍ପଟ୍ ନାମଲେଖା ପାଇଁ ସମସ୍ତଙ୍କୁ ସୁଯୋଗ

ଭୁବନେଶ୍ୱର, ୪।୭(ସମିସ): +୩ ନାମଲେଖା ପାଇଁ ଅମଙ୍ଗ ଛାତ୍ରଛାତ୍ରୀ। ଦ୍ୱିତୀୟ ରାଉଣ୍ଡ ନାମଲେଖା ଶେଷ ସୁଦ୍ଧା ୬୦ ପ୍ରତିଶତରୁ ଅଧିକ ସିଟ୍ ଅର୍ଥାତ୍ ୧ଲକ୍ଷ ୬୪ହଜାର ୯୬୫ ସିଟ୍ ଫାଙ୍କା ପଡ଼ିଛି। ଫଳରେ ସ୍ପଟ୍ ନାମ ଲେଖାଇବାକୁ ସମସ୍ତଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ କରିଛି ଉଚ୍ଚଶିକ୍ଷା ବିଭାଗ। ସ୍ପଟ୍ ନାମଲେଖା ଗାଇଡଲାଇନ୍‌ରେ ପରିବର୍ତ୍ତନ କରିଛି। ପ୍ରଥମ ପର୍ଯ୍ୟାୟରେ ମାର୍କ ଅପଡେଟ୍ କରିନଥିବା ପ୍ରାର୍ଥୀଙ୍କ ସମେତ ଆବେଦନ କରିଥିବା ପିଲାମାନେ ସେମାନଙ୍କ ପସନ୍ଦର ଶିକ୍ଷାନୁଷ୍ଠାନରେ ପରିବର୍ତ୍ତନ କରିପାରିବେ ବୋଲି କୁହାଯାଇଛି।

ନାମଲେଖା ପାଇଁ ଆବେଦନ କରିଥିବା ବହୁ ଛାତ୍ରଛାତ୍ରୀ ସେମାନଙ୍କ +୨ ମାର୍କ ଅପଡେଟ୍ କରିନାହାନ୍ତି। ଫଳରେ ସେମାନେ ନାମଲେଖା ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସେମାନଙ୍କୁ ମାର୍କ ଅପଡେଟ୍ କରିବା ପାଇଁ ସୁଯୋଗ ଦିଆଯାଇଛି। ସେହିପରି ବହୁ ପିଲା ଆବେଦନ ସମୟରେ ଶିକ୍ଷାନୁଷ୍ଠାନର କ୍ରମାଙ୍କରେ ତ୍ରୁଟି କରିଥିବାରୁ ଚୟନ ହୋଇନାହାନ୍ତି। ଏଣୁ ସେମାନଙ୍କୁ ମଧ ପୁନଃ ଶିକ୍ଷାନୁଷ୍ଠାନ ଚୟନ କରିବାକୁ ସୁଯୋଗ ମିଳିଛି। ସ୍ପଟ୍ ନାମଲେଖା ପାଇଁ ଆବେଦନକାରୀମାନେ ଅତିକମ୍‌ରେ ଗୋଟିଏ ଓ ବେଶିରେ ନିଜ ଇଚ୍ଛାନୁସାରେ ଶିକ୍ଷାନୁଷ୍ଠାନ ଚୟନ କରିପାରିବେ। ଆସନ୍ତା ୭ରୁ ୧୦ତାରିଖ ମଧ୍ୟରେ ନିଜ ଆବେଦନକୁ ଏଡିଟ୍ କରିପାରିବେ ଆଶାୟୀ। ଏହାପରେ ୧୨ ତାରିଖରେ ସାମସ୍ ଇ-ସ୍ପେସ୍‌ରେ ଏବଂ ୧୪ରେ ଉଚ୍ଚଶିକ୍ଷାନୁଷ୍ଠାନରେ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୫ ଓ ୧୬ ତାରିଖରେ ନାମଲେଖାଇ ପାରିବେ।

## ୧୨ଟି ଜିଲ୍ଲାରେ ହେଉନି ସହମତିଭିତ୍ତିକ ବଦଳି

**ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଧିକାରୀଙ୍କ ଅବମାନନା**

ଭୁବନେଶ୍ୱର, ୪।୭(ସମିସ): ସହମତି ଭିତ୍ତିରେ ଟିଜିଟି ଶିକ୍ଷକଙ୍କ ବଦଳିକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ମନମାନି। ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ସହମତି ବଦଳି ପାଇଁ ନିୟମ ଥିବା ବେଳେ ପାଳନ କରୁନାହାନ୍ତି। ପ୍ରାୟ ୧୨ଟି ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମାନି କରି ବଦଳି କରୁନଥିବା ବେଳେ ଅନ୍ୟ ଜିଲ୍ଲାରେ ପ୍ରକ୍ରିୟା ସରିଛି। ତେଣୁ ଶିକ୍ଷକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସୁନ୍ଦରଗଡ଼, ଗଜପତି, ନୟାଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କନ୍ଧମାଳ ଓ ମୟୂରଭଞ୍ଜ ଜିଲ୍ଲାର ଡିଇଓମାନେ ବଦଳି ପ୍ରକ୍ରିୟା କରୁନାହାନ୍ତି। ଅନ୍ୟ ଜିଲ୍ଲାରେ ବିଦ୍ୟାଳୟ ଖୋଲିବା ଆଗରୁ ବଦଳି ସରିଛି। ଉଦ୍ଦେଶ୍ୟମୂଳକ ଭାବେ ବଦଳି ପ୍ରକ୍ରିୟାକୁ ଅଟକାଇ ରଖିଥିବା ଅଭିଯୋଗ ହୋଇଛି। ଫଳରେ ୧୨ଜିଲ୍ଲାର ଶିକ୍ଷକମାନେ ବଦଳି ପ୍ରକ୍ରିୟାରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ ଜୁନ୍ ୧୯ ତାରିଖରେ ସହମତି ଭିତ୍ତିରେ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ତାଙ୍କୁ ଅଧିକାରୀମାନେ ଅବମାମନା କରୁଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

### ■ ବାହୁଡ଼ା ପାଇଁ ଡିଜିଙ୍କ ସୁରକ୍ଷା ସମୀକ୍ଷା

## ପ୍ରତି ସେକେଣ୍ଡରେ ଭିଡ଼ ନିୟନ୍ତ୍ରଣର ତର୍ଜମା କରିବ ଏଆଇ

ଭୁବନେଶ୍ୱର, ୪।୭ (ସମିସ): ଆସନ୍ତାକାଲି ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା। ଏହାକୁ ଦୃଷ୍ଟିରେ ରଖି ପୁଲିସ ଡିଜି ୱାଇ.ବି ଖୁରାନିଆ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଗୁଣ୍ଡିଚା ଯାତ୍ରା ସମୟରେ ଯେଉଁ ତ୍ରୁଟି ରହିଲା, ତାହା ଯେପରି ବାହୁଡ଼ା ଯାତ୍ରାରେ ନହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ପୁଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

ଆଜି ନବମୀ ସନ୍ଧ୍ୟା ଦର୍ଶନରେ ଭିଡ଼କୁ ନଜରରେ ରଖି ମଧ ବ୍ୟବସ୍ଥାର ଅନୁଧାନ କରିଥିଲେ ପୁଲିସ ଡିଜି ୱାଇ ବି ଖୁରାନିଆ। ରଥ ଉପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ବାହୁଡ଼ା ଯାତ୍ରାରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରା ସୁପରିଚାଳନା ନିମନ୍ତେ ଗୁରୁତ୍ୱ ଦେବାକୁ ଡିଜିପି କହିଛନ୍ତି। ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଅଭିଜ୍ଞତା ସମ୍ପନ୍ନ ପୁଲିସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଥମଥର ପାଇଁ କରାଯାଇଥିବା ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ଗୁଣ୍ଡିଚା ଯାତ୍ରାରେ ଫେଲ୍ ମାରିଥିଲା। କିନ୍ତୁ ବାହୁଡ଼ାରେ ଏହି ଇଣ୍ଟିଗ୍ରେଟେଡ୍‌କୁ ସଠିକ୍ ଭାବେ କାମ କରିବାକୁ କୁହାଯାଇଛି। ଏଆଇ କ୍ୟାମେରାକୁ ପ୍ରତି ସେକେଣ୍ଡ ତର୍ଜମା କରି ଭିଡ଼ ନିୟନ୍ତ୍ରଣ କରିବାକୁ କୁହାଯାଇଛି। ବିଶେଷକରି ଉତ୍ତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ୍ ସହ ସହରର ବିଭିନ୍ନ ଛକରେ ଯେଉଁ କ୍ୟାମେରା ଲଗାଯାଇଛି, ଏହାଦ୍ୱାରା ଭିଡ଼ ନିୟନ୍ତ୍ରଣ କରିବାକୁ କୁହାଯାଇଛି। ଜନସାଧାରଣଙ୍କ ଯାତାୟାତର ସୁବିଧା ନିମନ୍ତେ ଯେଉଁ ମୋବାଇଲ ଆପ କରାଯାଇଛି; ତାହାକୁ ବ୍ୟବହାର କରି ସୁଫଳ ପାଇବାକୁ ଡିଜିପି କହିଛନ୍ତି। ଟ୍ରାଫିକ୍ ଉପଦେଶ, ପାର୍କିଂ ସ୍ଥାନ, ଟ୍ରାଫିକ ଜାମ ଓ ବିକଳ୍ପ ରାସ୍ତା ସମ୍ବନ୍ଧରେ ତ୍ୱରିତ ସୂଚନା ପାଇବେ।

## ଚାପ ଆଗରେ ମୁଣ୍ଡ ନୁଆଁଇଲେ ସରକାର: ଭକ୍ତ

**ଜଗନ୍ନାଥଙ୍କୁ ନିଲମ୍ବନ ନ କରିବାକୁ ନେଇ ଉଠାଇଲେ ପ୍ରଶ୍ନ**

ଭୁବନେଶ୍ୱର,୪।୭ (ସମିସ): କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାଠାରୁ ହଇଜା ମହାମାରୀ, ରଥଯାତ୍ରା ମହାବିଭ୍ରାଟ ଓ ବିଏମ୍‌ସିରେ ଦଳୀୟ ଗୁଣ୍ଡାରାଜ ଭଳି ଘଟଣା ଘଟାଇ ଗତ ବର୍ଷେ କାଳ ହେଲା ବିଜେପି ସରକାର ଗୋଟିଏ ପରେ ଗୋଟିଏ ଅକ୍ଷମଣୀୟ ଅପରାଧ କରିଚାଲିଛନ୍ତି। ନିଜକୁ ମହାପ୍ରଭୁଙ୍କଠାରୁ ଉପରେ ରଖି ସରକାର ବୁଦ୍ଧି ଶିଖିଛନ୍ତି ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।

ଶୁକ୍ରବାର କଂଗ୍ରେସ ଭବନରେ ଶ୍ରୀ ଦାସ ଗଣମାଧ୍ୟମକୁ କହିଛନ୍ତି, ଯିଏ ବିଏମ୍‌ସିର ସେଇ ଅଭାବନୀୟ କାଣ୍ଡ କରେଇଛି, ତାକୁ ପ୍ରଥମରୁ ଗିରଫ ନ କରିବା ମତଲବରେ ରହି ସରକାର ଅନୀତିରେ ଥିଲେ। ୪ ଦିନ ଧରି ଓଏଏସ୍‌ଙ୍କ କାର୍ଯ୍ୟବନ୍ଦ ଯୋଗୁଁ ଲୋକେ ନାହିଁ ନ ଥିବା ହଇରାଣ ହେବା ପରେ ବିରୋଧୀଙ୍କ ଚାପରେ ବାଧ ହୋଇ ସରକାର ମୁଣ୍ଡ ନୁଆଁଇଲେ। ଯଦି ଶେଷରେ ନତମସ୍ତକ ହେବାର ଥିଲା, ୪ ଦିନ କାଳ ସରକାର କାହିଁକି ନାଟକବାଜି କଲେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।

ଭକ୍ତ କହିଛନ୍ତି, ଗଣତନ୍ତ୍ରରେ ଏକତାର ବଳ ପ୍ରମାଣିତ ହୋଇଛି। ତୁରନ୍ତ ପଦକ୍ଷେପ ନେଲେ ସରକାର ପ୍ରଶଂସା ପାଆନ୍ତେ। ନେଡ଼ିଗୁଡ଼ କହୁଣୀକୁ ବହିଗଲା ପରେ ବାଧହୋଇ ସରାର ନଇଁଲେ। ଦଳ ଏବେ ମଧ ଉକ୍ତ ଘଟଣାର ମୁଖ୍ୟ ଖଳନାୟକଙ୍କୁ ନିଲମ୍ବନ କରିନାହିଁ। ଅନୁରୂପ ପରିସ୍ଥିତିରେ କେବଳ ବିଜେପି ନୁହେଁ; କଂଗ୍ରେସ ସମେତ ସବୁ ଦଳ ପ୍ରଥମେ ଦୋଷୀକୁ ନିଜ ଦଳରୁ ସସ୍‌ପେଣ୍ଡ କରିବା ସର୍ବନିମ୍ନ ନୈତିକ କର୍ତ୍ତବ୍ୟ। ଓଲଟା କିଛି ଓଏଏସଙ୍କୁ ଆକ୍ରୋଶମୂଳକ ଭାବେ ସରକାର ବଦଳି କରିବାକୁ ମସୁଧା କରୁଥିବା ଖବର ମିଳିଛି। ଯଦି ସରକାର ସତରେ ରାଗ ଶୁଝାଇବାକୁ ଏପରି କରନ୍ତି, ଆଉ ଏକ ମସ୍ତବଡ଼ ଭୁଲ୍ କରିବେ ବୋଲି ଭକ୍ତ ଚେତାଇ ଦେଇଛନ୍ତି।

## ପୁରୀରେ ମାନସ ମନ୍ଦିରର ଭୂମି ପୂଜନ




**ଶ୍ରୀକ୍ଷେତ୍ରରେ ମଦ, ଆମିଷ ବିକ୍ରି ବନ୍ଦ ହେଉ: ଜଗତ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ**

**ପୁରୀଧାମ ବିଶ୍ୱ ଆକର୍ଷଣର କେନ୍ଦ୍ର ହେବ: ମୁଖ୍ୟମନ୍ତ୍ରୀ**

ପୁରୀ,୪।୭ (ସମିସ): ପୁରୀ ସଦର ନିର୍ବାଚନମଣ୍ଡଳୀ ଶାସନ ଦାମୋଦରପୁର ପଞ୍ଚାୟତ ଅନ୍ତର୍ଗତ ତୋଟାପଡ଼ା ନରହରିପୁର ପାଟଣା ଗ୍ରାମଠାରେ ଓଡ଼ିଶାର ସର୍ବପ୍ରଥମ ମାନସ ମନ୍ଦିର ନିର୍ମାଣ ନିମନ୍ତେ ଶୁକ୍ରବାର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ରାଘବ ପରିବାର ପକ୍ଷରୁ ଶ୍ରୀ ତୁଳସୀପୀଠ ସେବାନ୍ୟାସକୁ ଦାନ କରାଯାଇଥିବା ୫ଏକର ଜମିରେ ତୁଳସୀ ପୀଠାଧୀଶ୍ୱର ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପଦ୍ମବିଭୂଷଣ ରାମଭଦ୍ରାଚାର୍ଯ୍ୟଜୀଙ୍କ କରକମଳରେ ଭୂମିପୂଜନ ହୋଇଛି। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଜଗତ୍‌ଗୁରୁ ଆଶୀର୍ବଚନରେ ମୁଖ୍ୟମନ୍ତ୍ରୀଙ୍କୁ ଗୁରୁଦକ୍ଷିଣା ରୂପେ ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ର ପୁରୀରେ ମଦ, ଆମିଷ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାନରେ ମାଗିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଭାଷଣରେ କହିଥିଲେ, ଜଗଦ୍‌ଗୁରୁଙ୍କ ନେତୃତ୍ୱରେ ଆମେ ସେବାକାରୀ ହୋଇ କାମ କରିପାରିଲେ, ଉଦ୍ଦେଶ୍ୟ ସାଧିତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ, ପୁରୀ ଧାମ ବିଶ୍ୱ ଆକର୍ଷଣର କେନ୍ଦ୍ର ହେବ। ସେଥିପାଇଁ ଭଗବାନ ଜଗନ୍ନାଥ ଆଉ ଗୁରୁଜୀଙ୍କ ଆଶୀର୍ବାଦ ଦରକାର। ଏଥିରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବଦ୍ରିନାଥର ୧୦୦୮ ଶ୍ରୀ ବାଳକ ଯୋଗେଶ୍ୱର ଦାସଜୀ ମହାରାଜ, ନେବଳଦାସ ମଠ ମହନ୍ତ ଡ. ରାମ ଚରଣ ଦାସ ମହାରାଜ ତୁଳସୀ ପୀଠର ଉତ୍ତରାଧୀକାରୀ ରାମ ଚରଣ ଦାସ ମହାରାଜ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଶା ରାଘବ ପରିବାର ତରଫରୁ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ମହାରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ ଟିବରିୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ■ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

## ସମ୍ବଲପୁରକୁ ଆକର୍ଷଣୀୟ ସହର କରିବା ପାଇଁ ସାମୂହିକ ପ୍ରଚେଷ୍ଟା ଲୋଡ଼ା: ଧର୍ମେନ୍ଦ୍ର



ସମ୍ବଲପୁର, ୪।୭(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ପରିସରରେ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଶ୍ରୀ ପ୍ରଧାନ ପ୍ରଥମେ ସମ୍ବଲପୁରର ଆ.କଟାପାଲିଠାରେ ବରଗଡ଼ ପାର୍ଶ୍ୱ ଏବଂ ପରଧିଆପାଲି ଝାରସୁଗୁଡ଼ା ପାର୍ଶ୍ୱ ‘ଐତିହ୍ୟ ସ୍ୱାଗତମ୍ ସମ୍ବଲପୁର ତୋରଣ’ ଉଦ୍‌ଘାଟନ କରିଥିଲେ। ପରେ ଦୁର୍ଗାପାଲି ଛକରେ ବିଭିନ୍ନ ସୌନ୍ଦର୍ଯ୍ୟମୂଳକ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ଏନେଇ ସେ କହିଥିଲେ, ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ଥିବା ସ୍ୱାଗତ ତୋରଣ ସହରର ଶୋଭାବର୍ଦ୍ଧନ କରିବ। ସମ୍ବଲପୁରକୁ ଏକ ଆକର୍ଷଣୀୟ ସହର କରିବା ପାଇଁ ସମସ୍ତେ ମିଳିତ ଉଦ୍ୟମ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ। ପରେ ଆରଡିସି କାର୍ଯ୍ୟାଳୟକୁ ଯାଇ ସେଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମିଳନୀ କକ୍ଷକୁ ‘ସ୍ୱଭାବ କବି ଗଙ୍ଗାଧର ମେହେର କକ୍ଷ’ ନାମରେ ନାମିତ ଏବଂ ଓଡ଼ିଶାର ବରପୁତ୍ରଙ୍କର ପେନସିଲ୍ ଫଟୋଚିତ୍ରକୁ ସେ ଲୋକାର୍ପଣ କରିଥିଲେ। ଏନେଇ କୁଦୋପାଲିରେ ଯୁଦ୍ଧ ସ୍ମାରକୀ ପ୍ରତିଷ୍ଠା, କୋଣାର୍କରେ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ’ ଓ ବ୍ୟାଖ୍ୟାନ କେନ୍ଦ୍ର ଭଳି ବ୍ୟବସ୍ଥା କରିବା ତଥା ଏକ କଳା ମହାବିଦ୍ୟାଳୟ ସ୍ଥାପନ ଦିଗରେ ପ୍ରଶାସନିକ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ।

## ଇଣ୍ଡିଆ ବୁକ ରେକର୍ଡରେ ସ୍ଥାନ ପାଇଲେ ସୌମିକ

ବଇଣ୍ଡା, ୪।୭(ସମିସ): କିଶୋରନଗର ବ୍ଲକ ବଇଣ୍ଡାରେ ରହୁଥିବା ଛେଣ୍ଡିପଦା ବ୍ଲକ ବାଲିପଟା ଗ୍ରାମର ସୌମିକ ସାଇ ପ୍ରଧାନ ଇଣ୍ଡିଆ ବୁକ ରେକର୍ଡରେ ସ୍ଥାନ ପାଇଛନ୍ତି। ମାତ୍ର ୨ ବର୍ଷ ବୟସରେ ସେ ୩୦ଟି ଇଂରାଗୀ ଶବ୍ଦର ବିପରୀତ ଶବ୍ଦ କହିବା ସହ ଭାରତର ସମସ୍ତ ରାଜ୍ୟର ରାଜଧାନୀ, ୨୭ ଦେଶର ରାଜଧାନୀ, ୨୨ଟି ଜାତୀୟ ସଙ୍କେତର ନାମ, ୭ ମହାଦେଶର ନାମ, ଶରୀରର ୨୯ଟି ଅଙ୍ଗର ନାମ, ୩୦ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନଟ, ୨୭ଟି ଜାତୀୟ ପତାକାକୁ ଚିହ୍ନି ଇଣ୍ଡିଆ ବୁକ ରେକର୍ଡ କରିଛନ୍ତି। ତାଙ୍କୁ ପଦକ ସହ ମାନପତ୍ର ଦିଆଯାଇଛି। ସେ ବାଲିପଟା ଗ୍ରାମର ଯୁବ ଚାଷୀ ସୁବାସ ପ୍ରଧାନ ଓ ସୀମାନ୍ତିନୀ ପ୍ରଧାନଙ୍କ ପୁଅ ହୋଇଥିବା ବେଳେ ତାଙ୍କର ଏହି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।




### ରାଜ୍ୟ ସଂଖ୍ୟାଲଘୁ କଂଗ୍ରେସର ସାଂଗଠନିକ ବୈଠକ

## ‘ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ସରକାର ଭୟଭୀତ କରାଉଛନ୍ତି’

ଭୁବନେଶ୍ୱର, ୪।୭ (ସମିସ): ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନଙ୍କୁ ଭୟଭୀତ କରିବା ପାଇଁ ବିଜେପି ସରକାର ବିଭିନ୍ନ ସମୟରେ ଏନ୍‌ଆରସି, ସିଏଏ ଏବଂ ୱାକ୍‌ଫ୍ ସଂଶୋଧନ ଭଳି ଆଇନମାନ ଆଣି ଦେଶରେ ଘୃଣା ଓ ବିଭେଦ ଭାବ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୃଢ଼ ଭାବେ ସଂଖ୍ୟାଲଘୁ ସଂପ୍ରଦାୟ ସହ ଅଛନ୍ତି ଓ ଆଗାମୀ ଦିନରେ ସଂଖ୍ୟାଲଘୁ ସଂପ୍ରଦାୟକୁ କ୍ଷତି ହେଲା ପରି କୌଣସି ଆଇନ ସଂସଦରେ ପାରିତ ନ କରିଦେବାକୁ ଶପଥଗ୍ରହଣ କରିଛନ୍ତି। ଶୁକ୍ରବାର କଂଗ୍ରେସ ଭବନଠାରେ ଓଡ଼ିଶା ରାଜ୍ୟ ସଂଖ୍ୟା ଲଘୁ କଂଗ୍ରେସର ଏକ ରାଜ୍ୟସ୍ତରୀୟ ସାଂଗଠନିକ ବୈଠକରେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଆଜି ଏହା କହିଛନ୍ତି। ଏଥିରେ ସଂଖ୍ୟାଲଘୁ କଂଗ୍ରେସର ରାଜ୍ୟ ଅଧକ୍ଷ ଜିଆ-ଉଲ୍-ହକ୍ ଯୋଗଦେଇ ଆଗାମୀ ଦିନରେ ସଂଖ୍ୟାଲଘୁ କଂଗ୍ରେସକୁ ବୁଥ୍‌ସ୍ତରରେ ସକ୍ରିୟ କରି କଂଗ୍ରେସର ହାତମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଅଳ୍ପସଂଖ୍ୟକ ପ୍ରଭାରୀ ଅବଦୁଲ୍ କାଲାମ ଖାନ୍ କହିଥିଲେ ଯେ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ସର୍ବଦା ତଳସ୍ତରରେ କାମ କରୁଥିବା କର୍ମୀମାନଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛନ୍ତି। ଯଦି କିଛି ଅସଂଯତ ପରିସ୍ଥିତି ଉପୁଜେ, କେନ୍ଦ୍ରୀୟ ନେତୃତ୍ୱ ତୃଣମୂଳ ସ୍ତରର କର୍ମୀମାନଙ୍କ ଦ୍ୱାରରେ ଆସି ସହଯୋଗ କରିବେ। ଆଜିର ଏହି ବୈଠକରେ ବିଧାୟକ ରମେଶ ଜେନା, ଦାଶରଥ ଗମାଙ୍ଗୋ, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ଏମ୍‌ଡି ଆକବର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ସରକାରଙ୍କ କଥା ଓ କାମରେ ଫରକ

## ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟକାଳ ୬ ମାସ ବଢ଼ିଲା

**୬ ମୁଖ୍ୟଯନ୍ତ୍ରୀ ଥିବାବେଳେ ପୁଣି କାର୍ଯ୍ୟକାଳ ବୃଦ୍ଧିକୁ ନେଇ ପ୍ରଶ୍ନ**

**ଟେଣ୍ଡରରେ ରାଜ୍ୟ ସଂସ୍ଥାକୁ ଅନୁଗୃହୀତ କରିଥିବା ଅଭିଯୋଗ**

**ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କଲେ ବିଭିନ୍ନ ସଂଗଠନ**

ଭୁବନେଶ୍ୱର,୪।୭ (ସମିସ): ସରକାରଙ୍କ କଥା ଓ କାମରେ ତାଳମେଳ ନାହିଁ। କ୍ଷମତାକୁ ଆସିବା ପରେ ବିଜେପି ସରକାରର ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ନିଯୁକ୍ତିକୁ ବିରୋଧ କରିବା ସହ ପୂର୍ବରୁ କାର୍ଯ୍ୟ କରୁଥିବା ଅନେକ ଅଧିକାରୀଙ୍କୁ ବହିଷ୍କାର କରିଥିଲେ। ମାତ୍ର କିଛିଦିନ ଯିବା ପରେ ସେହି ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁଣି ନିଯୁକ୍ତି ପ୍ରଦାନ କଲେ। ବର୍ଷେ ହେଲା ବିଭିନ୍ନ ବିଭାଗରେ ଏପରି ବହିଷ୍କାର ଓ ପୁନଃନିଯୁକ୍ତି ଧାରା ଅବ୍ୟାହତ ରହିଛି। ଏହିକ୍ରମରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ର ଶେଖର ପାଢ଼ୀଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ୬ ମାସ ପାଇଁ ବୃଦ୍ଧି ଆଉ ଏକ ବିବାଦ ସୃଷ୍ଟି କରିଛି। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ଆରମ୍ଭ ହୋଇଛି। ବିଶେଷକରି ବିଭାଗରେ ୬ ଜଣ ମୁଖ୍ୟଯନ୍ତ୍ରୀ ପାହ୍ୟାର ଅଧିକାରୀ ଥିବାବେଳେ କେଉଁ କାରଣ ପାଇଁ ଶ୍ରୀ ପାଢ଼ୀଙ୍କର କାର୍ଯ୍ୟକାଳ ବୃଦ୍ଧି ହେଲା ତାହାକୁ ନେଇ ତଥ୍ୟଭିତ୍ତିକ ମହଲ ପ୍ରଶ୍ନ ଉଠାଇଛନ୍ତି। ଏପରିକି ଜଳସମ୍ପଦ ବିଭାଗ ସହ ଜଡ଼ିତ କିଛି ବ୍ୟକ୍ତି ଏ ସମ୍ପର୍କରେ ବିରୋଧୀଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅଭିଯୋଗ ଅନୁସାରେ, ଗତ ଜୁନ୍ ୩୦ ତାରିଖରେ ଶ୍ରୀ ପାଢ଼ୀଙ୍କର କାର୍ଯ୍ୟକାଳ ସମାପ୍ତ ହୋଇଛି। ନିଜ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ପାଢ଼ୀ ବିଭାଗ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ପାରିନାହାନ୍ତି। ବିଶେଷକରି ଗତ ଏକବର୍ଷ ଧରି ବିଭାଗ ଏକପ୍ରକାର ସ୍ଥାଣୁ ପାଲଟି ଯାଇଥିବା ବେଳେ ବିଭାଗ ୩୦ ବର୍ଷ ପଛକୁ ଫେରିଯାଇଛି। ୧୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ସାଣ୍ଡୁଲୁ ୟୁଜିପିଏଲ୍ ପ୍ରକଳ୍ପ, ୨୭୨ କୋଟି ଟଙ୍କା ଅଟକଳରେ ଅଙ୍ଗ ୟୁଜିପିଏଲ୍ ପ୍ରକଳ୍ପ, ୧୬୭ କୋଟି ବ୍ୟୟଅଟକଳରେ ହାଡୁଆ ୟୁଜିପିଏଲ୍ ପ୍ରକଳ୍ପ, ୧୫୭ କୋଟି ଟଙ୍କା ଅଟକଳରେ ଛେଳିଗଡ଼ ଡ୍ୟାମ୍ ପ୍ରକଳ୍ପରେ ଯାବତୀୟ ଅନିୟମିତତା ପଛରେ ଶ୍ରୀ ପାଢ଼ୀଙ୍କ ହାତ ରହିଛି। ଏପରିକି ଜାଲ ସତ୍ୟପାଠ ଦାଖଲ କରି ଟେଣ୍ଡର ହାତେଇଥିବା ଏକ ଗୁଜୁରାଟୀ କମ୍ପାନୀକୁ ଶ୍ରୀ ପାଢ଼ୀ ସହଯୋଗ କରିଥିବା ମଧ ଅଭିଯୋଗ ହୋଇଛି। ଅଭିଯୋଗ ହେବା ପରେ ଏହା ମଧ୍ୟରୁ କେତେକ ପ୍ରକଳ୍ପକୁ ବାତିଲ କରାଯାଇଛି। ତେଣୁ ଏପରି ଅଭିଯୋଗରେ ଅଭିଯୁକ୍ତ ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟକାଳ କ’ଣ ପାଇଁ ସରକାର ବୃଦ୍ଧି କଲେ ତାହା ସନ୍ଦେହ ସୃଷ୍ଟି କରିଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# କଟକ ସିଟି



## ସହରର ଦୟନୀୟ ରାସ୍ତାଘାଟ

# ମରାମତି ପରେ ଉଠିଯାଉଛି ପିଚୁ

କଟକ, ୪।୭ (ସମିସ)

କଟକ ସହରରେ ଅଧିକାଂଶ ରାସ୍ତାଘାଟର ଅବସ୍ଥା ଏବେ ଗାଁ ଗହଳିର ରାସ୍ତାଘାଟଠାରୁ ବି ଦୟନୀୟ ହୋଇପଡ଼ିଛି। ସହରରେ ନୂଆ କରି ନିର୍ମାଣ ହୋଇଥିବା ଅନେକ ରାସ୍ତା ମଧ୍ୟ ଖାଲଖମାରେ ପରିଣତ ହୋଇଛି। ଫଳରେ ବର୍ତ୍ତମାନ ବର୍ଷା ସମୟରେ ଏହି ରାସ୍ତାଗୁଡ଼ିକ ଯାତାୟାତ ପାଇଁ ଯାତ୍ରୀଙ୍କୁ ନାନା ଅସୁବିଧାରେ ପକାଉଛି। ମହାନଗର ନିଗମ ଅଞ୍ଚଳରେ ଏଭଳି ଦୟନୀୟ ପରିସ୍ଥିତିକୁ ନେଇ ପ୍ରତିବର୍ଷ ଉଦବେଗ ପ୍ରକାଶ ପାଇଆସୁଛି। ହାଇକୋର୍ଟ ମଧ୍ୟ ଏନେଇ ମାମଲାର ଶୁଣାଣି କରି ଆସୁଥିଲା ବେଳେ ବର୍ଷ ବର୍ଷ ପରେ ବିତିଯାଉଛି, ପରିସ୍ଥିତିରେ ସୁଧାର ଆସୁନାହିଁ। ଏହାକୁ ନେଇ ନିଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ପ୍ରଶାସନର ବିଭିନ୍ନ ବିଭାଗର ଦାୟିତ୍ୱ ଏବଂ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ଉଭା ହୋଇଛି।

### ହାଇକୋର୍ଟରେ ଦାଖଲ ହେବ ରିପୋର୍ଟ

ଜାଇକା ଅନୁଦାନରେ ଚାଲିଥିବା ଡ୍ରେନେଜ ସ୍ୱେରେଜ କାମ, ଅମୃତ ଯୋଜନାରେ ପାଇପଲାଇନ, ଗେଲ୍‌ର ଗ୍ୟାସ ପାଇପ୍‌ଲାଇନ ଓ ଓପିଟିସିଏଲ୍‌ର ଭୂତଳ ବିଦ୍ୟୁତ କେବୁଲ ବିଛା ପାଇଁ ଅନେକ ସମୟରେ ରାସ୍ତା ନଷ୍ଟ ହେଉଛି। ଏପରିକି ସହରର ବିପର୍ଯ୍ୟସ୍ତ ରାସ୍ତାଘାଟକୁ ନେଇ ହାଇକୋର୍ଟ ଅସନ୍ତୋଷ ଜାହିର କରିଛନ୍ତି। ସହରର ସମସ୍ତ ୱାର୍ଡୱାରୀ ଶୋଚନୀୟ ରାସ୍ତାର ତାଲିକା ଦାଖଲ ପାଇଁ ଆଡଭୋକେଟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ବାସ୍ତବରେ ଏହି ତାଲିକା ଅସରନ୍ତି ବୋଲି କୁହାଯାଉଥିଲା ବେଳେ ଏହା ଲମ୍ବି ଲମ୍ବି ଚାଲିଛି।





### ସମନ୍ୱୟ ଅଭାବରୁ ସବୁଠି ଖୋଳାପୋତା

ସରକାରୀ ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ଅଭାବରୁ କଟକ ସହରରେ ରାସ୍ତାଘାଟଗୁଡିକରେ ଖୋଳାପୋତା କାମ ଚାଲିଛି। ଏଥିପାଇଁ ମହାନଗର ନିଗମର ପ୍ରାକ ଅନୁମତି ନିଆଯାଉ ନଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ବି ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ସହରରେ ଜାଇକା ଅନୁଦାନରେ ଚାଲିଥିବା ଡ୍ରେନେଜ ଓ ସ୍ୱେରେଜ କାମ ହେଉ ଅବା ଓପିଟିସିଏଲର ଭୂତଳ ବିଦ୍ୟୁତ କେବୁଲ ବିଛା ଓ ଅମୃତ ଯୋଜନାରେ ପାନୀୟଜଳ ପାଇପ ଲାଇନ ବିଛା ଲାଗି ରାସ୍ତାଘାଟଗୁଡିକ ତିନି ତିନି ଥର ଖୋଳାଯାଇଛି। ଏସବୁ କାମ ପାଇଁ କଟକ ସହରର ରାସ୍ତାଘାଟଗୁଡ଼ିକ ଏବେ ଶୋଚନୀୟ ଅବସ୍ଥାରେ ରହିଛି। କେବଳ ପାର୍ବଣ ପୂର୍ବରୁ ସହରର ରାସ୍ତାଘାଟଗୁଡ଼ିକ ମରାମତି କରାଯାଉଥିବା ବେଳେ ମୌସୁମୀ ଆଗମନ ଓ ବର୍ଷା ଆଳରେ ରାସ୍ତା ମରାମତି କରାଯାଉ ନଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଛି। ଅନ୍ୟପଟେ, ଅନେକ ସମୟରେ ପୂଜା ପ୍ରସ୍ତୁତି ବୈଠକରେ ସହରର ରାସ୍ତାଘାଟ ସମସ୍ୟା ନେଇ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଅସନ୍ତୋଷ ଜାହିର କରିବାର ନଜିର ରହିଛି।

ମଧୁପାଟଣାର ବାଦାମବାଡ଼ି, କଲେଜଛକ-ଯୋବ୍ରା, ଦୋଳମୁଣ୍ଡାଇ-ଦରଘାବଜାର, ମାଛୁଆବଜାର-ଥୋରିଆସାହି-ନିମସାହି ରାସ୍ତା, ଛତ୍ରବଜାର-କଲେଜଛକ, ସେମିନାରୀଛକ-ମେରିଆବଜାର, ତେଲେଙ୍ଗାବଜାର-ରାଜାବଗିଚା, କାଠଗଡ଼ାସାହି-ଚୌଧୁରୀବଜାର, ଚାନ୍ଦିନୀଚୌକ-ଚଣ୍ଡୀଛକ, ଖାନନଗର-ଅରୁଣୋଦୟନଗର, ନୂଆବଜାର-ପୋତାପୋଖରୀ, ନୂଆପଡ଼ା-ନୂଆବଜାର ଆଦି ପ୍ରମୁଖ ରାସ୍ତାଘାଟ ଏବେ ଖାଲଖମାରେ ପରିଣତ ହୋଇଛି। କଟକ ମହାନଗର ନିଗମ ଅଧୀନରେ ପ୍ରାୟ ୭୮୩ କିଲୋମିଟର ରାସ୍ତା ରହିଛି। ଏଗୁଡିକ ମଧ୍ୟରୁ ଅନେକ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ପୂର୍ତ୍ତ ବିଭାଗ, ଜଳସମ୍ପଦ ବିଭାଗ, ରେଳବାଇ, ଇଡକୋ, ସିଡିଏ, ସିଏମସି ଓ ଏନଏଚଏଆଇ ଅଧୀନରେ ରହିଛି ରାସ୍ତାଘାଟ। ଜଳସମ୍ପଦ ବିଭାଗ ଅଧୀନରେ କାଠଯୋଡ଼ି ଓ ମହାନଦୀ ରିଙ୍ଗରୋଡର ପ୍ରାୟ ୧୯ କିଲୋମିଟର ରାସ୍ତା ରହିଛି। ସେହିପରି ଇଡକୋ ଅଧୀନରେ ଜଗତପୁର ଓ ଖପୁରିଆ ଶିଳ୍ପାଞ୍ଚଳ ପରିସର ରାସ୍ତା ରହିଛି। ଏଗୁଡିକ ବି ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଛି। ଗତ କିଛି ଦିନ ଧରି ଲଗାଣ ବର୍ଷାରେ ଏହି ସବୁ ରାସ୍ତାଘାଟର ଅବସ୍ଥା ବେଶୀ ବିଗିଡ଼ି ଯାଇଛି। ଏନଏଚଏଆଇ (ଜାତୀୟ ରାଜପଥ ପ୍ରାଧିକରଣ) ଅଧୀନରେ ଥିବା ୧୬ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ସର୍ଭିସ ରୋଡରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି।

## ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ଦିବସ



**କଟକ, ୪।୭ (ସମିସ):** ଟାଙ୍ଗୀ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଇକ୍‌ବାଲ ହୁସେନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଅଧ୍ୟାପକ ଡ. ସୁନାମଣି ରାଉତ, 'ଉତ୍କଳ ଗ୍ରାମ ସ୍ୱରାଜ୍ୟ'ର ପ୍ରତିଷ୍ଠାତା ସଭାପତି ବ୍ରହ୍ମାନନ୍ଦ ମହାନ୍ତି, ଡ. ସୁଦର୍ଶନ ପଟ୍ଟନାୟକ, କବିୟିତ୍ରୀ ଡ. ବସନ୍ତ କୁମାରୀ ନନ୍ଦ, ଲେଖିକା ସରୋଜିନୀ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ଡ. କଲିମୁଲ୍ଲା, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଅତିଥି ଓ ବକ୍ତା ଭାବରେ ଯୋଗ ଦେଇଥିଲେ। ଓଡିଆ ବିଭାଗର ମୁଖ୍ୟ ପ୍ରାଧାପିକା ଡ. ବିଷ୍ଣୁପ୍ରିୟା ଦାଶ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂରାଜୀ ବିଭାଗର ପ୍ରାଧାପିକା ଡ. ବିଲ୍‌କେଶ ପରଭିନ୍ ଧନ୍ୟବାଦ ଅର୍ପଣ କରିଥିଲେ। ଜୁନିୟର ରେଡକ୍ରସର ସଭ୍ୟସଭ୍ୟା ପରିଚାଳନା କରିଥିଲେ।

## ଯୋଗ ସାଧନାକେନ୍ଦ୍ର ଉଦ୍‌ଘାଟିତ



**କଟକ, ୪।୭ (ସମିସ):** ମର୍କତନଗର ସେକ୍ଟର ୭ସ୍ଥିତ ଉତ୍କଳ ସମବାୟ ଆପାର୍ଟମେଣ୍ଟରେ ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ଯୋଗ ଓ ପ୍ରାଣାୟାମ ସାଧନା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସୋସାଇଟିର ସମ୍ପାଦକ ବିଶ୍ୱଜିତ ସିଂହ ଏହାକୁ ଉଦଘାଟନ କରିଥିଲେ। ଉପଦେଷ୍ଟା ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହରେ ଜିଲ୍ଲା ଉପପ୍ରମୁଖ କେଦାରନାଥ ଜାଲି, କବିତା ପ୍ରଧାନ, ଜୟଶ୍ରୀ ଦାସ, ସୁଧାଂଶୁବାଳା ମହାନ୍ତି, ମନସ୍ୱିନୀ ପ୍ରଧାନ, ନନ୍ଦିତା ନାୟକ, ମାଳତୀ ଜାଲି, ଭାରତୀ ମହାପାତ୍ର ଓ ସରୋଜିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କେନ୍ଦ୍ରରେ ଦୈନିକ ସନ୍ଧ୍ୟା ୫ଟାଠାରୁ ସାଢେ ୬ଟା ପର୍ଯ୍ୟନ୍ତ ଯୋଗ ଶିକ୍ଷକଙ୍କ ଦ୍ୱାରା ଯୋଗ ଶିକ୍ଷା ପ୍ରଦାନ କରାଯିବ। ଏଥିପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

### ଶ୍ରୀଗୁଣ୍ଡିଚା ମହୋତ୍ସବ ଉଦ୍‌ଯାପିତ

## 'ମୋ ମନର ଜଗନ୍ନାଥ' ଚିତ୍ରକଳା ପ୍ରଦର୍ଶିତ

**କଟକ, ୪।୭ (ସମିସ):** କାଳିଆ ଠାକୁର ମାଉସୀ ଘରେ ଆଠଦିନ ରହିବା ପରେ ପୂର୍ବସ୍ଥାନକୁ ବାହୁଡ଼ି ଯିବେ। ଆଠଦିନ ଧରି ମହାନଦୀବିହାରସ୍ଥିତ ମଙ୍ଗଳାମନ୍ଦିର ଛକରେ ଅନୁଷ୍ଠିତ ହୋଇଆସୁଥିବା ଶ୍ରୀଗୁଣ୍ଡିଚା ମହୋତ୍ସବର ଆଜି ଥିଲା ଉଦଯାପନୀ ଉତ୍ସବ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ରମାକାନ୍ତ ଲେଙ୍କା, ଅଭୟ ପରିଜା, ଶରତଚନ୍ଦ୍ର କୁଣ୍ଡୁଙ୍କ ସଂଯୋଜନାରେ ଅନୁଷ୍ଠିତ ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ସଞ୍ଜୟ ସାହାଣୀ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଷଷ୍ଠ ବାଟାଲିୟନର ଦୁର୍ଗପତି ସୂର୍ଯ୍ୟନାରାୟଣ ମଲ୍ଲିକ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଗୁଣ୍ଡିଚା ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ମୋ ମନର ଜଗନ୍ନାଥ କାର୍ଯ୍ୟକ୍ରମଟି ବେଶ୍ ଆକର୍ଷଣୀୟ ହୋଇପାରିଥିବା ବେଳେ ମହୋତ୍ସବ କମିଟି ପକ୍ଷରୁ ସୁନିଦ୍ରା ବିଭାଗର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, ମାନସିକ ବିଭାଗର ପ୍ରଫେସର ଡାକ୍ତର ନୀଳମାଧବ ରଥ, ଡାକ୍ତର ସଂଗ୍ରାମ ନାୟକ, ଲେଖିକା ସୋହାଗିନୀ ବେହେରା, ସରୋଜ ପ୍ରସାଦ ସ୍ୱାଇଁ, କର୍ପୋରେଟର ପ୍ରଦୀପ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷ ସନ୍ଧ୍ୟାରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦଚନ୍ଦ୍ର ମହାନ୍ତି, ଜ୍ଞାନରଞ୍ଜନ ଦାସ, ରାଧାକାନ୍ତ ଶତପଥୀ, ଗୋପାଳକୃଷ୍ଣ ବେହେରା, ପ୍ରଦୀପ୍ତ ମହାନ୍ତି, ବିଷ୍ଣୁପ୍ରସାଦ କର, ପ୍ରମୋଦ ଦାସ, ସୁଶାନ୍ତ ଘୋଷ, ଭଗବାନ ବିଶ୍ୱାଳ, ଗୋଲେଖଚନ୍ଦ୍ର କାନୁନଗୋ, ପ୍ରଭାକର ରଣା, ରମଣୀ ରଞ୍ଜନ ଦାସ, ଦେବାଶିଷ ରଥ, କାବୁଲା ଆଚାର୍ଯ୍ୟ, ବରଦା ପ୍ରସନ୍ନ ନାୟକ, ରାକେଶ ତ୍ରିପାଠୀ, ନିରୁପମା ପତି, ଲେନିନପ୍ରଭା ଉପସ୍ଥିତ ଥିଲେ।



## ନାବାଳିକାର ଫଟୋ ଓ ଭିଡିଓ ଭାଇରାଲ; ଯୁବକ ଗିରଫ

**କଟକ, ୪।୭ (ସମିସ):** ଜଣେ ନାବାଳିକାଙ୍କ ନଗ୍ନ ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ଜାଲ୍ ଆକାଉଣ୍ଟ ଖୋଲି ଭାଇରାଲ୍ କରିବା ଘଟଣାରେ ସାଇବର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଅଞ୍ଚଳର ଜିତେନ୍ଦ୍ର ଭୋଇ। ପେସାରେ ସେ ଜଣେ ଫାଷ୍ଟଫୁଡ୍ ଦୋକାନର ରୋଷେୟା। ଭୁବନେଶ୍ୱର ଅଞ୍ଚଳରୁ ଜିତେନ୍ଦ୍ରକୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ସହରର ଜଣେ ନାବାଳିକା ଏବେ ଯୁକ୍ତ ଦୁଇ ପାଠ ପଢୁଛନ୍ତି। ପ୍ରାୟ ବର୍ଷେ ପୂର୍ବରୁ ଅଭିଯୁକ୍ତ ଜିତେନ୍ଦ୍ର କଟକର ଏକ ଫାଷ୍ଟଫୁଡ୍ ଦୋକାନରେ ରୋଷେୟା ଥିଲା। ସେଠାରେ ଉଭୟଙ୍କ ପରିଚୟ। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସମ୍ପର୍କ ଭାଙ୍ଗିଯିବା ପରେ ପ୍ରତିଶୋଧପରାୟଣ ହୋଇ ଅଭିଯୁକ୍ତ ଜଣକ ଉକ୍ତ ନାବାଳିକାର ଫଟୋ ଓ ଭିଡିଓ ଭାଇରାଲ୍ କରିଥିଲା।

### ସହରରେ ଜଳବନ୍ଦୀ ସମସ୍ୟା

## ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଟିମ୍

**କଟକ, ୪।୭ (ସମିସ):** ଲଗାଣ ବର୍ଷାରେ କଟକ ସହରର ସ୍ଥିତି ବେହାଲ ହେବା ପରେ ପ୍ରଶାସନ ଓ ସିଏମ୍‌ସି ଉପରେ ଗତକାଲି ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। କାହିଁକି ଏପରି ଅବସ୍ଥା ହେଉଛି, ତୁରନ୍ତ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେବା ପରେ ପ୍ରଶାସନ ଓ ସିଏମସି ଆକ୍ସନ୍ ମୋଡ୍‌କୁ ଆସିଛି। ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଆଜି ଏକ ପ୍ରଶାସନିକ ଟିମ୍ ପୁରା ସହର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

ଆଗକୁ ବର୍ଷା ହେଲେ ସମସ୍ୟା ଯେପରି ଗମ୍ଭୀର ନ ହୁଏ ତାହାର ସମାଧାନ କରିବାକୁ ଜିଲ୍ଲାପାଳ ଅଫିସରଙ୍କୁ ତାଗିଦ କରିଛନ୍ତି। ସହର ସମସ୍ୟା ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଲଗାଣ ବର୍ଷା କାରଣରୁ ସୃଷ୍ଟି ହେଉଥିବା ଜଳବନ୍ଦୀ ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ହାଇକୋର୍ଟ। ଜୁଲାଇ ୨୪ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣୀରେ ସିଏମସି ନଗର ଉନ୍ନୟନ ବିଭାଗ ସଚିବ, ପୂର୍ତ୍ତ ବିଭାଗ ସଚିବ, ଜିଲ୍ଲାପାଳ, ସିଏମସି ଓ ଅନ୍ୟ ଅଧିକାରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମସ୍ୟାର ପୁନରାବୃତ୍ତି ଯେପରି ନ ଘଟେ ଓ ବକ୍ସ ଡ୍ରେନର ସଫେଇ ସଠିକ ଭାବେ ହୁଏ ସେନେଇ ସିଏମସି କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆଜି କଟକ ଜିଲ୍ଲାପାଳଙ୍କ ସହିତ ସିଏମସି ଭାରପ୍ରାପ୍ତ କମିଶନର, ୱାଟକୋ ଅଧିକାରୀ, ଆରଆଣ୍ଡବି ଓ ଫାୟାର ଅଫିସରଙ୍କୁ ଧରି ସମ୍ଭାବ୍ୟ ଜଳବନ୍ଦୀ ଅଞ୍ଚଳ ଓ ବକ୍ସଡ୍ରେନ ବୁଲି ଦେଖିଛନ୍ତି। ପମ୍ପ ସେଟ୍ କେଉଁଠି କେଉଁଠି ଲାଗିଛି, ସେଗୁଡିକ ଠିକ ଭାବେ କାମ କରୁଛି କି ନାହିଁ, ଅଳିଆ ଆବର୍ଜନା କେଉଁଠି ଜମିଛି, ସେ ସବୁ ଦେଖିବା ସହିତ ଅଫିସରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ କଡ଼ା ତାଗିଦ କରିଥିଲେ। ବକ୍ସ ଡ୍ରେନରେ ଜମୁଥିବା ଜରି, କାଗଜ, ଅଳିଆ ଆପେ ଆପେ କିପରି ସଫା ହୋଇପାରିବ ସେଥିପାଇଁ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିଅରିଂ ଓ ଆଇଟିଆଇ ଛାତ୍ରଙ୍କୁ ଦାୟିତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଥିଲେ।



## ୨ ଅଧିକାରୀଙ୍କୁ ସୂଚନା ଆୟୁକ୍ତଙ୍କ ଆର୍ଥିକ ଦଣ୍ଡାଦେଶ

କଟକ, ୪।୭ (ସମିସ): ନରସିଂହପୁର ବ୍ଲକ ଜୟମଙ୍ଗଳା ଗ୍ରାମପଞ୍ଚାୟତର ୨ ଅଧିକାରୀଙ୍କୁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ୧୦ହଜାର ଲେଖାଏ ଆର୍ଥିକ ଦଣ୍ଡାଦେଶ ଦେଇଛନ୍ତି। ନରସିଂହପୁର ବ୍ଲକ ସୂଚନା ଅଧିକାରୀଙ୍କୁ ବିଷ୍ଣୁଚରଣ ସେଠୀ ୨ଟି ପୃଥକ ଘଟଣାରେ ସୂଚନା ପ୍ରାପ୍ତ ନିମନ୍ତେ ଆବେଦନ କରିଥିଲେ। ଜୟ ମଙ୍ଗଳା ଗ୍ରାମପଞ୍ଚାୟତର ସୂଚନା ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ସୂଚନା ଥିବା ବେଳେ ସେମାନେ ଏହାକୁ ଧାରା୬(୩) ଅନୁସାରେ ପ୍ରଦାନ କରିବାର ନିୟମ ରହିଛି। ସୂଚନା ଅଧିକାରୀ ଅଭେଦ କୁମାର ରାଉତରାୟ ଏବଂ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ରାଉତରାୟ ଆବେଦନକାରୀ ଶ୍ରୀ ସେଠୀଙ୍କୁ କୌଣସି ସୂଚନା ପ୍ରଦାନ କରି ନଥିଲେ। ଏ ସମ୍ପର୍କରେ ସୂଚନା ଆୟୁକ୍ତ ଶ୍ରୀ ମହାନ୍ତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେ ଏହାର ତଦନ୍ତ ପୂର୍ବକ ବିଚାର କରି ୨ ଅଧିକାରୀଙ୍କ ଉପରେ ୧୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଏହି ଅର୍ଥ ୧ମାସ ମଧ୍ୟରେ ସରକାରୀ ତହବିଲ୍‌ରେ ଦାଖଲ ନକଲେ ସେମାନଙ୍କ ଦରମାରୁ ଏହି ଅର୍ଥ ଆଦାୟ କରିବାକୁ ନରସିଂପୁର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଡ଼ ମେଡିକାଲ

# ବନ୍ଦହେବ ବ୍ୟାଟେରୀ ଗାଡ଼ି ସେବା!



କଟକ, ୪।୭ (ସମିସ)

ଏସ୍‌ସିବି ମେଡିକାଲରେ ବ୍ୟାଟେରୀ ଗାଡ଼ି ସେବା ବନ୍ଦ ହେବା ଅବସ୍ଥାରେ ପହଞ୍ଚିଲାଣି। କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ବ୍ୟାଟେରୀ ଗାଡ଼ିଗୁଡ଼ିକର ଅଚଳାବସ୍ଥା ବଢ଼ି ଚାଲିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ୨୦ଟି ଗାଡ଼ିରୁ ଏବେ ମାତ୍ର ୨ଟି ଗାଡି ରୋଗୀ ସେବାରେ ନିୟୋଜିତ ହେଉଥିବା ଜଣାପଡ଼ିଛି। କୋଟିକୋଟି ଟଙ୍କା ବିନିଯୋଗରେ ବଡ଼ ମେଡିକାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ଉଦ୍ୟମ କରାଯାଉଥିବା ବେଳେ ଏଭଳି ଅବ୍ୟବସ୍ଥା ରୋଗୀସେବାରେ ବାଧା ସୃଷ୍ଟି କରୁଛି। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବଡ ମେଡିକାଲରେ ରୋଗୀ ସେବା ବହୁମାତ୍ରାରେ ପ୍ରଭାବିତ ହେଲାଣି। ଷ୍ଟ୍ରେଚର ସଙ୍କଟ ଯୋଗୁଁ ପ୍ରତ୍ୟେକ ଦିନ ଅନେକ ରୋଗୀ କାନ୍ଧରେ ବୁହା ହେଉଛନ୍ତି। ଏହା ଭିତରେ ବ୍ୟାଟେରୀ ଗାଡି ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଲାଣି। ମେଡିକାଲରେ ବ୍ୟାଟେରୀ ଗାଡି ଥାଇ ମଧ୍ୟ କାମରେ ଲାଗୁନି। ମେଡିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରୀ ଗାଡ଼ି ଖରାପ ହୋଇ ଖତ ଖାଉଥିବାବେଳ ଅଧିକାଂଶ ଗାଡ଼ିରେ ଚାର୍ଜ ନଥିବାରୁ ତାହା ରୋଗୀ ସେବାରେ ଲାଗୁନାହିଁ ବୋଲି ଜଣେ କର୍ମଚାରୀ କହିଛନ୍ତି।


**ଗାଡ଼ି ସଂଖ୍ୟା ୨୦; ସେବାରେ ଲାଗୁଛି ୨ଟି**

**ଅଚଳାବସ୍ଥା ବଢୁଛି; କର୍ତ୍ତୃପକ୍ଷ ନିରବ**

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଗୋଟିଏ ୱାର୍ଡରୁ ଅନ୍ୟତ୍ର ନେବା ଆଣିବା କରିବା କିମ୍ବା କାଜୁଆଲିଟିରୁ ୱାର୍ଡକୁ ନେବା ନିମନ୍ତେ ବ୍ୟାଟେରୀ ଗାଡ଼ି ବ୍ୟବସ୍ଥା ଦୀର୍ଘ ୧୫ ବର୍ଷ ହେବ ଉପଲବ୍ଧ ରହିଛି। ନାଲକୋ ପକ୍ଷରୁ ମେଡିକାଲକୁ ୨୦ଟି ବ୍ୟାଟେରୀ ଗାଡ଼ି ଯୋଗାଇ ଦିଆଯାଇଥିଲା। ଏହାର ରକ୍ଷଣାବେକ୍ଷଣା କରିବା ନିମନ୍ତେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଟେରୀ ଗାଡ଼ିର ସେବା ବାବଦରେ ଲୋକେ ସହଜରେ ଜାଣି ପାରିବା ନିମନ୍ତେ ମେଡିକାଲ ପରିସରରେ ୪ଟି ସହାୟତା କେନ୍ଦ୍ର ଖୋଲିଥିଲା। ଏଥିରେ ୩୪ଜଣ ନିଯୁକ୍ତ ହୋଇଥିଲେ। ହେଲେ ମେଡିକାଲରେ ବ୍ୟାଟେରୀ ଗାଡିର ରକ୍ଷଣାବେକ୍ଷଣା ଠିକ୍ ଭାବେ କରାଯାଉ ନାହିଁ। ଯାହାଫଳରେ ରୋଗୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମେଡିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରୀ ଗାଡି ଖରାପ ହୋଇ ଖତ ଖାଉଛି। ତେବେ ଗାଡ଼ିଗୁଡ଼ିକରେ ଚାର୍ଜ ରହୁ ନଥିବାରୁ ଏଭଳି ସମସ୍ୟା ହେଉଛି ବୋଲି ବ୍ୟାଟେରୀ ଗାଡ଼ି ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ କହିଛନ୍ତି। ଏଭଳି ଅବ୍ୟବସ୍ଥା ଦ୍ୱାରା ମେଡିକାଲକୁ ଦୂରଦୁରାନ୍ତରରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ମସ୍କ ଓ ମମଦାନି

ବିଂଶ ଶତାବ୍ଦୀର ଶେଷଭାଗରେ ସୋଭିଏତ ରୁଷର ବିଭାଜନ ଓ ବର୍ଲିନ ପ୍ରାଚୀରର ପତନ ସହ ଦୁଇ ଜର୍ମାନୀର ମିଶ୍ରଣ ପରେ କେବଳ ଶୀତଳ ଯୁଦ୍ଧର ଅବସାନ ଘଟିଲାନି ସମଗ୍ର ବିଶ୍ୱରେ ଉଦାର ଗଣତନ୍ତ୍ର ଓ ମୁକ୍ତ ବଜାର ବ୍ୟବସ୍ଥା ସପକ୍ଷରେ ଯେଉଁ ଅନୁକୂଳ ପରିବେଶ ସୃଷ୍ଟି ହେଲା ସେଥିରେ ମନେ ହେଲା ସମଗ୍ର ଜନସମୁଦାୟ ଉପଭୋକ୍ତା ଭାବେ ଜୀବନକୁ ସମ୍ମୁଖୀନ ହେବେ। ବିଦ୍ୱେଷ ଓ ବିବାଦରୁ ସୃଷ୍ଟି ଯୁଦ୍ଧ ଘନଘଟାର ଅବସାନ ଘଟିବ। କିନ୍ତୁ ଉଦାର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜାତୀୟତାବାଦର ପ୍ରବକ୍ତାମାନେ ଉଗ୍ର ଦକ୍ଷିଣପନ୍ଥୀ ଚିନ୍ତନ ଓ ଆଭିମୁଖ୍ୟର ନେତୃତ୍ୱ ନେଲେ। ତାହାର ପ୍ରତୀକ ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ। ଅପ୍ରତିଦ୍ୱନ୍ଦ୍ୱୀ ଓ ସର୍ବଶକ୍ତିମାନ ଆମେରିକା ସମ୍ପ୍ରତି ବିଶ୍ୱର ବଜାର ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିବାରୁ ଯେଉଁ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି ତାହାର ନିୟାମକ ପାଲଟିଛନ୍ତି ନିଜେ ଟ୍ରମ୍ପ। ଆମେରିକାକୁ ପୁଣି ଥରେ ମହାନ କରି ଗଢ଼ିତୋଳିବାର ସ୍ୱପ୍ନ ଦେଖାଇ ସେ କ୍ଷମତାକୁ ଆସିଥିଲେ ହେଁ ତାଙ୍କର 'ବିଗ୍ ବିୟୁଟିଫୁଲ୍' ବିଲ୍ ତାଙ୍କ ନିର୍ବାଚନୀ ଘୋଷଣା ଓ ପ୍ରତିଶ୍ରୁତିର ପରିପନ୍ଥୀ। ନିର୍ବାଚନ ପାଇଁ ୨୫ କୋଟି ଡଲାର ଚାନ୍ଦା ଦେଇ ପ୍ରଚାର ଅଭିଯାନର. ନେତୃତ୍ୱ ନେଇଥିବା ତାଙ୍କ ନିକଟତମ ସହଯୋଗୀ ଏଲନ୍ ମସ୍କ ଆରମ୍ଭରୁ ହିଁ ବିଲ୍‌କୁ ବିରୋଧ କରିଛନ୍ତି। ଏହି ବିରୋଧରୁ ସୃଷ୍ଟି ହୋଉଥିବା ତିକ୍ତତା ଏତେ ନିମ୍ନସ୍ତରକୁ ଯାଇଛି ଯେ ଟ୍ରମ୍ପ ତାଙ୍କ ନାଗରିକତା ରଦ୍ଦ କରିବା ସହ ଦେଶରୁ ବହିଷ୍କାର କରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ବାଦଦେଲେ ୱାଶିଂଟନ ସହରର ମେୟର ନିର୍ବାଚନ ମଧ୍ୟ ଆଉ ଏକ ବିବଦମାନ ପରିସ୍ଥିତି ସୃଷ୍ଟି କରିଛି। ଟ୍ରମ୍ପଙ୍କ ସକାଶେ ବିରୋଧ ଓ ପ୍ରତିରୋଧର ଉତ୍ତର କେବଳ ଦେଶରୁ ବହିଷ୍କାର।

ଆସନ୍ତା ନଭେମ୍ବର ୫ ରେ ୱାଶିଂଟନରେ ମେୟର ନିର୍ବାଚନହେବ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ହେବା ପୂର୍ବରୁ ସେମାନଙ୍କ ଲୋକପ୍ରିୟତା ଆକଳନ ସକାଶେ ଦୁଇଟି ପର୍ଯ୍ୟାୟରେ ମତଦାନ କରାଯାଇଥାଏ। ଡେମୋକ୍ରାଟିକ ପାର୍ଟି ପକ୍ଷରୁ ଜୋହରନ୍ କ୍ୱାମେ ମମଦାନି ଜୁନ ୨୪ ତାରିଖ ମତଦାନରେ ୫୬ ପ୍ରତିଶତ ଭୋଟ ପାଇଥିବାରୁ ତାଙ୍କର ପ୍ରାର୍ଥିତ୍ୱ ଚୂଡ଼ାନ୍ତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଗଭର୍ଣ୍ଣର ଆଣ୍ଡ୍ରୁ କୁମୋ. ୪୪ ପ୍ରତିଶତ ଏବଂ ଏବେ ମେୟର ଥିବା ଏରିକ୍ ଆଡମସ୍ ୪୮ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ମମଦାନିଙ୍କ ପାଇଁ ଟ୍ରମ୍ପଙ୍କ ଏତେ ଚିନ୍ତା କାହିଁକି? ସେ ପାଲେଷ୍ଟାଇନରେ ଚାଲିଥିବା ନରସଂହାରର ତୀବ୍ର ବିରୋଧୀ। ସହରରେ ଇହୁଦୀ ଲବିର. ପ୍ରାଧାନ୍ୟ ଓ ପ୍ରତିପତ୍ତି ସତ୍ତ୍ୱେ ତାଙ୍କ ସପକ୍ଷରେ ଏହି ବିପୁଳ ମତଦାନ ହ୍ୱାଇଟ ହାଉସ କ୍ଷମତା କରିଡରରେ ହଇଚଇ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ସହରର ମଧ୍ୟମ ଓ ନିମ୍ନ ବର୍ଗର ନାଗରିକଙ୍କୁ ସହଜ ଓ ସୁବିଧାରେ ଗୃହଯୋଗାଣ, ବ୍ୟୟ ବହୁଳ କମ୍ପାନୀ ଯୋଗାଉଥିବା ରେସନ୍ ସାମଗ୍ରୀ ବଦଳରେ ଶସ୍ତା ଓ ସୁବିଧାରେ ଯୋଗଣ ବ୍ୟବସ୍ଥା ପରିଚାଳନା ଏବଂ ମାଗଣା ପରିବହନ ବ୍ୟବସ୍ଥା ଭଳି କେତେକ ନାଗରିକଙ୍କ ସ୍ୱାର୍ଥ ସମ୍ବଳିତ ପ୍ରତିଶ୍ରୁତି ଆମେରିକା ରାଜତ୍ୱରେ ବିଦ୍ରୋହର ସ୍ୱର ଭଳି ମନେ କରାଯାଉଛି। ଏଠାରେ କୁହାଯାଇ ପାରେ କି ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ ଦଳ ଆଦର୍ଶର ଏହାର ପରିପନ୍ଥୀ। ସବୁଠାରୁ ବଡ଼ କଥା ହେଲା, ବେଆଇନ ବହିରାଗତଙ୍କୁ ଦେଶରୁ ବହିଷ୍କାର କରିବା ସକାଶେ ଟ୍ରମ୍ପ ଯେଉଁ କଠୋର ନୀତି ପ୍ରଣୟନ କରିଛନ୍ତି ତାହାର ମମଦାନି. ବିରୋଧୀ। ସେ ମେୟର ନିର୍ବାଚିତ ହୋଇଗଲେ ଏହି ଆଇନକୁ ୱାଶିଂଟନରେ କାର୍ଯ୍ୟକାରୀ କାରିବାରେ ପ୍ରତିବନ୍ଧକ ସାଜି ପାରନ୍ତି। ତେଣୁ ଟ୍ରମ୍ପ ତାଙ୍କ ବିରୋଧରେ ଏବେ ଠାରୁ ଖୋଲା ଆହ୍ୱାନ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ମମଦାନିଙ୍କୁ ଗିରଫ କରି ତାଙ୍କ ନାଗରିକତ୍ୱ ରଦ୍ଦ କରାଯିବ। ପରିସ୍ଥିତି ଏପରି ହୋଇଛି ଯେ ସତେ ଯେପରି ସେ ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ।

ଜୋହରନ୍ ମାମଦାନିଙ୍କ ବୟସ ମାତ୍ର ୩୪ ବର୍ଷ। ତାଙ୍କ ପିତା ଓ ମାତା ଉଭୟ ଭାରତ ବଂଶୋଦ୍ଭବ। ପିତା ମହମ୍ମଦ ମମଦାନି ଗୁଜରାଟ ମୂଳ ବାସିନ୍ଦା। ସେ ଉଗାଣ୍ଡାରେ ଅବସ୍ଥାନ କରିବା ପରେ ପ୍ରତିକୂଳ ପରିସ୍ଥିତିର ଚାପରେ ଆମେରିକାର ନାଗରିକତ୍ୱ ଗ୍ରହଣ କରିଛନ୍ତି। ଶିକ୍ଷାବିତ୍ ଭାବେ ତାଙ୍କର ବେଶ ସୁନାମ ମଧ୍ୟ ଅଛି। ମାତା ମୀରା ନାୟାର ଆନ୍ତର୍ଜାତିକ ସ୍ତରରେ ଜଣେ ସ୍ୱନାମଧନ୍ୟ ଚଳଚିତ୍ର ପ୍ରଯୋଜିକା ଓ ନିର୍ଦ୍ଦେଶିକା। ମମଦାନି ସଂପ୍ରତି ୱାଶିଂଟନ ଆସେମ୍ବ୍ଲିର ସଦସ୍ୟ ମଧ୍ୟ ଅଛନ୍ତି। ଆମେରିକାର ରାଜନୈତିକ ଆଦର୍ଶ ଓ ବିଚାରଗତ ବ୍ୟବସ୍ଥା ସହ ତାଳମେଳ ଖାଉନଥିବା ମମଦାନିଙ୍କ ପ୍ରଚାର ଓ ପ୍ରତିଶ୍ରୁତି 'ଲଙ୍କାରେ ହରିଶବ୍ଦ' ଭଳି ଅନେକଙ୍କୁ ମନେହେଉଥିଲେ ମଧ୍ୟ ମତଦାତାଙ୍କ ସହାନୁଭୂତି ଓ ସମର୍ଥନ ଯେ ତାଙ୍କ ପ୍ରତି ଅଛି ତାହା ମିଳିଥିବା ୫୬ ପ୍ରତିଶତ ଭୋଟରୁ ପ୍ରମାଣିତ ହେଉଛି। ସବୁଠାରୁ ବଡ଼କଥା ହେଉଛି ଦକ୍ଷିଣପନ୍ଥୀ ଚରିତ୍ର ଓ ଚିନ୍ତନର ସେ ଘୋର ବିରୋଧୀ। ସେ ମେୟର ନିର୍ବାଚିତ ହୋଇଗଲେ ଆମେରିକାର ପ୍ରଚଳିତ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ଆମେରିକା ହେଉଛି ବିତ୍ତଶାଳୀ ଓ ପୁଞ୍ଜିପତିଙ୍କ ପ୍ରାଧାନ୍ୟ ଥିବା ରାଷ୍ଟ୍ର। ରାଷ୍ଟ୍ରନୀତି ସେମାନଙ୍କୁ ଦୃଷ୍ଟିରେ ରଖି ପ୍ରଣୟନ କରାଯାଇଥାଏ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ. ଓ ଟ୍ରମ୍ପଙ୍କ ସଂପର୍କକୁ ସେ ନିର୍ବାଚନ ସଭାରେ କଠୋର ସମାଲୋଚନା କରୁଥିବାରୁ ଇହୁଦୀ ଲବିର ପ୍ରାଧାନ୍ୟ ସତ୍ତ୍ୱେ ତାଙ୍କୁ ବିପୁଳ ସମର୍ଥନ ମିଳୁଛି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ରାଜନୀତି ଏବେ ଦୁଇ ବିରୋଧୀଙ୍କୁ ନେଇ ଚଳଚଞ୍ଚଳ। ଜଣେ ହେଲେ ବିଶ୍ୱର ସବୁଠାରୁ ଧନୀଶାଳୀ ବ୍ୟକ୍ତି ଏଲନ୍ ମସ୍କ ଏବଂ ଅନ୍ୟ ଜଣେ ହେଲେ ଜୋହରନ୍ ମମଦାନି, ଯେ କି ସମାଜବାଦୀ ଆଦର୍ଶର ଅନୁଗାମୀ। ନିକଟରେ ବେଆଇନ ବହିରାଗତଙ୍କୁ ବହିଷ୍କାର ନେଇ କାଲିଫର୍ଣ୍ଣିଆରେ ଯେଉଁ ପ୍ରତିରୋଧ ହୋଇଥିଲା ତାହାର ମୁକାବିଲା ପାଇଁ ଟ୍ରମ୍ପଙ୍କୁ ସେନା ମୁତାୟନ କରିବାକୁ ପଡ଼ିଥିଲା। ସେଠିକାର ଗଭର୍ଣ୍ଣର ଖୋଲାଖୋଲି ଭାବେ ତାଙ୍କୁ ବିରୋଧ କରୁଛନ୍ତି। ପରିସ୍ଥିତି ଏପରି ହୋଇଛି ରକ୍ତପାତ ନ ଘଟିଲେ ମଧ୍ୟ ଆମେରିକାରେ ଯେଉଁ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଛି ଆଗାମୀ ଦିନରେ ଟ୍ରମ୍ପଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

## ହାତରେ ମୋ ମୁଠା ମୁଠା ଶରଧା ବାଲି

**ମନୋରଞ୍ଜନ ମହାନ୍ତି**

ଶ୍ରଦ୍ଧାରେ ମୁଠାଏ ବାଲି ଧରିପକାଇଲେ ଶ୍ରଦ୍ଧାରୁ ଝରିପଡ଼େ ଶୁଚିଶୀଳତା, ରମ୍ୟତା, ଧୀଶକ୍ତିଯୁକ୍ତ ଆବେଗ ଆଉ ବାଲିମୁଠାକ ରୂପାନ୍ତରିତ ହୋଇଯାଏ ବିଭୂତିରେ, ଯେଉଁଥିରୁ ଝରିପଡ଼େ ବରାଭୟ, ଆନନ୍ଦ, ଲାଳିତ୍ୟର ଈଶ୍ୱରୀୟ ଆଲୋକ। ନଈ ବା ସମୁଦ୍ର ପଠାରେ ବାଲି ଉପରେ ବସି ବା ଠିଆହୋଇ ଆକାଶ କି ନଈ କି ସମୁଦ୍ରକୁ ଚାହିଁଲେ ମନ ଭିତରେ ଚିନ୍ତନର ବିପୁଳ ଦିଗନ୍ତର ଉନ୍ମୋଚନ ହୁଏ। ଶୈଶବରେ ବାଲିଘର ଗଢ଼ିବା, ଭାଙ୍ଗିବା, ବାଲି ଉପରେ ଦୌଡ଼ିବା, ବସିବା, ଖେଳିବାର ବିବିଧ ପ୍ରକ୍ରିୟା ଶିଶୁ ମନରେ ବରାଭୟ, ଆନନ୍ଦ, ଲାଳିତ୍ୟ, ଈଶ୍ୱରୀୟ ଆଲୋକର ଧୀର ପ୍ରବେଶ କରାଉଥାଏ। ଅନନ୍ତ କୋଟି ପ୍ରଣିପାତ ଜଣାଇବା ସେହି ପୂର୍ବସୂରୀମାନଙ୍କୁ ଯେଉଁମାନେ ଐଶୀ ଆଶିଷ ବଳରେ ଶ୍ରୀମନ୍ଦିର, ପତିତପାବନ ବାନା, ନୀଳଶଇଳ, ରତ୍ନବେଦୀ, ଚତୁର୍ଦ୍ଧା ମୂର୍ତ୍ତି, ଆନନ୍ଦ ବଜାର, ବାଇଶି ପାହାଚ, ନରେନ୍ଦ୍ର ପୁଷ୍କରିଣୀ, ସ୍ନାନ ମଣ୍ଡପ, ବଡ଼ଦାଣ୍ଡ, ମହାପ୍ରସାଦ, ଘୋଷଯାତ୍ରା, ଗୁଣ୍ଡିଚା ମଣ୍ଡପ, ଶରଧାବାଲି ଭଳି ଦିବ୍ୟ ଶବ୍ଦଗୁଡ଼ିଏ ସର୍ଜନା କରିଗଲେ। ସଭକ୍ତି ପ୍ରଣାମ କରିବା ସେମାନଙ୍କୁ, ଯେଉଁମାନେ ପ୍ରାର୍ଥନା କରିଗଲେ, 'ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ' କିମ୍ବା ଆନନ୍ଦରେ ବିହ୍ୱଳ ହୋଇ ଗାଇଗଲେ 'ହାତରେ ମୋ ମୁଠା ମୁଠା ଶରଧା ବାଲି'।

ସତରେ ବଡ଼ଦାଣ୍ଡର ଧୂଳିରେ ଥାଏ କ'ଣ? ଶରଧା ବାଲିରେ ଥାଏ କ'ଣ ? ବଡ଼ଦାଣ୍ଡର ଧୂଳି ଦେହରେ ବୋଳି ହେଇଗଲେ ଦେହରୁ ଦିବ୍ୟ ଦୀପ୍ତି ଝରିଯାଏ, ଶରଧାବାଲିରୁ ମୁଠାଏ ଧରିପକେଇଲେ ହାତମୁଠାରେ ମମତାର ଅନନ୍ତ ଐଶ୍ୱର୍ଯ୍ୟ ଭରିଯାଏ। ବୋଧହୁଏ ସତେଯେପରି ହାତଦୁଇଟି ପ୍ରଲମ୍ବିତ ହୋଇଯାଉଛି ସମସ୍ତ ବିଶ୍ୱବାସୀଙ୍କୁ ଆଲିଙ୍ଗନ କରିବାକୁ। ଆଦିଶଙ୍କର କହିଲା ଭଳି, 'ପ୍ରଭୁ, ମୁଁ ରାଜ୍ୟ, କନକ, ମାଣିକ୍ୟ, ବିଭବ କିଛି ମାଗୁନାହିଁ', ସାଧାରଣ ଭକ୍ତଟିଏ କହେ, 'ଶରଧାବାଲିରୁ ହାତେ ମାଗୁଛି ପ୍ରଭୁ !'

ଶ୍ରୀଜଗନ୍ନାଥ-ସଂସ୍କୃତି ଧୂଳି, ବାଲିକୁ କରିଛି ଜୀବନମୟ, ଧୂଳିଧୂସରିତ ବଡ଼ଦାଣ୍ଡକୁ କରିଛି ବ୍ରହ୍ମମୟ, ବାଲିକୁ କରିଛି ଶ୍ରଦ୍ଧାମୟ, ଜୀବକୁ ପରମମୟ, ପରମକୁ ଜୀବମୟ, ଜୀବ ଓ ପରମର ସଂଯୋଗକୁ ଅମୃତମୟ। କ୍ଷୁଦ୍ର ବାଲିକଣାରେ ଭକ୍ତ ଅନୁଭବ କରିଛି ବ୍ରହ୍ମାଣ୍ଡର କର୍ଣ୍ଣଧାର ପରମ ପୁରୁଷ, ପୁରୁଷୋତ୍ତମଙ୍କ ବିପୁଳ ସତ୍ତାକୁ। ସାମାନ୍ୟ ଧୂଳିକଣାରେ ବି ନିହିତ ଅଛି ଅସାମାନ୍ୟ ବୈଶ୍ୱିକ ବୈଚିତ୍ର୍ୟ, ଯାହାର ଚୁମ୍ବକୀୟ ଆକର୍ଷଣରେ ସାଧୁସନ୍ଥମାନେ ସମବେତ ହୋଇଛନ୍ତି ବଡ଼ଦାଣ୍ଡର ବୈକୁଣ୍ଠ ଭୂମିରେ, ଧୂଳିବାଲିରେ ଅବଗାହିତ ହୋଇଛି ସେମାନଙ୍କ ସାଧନସିଦ୍ଧ ଅବୟବ। ନରେନ୍ଦ୍ର ପୁଷ୍କରିଣୀରେ ଅଙ୍ଗ ପ୍ରକ୍ଷାଳନ କରି ସେମାନଙ୍କ ବହୁଜନ୍ମର ଶ୍ରମ ସାର୍ଥକ ହୋଇଛି, କୃତାର୍ଥ ହୋଇଛନ୍ତି ସେମାନେ।

ତିନି ରଥ ବଡ଼ଦାଣ୍ଡରେ ଗଡ଼ିଗଡ଼ି ଗଲାବେଳେ ଦାଣ୍ଡର ଦୁଇ ପାର୍ଶ୍ୱରେ ତୁଙ୍ଗ ଅଟ୍ଟାଳିକାର ଛାତ ଉପରେ ଚିତ୍ରିତ ଚାନ୍ଦୁଆ ତଳେ ସମାଜର କିଛି ପ୍ରଭୁତ୍ୱସମ୍ପନ୍ନ ପ୍ରତିପତ୍ତିଶାଳୀ ଲୋକେ ଦେହରକ୍ଷୀଙ୍କ ଗହଣରେ ସୁକୋମଳ ଆସନରେ ବସି ମହାବାହୁଙ୍କ ଯାତ୍ରା ଦେଖୁଥାଆନ୍ତି ସିନା, ସାଧାରଣ ମଳିମୁଣ୍ଡିଆ ଭକ୍ତଟିଏ ଆକାଶ-ଚାନ୍ଦୁଆ ତଳେ ବଡ଼ଦାଣ୍ଡ-ଆସନରେ ଠିଆହୋଇ ଶ୍ରୀବିଗ୍ରହମାନଙ୍କ ଶ୍ରୀମନ୍ତ ରୂପକୁ ଦର୍ଶନ କରୁଥାଏ, ଆଉ ଆଖିରୁ ଲୁହ ଝରାଇ କହୁଥାଏ, 'ମହାପ୍ରଭୁ! ତୁମ ଆକାଶ ଭଳି ଚାନ୍ଦୁଆ ସଂସାରରେ ସବୁଠାରୁ କମନୀୟ, ତୁମ ବଡ଼ଦାଣ୍ଡ ଭଳି ଆସନ ସଂସାରରେ ସବୁଠାରୁ ସୁଖଦାୟୀ, ତୁମେ ହିଁ ଆମ ସମସ୍ତଙ୍କର ରକ୍ଷାକର୍ତ୍ତା, ମହାପ୍ରଭୁ! ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରଙ୍କର ସ୍ରଷ୍ଟା ତୁମେ, ସାରା ସଂସାରକୁ ଚଳାଉଛ ତୁମେ, ଅଥଚ କି ଆଶ୍ଚର୍ଯ୍ୟ କଥା ଇଏ ସତରେ! ଆଜି ତୁମ ରଥ-ଦଉଡ଼ିକୁ ଧରି ଆମେ ତୁମକୁ ଚଳାଇନେଉଛୁ ମାଉସୀ ମା' ଘରକୁ। ସେଠି ତୁମେ ସାତଦିନ ରହିବ। ଇହଲୋକ, ଭୂବର୍ଲୋକ, ସ୍ୱର୍ଲୋକ, ମହର୍ଲୋକ, ଜନଲୋକ, ତପଲୋକ, ସତ୍ୟଲୋକ ଏପରି ସପ୍ତଲୋକରେ ପରିକ୍ରମା କରିବ।' ଭକ୍ତମାନେ ଏହିପରି ପ୍ରେମ-ଭକ୍ତି ନିବେଦନ କରୁଥିବା ସମୟରେ ସତେଯେପରି ବୋଧହୁଏ ମହାଭାବର କମ୍ପନ ଖେଳିଯାଉଛି ବଡ଼ଦାଣ୍ଡର ବାୟୁମଣ୍ଡଳରେ। ଅନତିଦୂରସ୍ଥ ଶରଧାବାଲିର ଅଣୁ ପରମାଣୁରେ ସଂଚରି ଯାଉଛି ପୁରୁଷୋତ୍ତମଙ୍କ ଦିବ୍ୟଲୀଳାର ସୀମାହୀନ ଶକ୍ତି।

ଶରଧାବାଲିରୁ ଶ୍ରଦ୍ଧାର ଭାବ ସମ୍ପ୍ରସାରିତ ହୋଇଯାଉଛି ସମଗ୍ର ବିଶ୍ୱରେ। ମହାପ୍ରଭୁ ସତକୁ ସତ କହୁଛନ୍ତି, 'ପରସ୍ପର ପ୍ରତି ଶ୍ରଦ୍ଧାଳୁ ହୁଅ। ପରସ୍ପର ମଧ୍ୟରେ ଶ୍ରଦ୍ଧାର ଭାବ ବିନିମୟ କର। ଶ୍ରଦ୍ଧାରୁ ଶାନ୍ତି, ସଦ୍‌ଭାବର ସର୍ଜନା। ଶ୍ରଦ୍ଧା ହିଁ ଜୀବନର ଜ୍ୟୋତ୍ସ୍ନା, ଜଗତ୍‌ର ଜ୍ୟୋତି, ଜାହ୍ନବୀର ଜଳ, ପଞ୍ଚଭୂତର ସଂଯୋଗ ସେତୁ, ବେଦର ବିଭୂତି, ଉପନିଷଦର ଉଚ୍ଚାରଣ, ଗୀତାର ଜ୍ଞାନ, ଭାଗବତର ଭାବ, ରାମାୟଣର ପାରାୟଣ, ମହାଭାରତର ସୈଦ୍ଧାନ୍ତିକ କଥନ, ସକଳ ବ୍ରହ୍ମାଣ୍ଡୀୟ ଶକ୍ତିର ଆଧାରଶିଳା, ସକଳ ମାଧୁର୍ଯ୍ୟ, ସୌନ୍ଦର୍ଯ୍ୟର ପ୍ରୋଜ୍ଜ୍ୱଳ ପ୍ରତିଭୂ।'

ଶ୍ରୀଜଗନ୍ନାଥ-ସଂସ୍କୃତିର ମାନବୀୟ ଆବେଦନ, ଶ୍ରଦ୍ଧା ନିବେଦନ ପ୍ରତିଫଳିତ ହୋଇଛି ପୃଥିବୀର ସମସ୍ତ ଭାଷାର ସାହିତ୍ୟରେ, ଶାସ୍ତ୍ରରେ। ଭକ୍ତ ସାଲବେଗ କହନ୍ତି, 'ଜାତିରେ ମୁଁ ଯବନ / ଶ୍ରୀରଙ୍ଗାଚରଣ ତଳେ କରୁଅଛି ଜଣାଣ', କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ, 'ସ୍ୱପଚକରୁ ବ୍ରାହ୍ମଣ ତହିଁ ପାଇ ଅନ୍ନ'। ଏଭଳି ଉକ୍ତିଗୁଡ଼ିକରେ ସମଦର୍ଶିତା, ସମଭିବ୍ୟାହାର, ସହାବସ୍ଥାନର ଭାବ ସୁସ୍ପଷ୍ଟ। ପୁରୀ ଶ୍ରୀକ୍ଷେତ୍ରର 'ପାଥରପୁରୀ' ବାସଭବନରେ ଅବସ୍ଥାନ କାଳରେ ବିଶ୍ୱକବି ରବୀନ୍ଦ୍ରନାଥ ଲେଖିଥିଲେ କେତୋଟି କବିତା, ଯାହା ସଂକଳିତ ହୋଇଛି ତାଙ୍କ 'ଗୀତାଞ୍ଜଳି' ପୁସ୍ତକରେ। ଗୋଟିଏ କବିତାରେ ସେ ଲେଖିଥିଲେ, 'ଯୁକ୍ତ କର୍‌ଦୋ ସବାୟ ସଙ୍ଗେ ମୁକ୍ତ କର୍‌ଦୋ ବନ୍ଧ୍/ ସଞ୍ଚାର୍ କର୍ ସକଲ୍ କର୍ମେ ଶାନ୍ତ ତୋମାୟ ଛନ୍ଦ୍', ଯେଉଁଥିରେ ରହିଛି ସବୁ ମଣିଷଙ୍କ ସହିତ ଯୁକ୍ତ ହୋଇ ରହିବାର ଆବେଗ ଓ ଆସ୍ପୃହା, ପ୍ରତ୍ୟୟ ଓ ପ୍ରାର୍ଥନା। ବୋଧ ହେଉଛି ସତେଯେପରି ଶରଧାବାଲିରୁ ସେହି ବିଶ୍ୱାସ ଓ ବରାଭୟର ସ୍ୱର ଊର୍ଦ୍ଧ୍ୱଗାମୀ ହୋଇ ସମଗ୍ର ବ୍ୟୋମମଣ୍ଡଳରେ ସଂଚରି ଯାଇଛି ସମଗ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତକୁ, ମାଟିରୁ ମହାକାଶକୁ ଏକ ମୁଗ୍ଧ ମଧୁର ଭାବରେ, ମହାଭାବରେ ଆଚ୍ଛନ୍ନ କରିଛି।

ଆଜି ଆମେ ଯେଉଁଠି ବଡ଼ଦାଣ୍ଡ ଦେଖୁଛନ୍ତି, ସୁଦୂର ଅତୀତରେ ସେଠି ମାଳିନୀ ନାମକ ଛୋଟ ନଈଟିଏ ଥିଲା। କ୍ରମଶଃ ନଈଟିକୁ ପୋତି ଦିଆଯାଇ ବଡ଼ଦାଣ୍ଡ ତିଆରି ହେଲା। ନଈରେ ଥିଲା ବାଲି, ଏବେ ବଡ଼ଦାଣ୍ଡରେ ଧୂଳି। ଶରଧାବାଲିରେ ଧୂଳି ଆଉ ବାଲି। ସମୁଦ୍ରରେ ବାଲି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଜୀବନ ଏହି ବାଲି ଆଉ ଧୂଳିର ମହକରେ ଭରା। ପାଶ୍ଚାତ୍ୟ କବି ଟି.ଏସ୍.ଇଲିୟଟ୍ କହନ୍ତି, 'ନଈ ହେଉଛି ବ୍ରାଉନ୍ ରଙ୍ଗର ଦେବତା।' ନଈ-ବାଲିର ରଙ୍ଗକୁ ଦେଖି ଇଲିୟଟ୍ ଏପରି କହିଥିଲେ କି ସତେ! ଅନ୍ୟତ୍ର ସେ କହନ୍ତି, 'ଆମ ଭିତରେ ନଈ ଅଛି, ଆମ ଚାରିପଟରେ ସମୁଦ୍ର ଅଛି।' 'ନଈ' ଆତ୍ମାର, 'ସମୁଦ୍ର' ପରମାତ୍ମାର ପ୍ରତୀକ। ନଈ ଯେପରି ସମୁଦ୍ର ଅଭିମୁଖେ ପ୍ରବାହିତ ହେଉଛି, ଆତ୍ମା ସେପରି ପରମାତ୍ମା ଅଭିମୁଖେ ନିତ୍ୟ ଗତିଶୀଳ। ପୁଣି ବ୍ୟାସଦେବ କହନ୍ତି, 'ଆତ୍ମା ନଦୀ, ସଂଯମ ପୁଣ୍ୟତୀର୍ଥା, ସତ୍ୟୋଦକା, ଶୀଳତଟା, ଦୟୋର୍ମିଃ'। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ କି ଚମତ୍କାର ସାମଞ୍ଜସ୍ୟ ସତରେ! ଉଇଲିୟମ୍ ବଟ୍‌ଲର୍ ୟେଟ୍ସ, ହେନରୀ ଲଙ୍ଗ୍‌ଫେଲୋ, ମ୍ୟାକ୍ ନିସ୍, ଏଡ୍‌ୱାର୍ଡ୍ ଏଭେରେଟ୍ ହିଲ୍ ପ୍ରମୁଖଙ୍କ କବିତା ପଢ଼ିଲେ ଆମ ଅନ୍ତଃକରଣରେ ପରମେଶ୍ୱରଙ୍କ ସ୍ୱର ପ୍ରତିଧ୍ୱନିତ ହେଲା ଭଳି ବୋଧ ହୁଏ। ପ୍ରାଚ୍ୟ ଆଉ ପାଶ୍ଚାତ୍ୟରୁ ଭକ୍ତମାନେ ଆସି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ, ଶରଧାବାଲିରେ, ସମୁଦ୍ର ବେଳାଭୂମିରେ (ସିନ୍ଧୁତଟେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରାଜ - କବିସମ୍ରାଟ ଭଞ୍ଜ) ଘଡ଼ିଏ ଠିଆହେଲେ କି ବସିପଡ଼ିଲେ ସେମାନଙ୍କ ଅନ୍ତରର ଗହନ ଦେଶରେ ଜୀବ-ପରମର ସନ୍ଦେଶ ଶୁଣାଯାଉଥାଏ କି! ଏହିପରି ହିଁ ବୋଧ ହେଉଥାଏ।

ଭାବରେ ତଲ୍ଲୀନ ଭକ୍ତ ତେଣୁ ପ୍ରାର୍ଥନା କରୁଛି, 'ମହାପ୍ରଭୁ! ହାତରେ ମୋର ମୁଠାମୁଠା ଶରଧାବାଲି ଧରିଛି। ବାଲିକଣାର କ୍ଷୁଦ୍ରତା ମତେ ନିରହଂକାର ହେବାକୁ ଶିକ୍ଷା ଦେଉଛି। ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରିଛି। ଦେହରୁ ମୋର ବିନ୍ଦୁ ବିନ୍ଦୁ ହୋଇ ଜଳ ଝରିପଡୁଛି। ପୁଷ୍କରିଣୀ ଜଳରାଶିର ସମୋଚ୍ଚଶୀଳତା ମତେ ସମଦର୍ଶନ ଶିକ୍ଷା ଦେଉଛି। ବଡ଼ଦାଣ୍ଡର ଧୂଳି ଦେହରେ ବୋଳି ହେଇଛି। ଦାଣ୍ଡର ବ୍ୟାପ୍ତି ମତେ ପ୍ରଶସ୍ତ ହୃଦୟବତ୍ତା, ଧୂଳିର ଊର୍ଦ୍ଧ୍ୱ ଉଡ଼ାଣ ଚେତନାର ଊର୍ଦ୍ଧ୍ୱଗମନ ଶିକ୍ଷା ଦେଉଛି। ନିରହଂକାର ସ୍ୱଭାବ, ସମଦର୍ଶନ, ପ୍ରଶସ୍ତ ହୃଦୟବତ୍ତା, ଚେତନାର ଊର୍ଦ୍ଧ୍ୱଗମନ ଇତ୍ୟାଦିର ସମନ୍ୱୟ ମତେ ସମଗ୍ର ମନୁଷ୍ୟ-ଜାତି ପ୍ରତି ଶ୍ରଦ୍ଧାଶୀଳ କରିଛି। ତୁମେ ମୋର ଅତି ନିଜର, ଏକାନ୍ତ ଆପଣାର ବୋଲି ମନୁଷ୍ୟ-ସମୁଦାୟ ମୋର ଏତେ ପ୍ରିୟ ହୋଇପାରିଛି ସତରେ ମହାପ୍ରଭୁ!'

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ୟୁରାନିୟମ ସମୃଦ୍ଧିକରଣ

**ଇଂ ମାୟାଧର ସ୍ୱାଇଁ**

ଇସ୍ରାଏଲ ଗତ ଜୁନ ୧୩ ତାରିଖରେ ଇରାନର ତିନୋଟି ଆଣବିକ କେନ୍ଦ୍ର ଉପରେ ବୋମାମାଡ଼ କରି ଅନେକ କ୍ଷତି କରିବା ସହିତ କେତେଜଣ ପରମାଣୁ ବିଜ୍ଞାନୀଙ୍କୁ ହତ୍ୟା କରିଛି। ଏହି ତିନୋଟି କେନ୍ଦ୍ର ହେଉଛି ନାତାଞ୍ଜ, ଇସଫାନ ଓ ଫୋରଡ଼ୋ। ଏହାର ଦଶଦିନ ପରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ସେହି ତିନି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏହି କେନ୍ଦ୍ରଗୁଡ଼ିକ ଭୂମିତଳେ ନିର୍ମାଣ କରାଯାଇଥିବାରୁ ଆମେରିକାର ବି-୨ ବମ୍ବରରୁ ବଙ୍କରଭେଦୀ କ୍ଷେପଣାସ୍ତ୍ର ପ୍ରୟୋଗ କରାଯାଇଥିଲା। ତିନୋଟି କେନ୍ଦ୍ର ମଧ୍ୟରୁ ନାତାଞ୍ଜ ଓ ଫୋରଡୋଠାରେ ୟୁରାନିୟମର ସମୃଦ୍ଧିକରଣ(ଏନ୍‌ରିଚମେଣ୍ଟ) କରାଯାଉଛି ଏବଂ ଇସଫାନ ଏହି ଦୁଇ କେନ୍ଦ୍ରକୁ ୟୁରାନିୟମ କଞ୍ଚାମାଲ ଯୋଗାଉଛି। ଆକ୍ରମଣର ଉଦ୍ଦେଶ୍ୟ ହେଉଛି ଇରାନର ୟୁରାନିୟମ ସମୃଦ୍ଧିକରଣ ପ୍ରକ୍ରିୟାକୁ ନଷ୍ଟ କରିଦେବା, ଯାହାଫଳରେ ଇରାନ ପରମାଣୁ ବୋମା ନିର୍ମାଣ କରିବାକୁ ସକ୍ଷମ ହେବ ନାହିଁ। ୟୁରାନିୟମ ସମୃଦ୍ଧିକରଣ କ'ଣ ଏବଂ ଏହା ପରମାଣୁ ବୋମା ନିର୍ମାଣ ପାଇଁ କାହିଁକି ଅବଶ୍ୟକ ତାହା ଦେଖିବା।

ୟୁରାନିୟମର ଏକ ସମସ୍ଥାନିକ ବା ଆଇସୋଟୋପ ହେଉଛି ୟୁରାନିୟମ-୨୩୫ ଯାହା ବିଭାଜନୀୟ। ଅର୍ଥାତ୍ ଏହା ସହିତ ନିଉଟ୍ରନ ସଂଘର୍ଷ କରି ଏହାକୁ ଦୁଇଟି ଛୋଟ ମୌଳିକ ପଦାର୍ଥରେ ପରିଣତ କରିହୁଏ ଏବଂ ଏହି ପ୍ରକ୍ରିୟାରେ ପ୍ରଚୁର ଶକ୍ତି ଉତ୍ପନ୍ନ ହୋଇଥାଏ। ଗୋଟିଏ ପରମାଣୁର କେନ୍ଦ୍ରରେ ନାଭିକ ଥାଏ ଏବଂ ନାଭିକରେ ଧନିକ କଣିକା ପ୍ରୋଟୋନ ଓ ଚାର୍ଜ ନିରପେକ୍ଷ ନିଉଟ୍ରନ ଥାଏ। ନାଭିକ ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍ଟ୍ରୋନଗୁଡ଼ିକ ଘୂରିଥାଆନ୍ତି। ଗୋଟିଏ ପରମାଣୁରେ ପ୍ରୋଟୋନ ଓ ଇଲେକଟ୍ରନ ସଂଖ୍ୟା ସମାନ ଥାଏ। ଏହି ସଂଖ୍ୟା ବିଭିନ୍ନ ମୌଳିକ ପଦାର୍ଥକୁ ଅଲଗା କରିଥାଏ ଏବଂ ପରମାଣୁକୁ ଏହାର ରାସାୟନିକ ଗୁଣ ଦେଇଥାଏ। ଉଦାହରଣ ସ୍ୱରୂପ ୟୁରାନିୟମର ୯୨ ଟି ପ୍ରୋଟୋନ ଥିବା ବେଳେ କାର୍ବନର ପ୍ରୋଟୋନ ସଂଖ୍ୟା ହେଉଛି ଛଅ। କିନ୍ତୁ ଗୋଟିଏ ମୌଳିକ ପଦାର୍ଥର ସମାନ ପ୍ରୋଟୋନ ଥାଇ ଅଲଗା ଅଲଗା ନିଉଟ୍ରନ ରହିପାରିବ। ଏଗୁଡ଼ିକୁ ସେହି ମୌଳିକ ପଦାର୍ଥର ସମସ୍ଥାନିକ କୁହାଯାଏ। ରାସାୟନିକ ପ୍ରତିକ୍ରିୟାରେ ଏଗୁଡ଼ିକର ବିଶେଷ ଭୂମିକା ନାହିଁ, କିନ୍ତୁ ନାଭିକୀୟ ପ୍ରତିକ୍ରିୟାକୁ ଏଗୁଡ଼ିକ ବହୁଳ ଭାବେ ପ୍ରଭାବିତ କରିଥାଆନ୍ତି।

ପ୍ରକୃତିରେ ୟୁରାନିୟମର ତିନୋଟି ସମସ୍ଥାନିକ ଉପଲବ୍ଧ ହୋଇଥାଏ। ସେଗୁଡ଼ିକ ହେଉଛି ୟୁରାନିୟମ-୨୩୮, ୟୁରାନିୟମ -୨୩୫ ଓ ୟୁରାନିୟମ -୨୩୪। ପ୍ରକୃତିରେ ଏଗୁଡିକର ଅଂଶ ଯଥାକ୍ରମେ ହେଉଛି ୯୯.୨୮, ୦.୭୧ ଓ ୦.୦୦୬ ପ୍ରତିଶତ। ଆଣବିକ ରିଆକ୍ଟରରେ ୟୁରାନିୟମ ୨୩୫ ସହିତ ନିଉଟ୍ରନର ସଂଘର୍ଷ କରାଯାଇ ଶକ୍ତି ଉତ୍ପନ୍ନ ହୁଏ ଏବଂ ଏହି ପ୍ରକ୍ରିୟାରେ ଅନ୍ୟ କେତୋଟି ନିଉଟ୍ରନ ନିର୍ଗତ ହୋଇଥାଏ। ଏହି ନିର୍ଗତ ନିଉଟ୍ରନ ପୁଣି ଅନ୍ୟ ୟୁରାନିୟମ ୨୩୫ ସହିତ ସଂଘର୍ଷ କରି ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହିପରି ଏକ ଶୃଙ୍ଖଳ ପ୍ରତିକ୍ରିୟା ହୋଇ ପ୍ରଚୁର ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ବିଦ୍ୟୁତ୍ କେନ୍ଦ୍ରରେ ଏହାକୁ ନିୟନ୍ତ୍ରଣ କରାଯାଇଥାଏ, ମାତ୍ର ପରମାଣୁ ବୋମାରେ ଏହା ଅନିୟନ୍ତ୍ରିତ ହୋଇ ପ୍ରଚୁର ଶକ୍ତି ନିର୍ଗତ ସହ ବିସ୍ଫୋରଣ କରିଥାଏ।

ୟୁରାନିୟମ୨୩୮ ବିଭାଜନୀୟନୁହେଁ। ବିଭାଜନୀୟ ୟୁରାନିୟମ୨୩୫ରଅଂଶହେଉଛିମାତ୍ର୦.୭୧ପ୍ରତିଶତ। ଫଳରେ ଶୃଙ୍ଖଳ ପ୍ରତିକ୍ରିୟା ଠିକ୍ ଭାବେ ହୋଇ ପାରେ ନାହିଁ। ଏଣୁ ପ୍ରକୃତିରେ ମିଳୁଥିବା ୟୁରାନିୟମକୁ ବିଭିନ୍ନ ପ୍ରକ୍ରିୟା କରି ଏଥିରେ ୟୁରାନିୟମ-୨୩୫ର ଅଂଶକୁ ବୃଦ୍ଧି କରାଯାଏ। ଏହା ହେଉଛି 'ୟୁରାନିୟମ ସମୃଦ୍ଧିକରଣ'। ଏଥିପାଇଁ କେତୋଟି ଉପାୟ ଆବିଷ୍କାର କରାଯାଇଥିଲେ ସୁଦ୍ଧା ବ୍ୟବସାୟିକ ଭାବେ ଏହାକୁ ଗୋଟିଏ ସେଣ୍ଟ୍ରିଫ୍ୟୁଜ ଦ୍ୱାରା କରାଯାଉଛି। ଏଥିରେ ୟୁରାନିୟମକୁ ଗ୍ୟାସୀୟ ଅବସ୍ଥାରେ ଅଧିକ ଜୋରରେ ଘୂର୍ଣ୍ଣନ କରାଯାଏ। ୟୁରାନିୟମ-୨୩୮ ହେଉଛି ୟୁରାନିୟମ ୨୩୫ ଅପେକ୍ଷା ଅଧିକ ଭାରୀ। ଏଣୁ ଘୂର୍ଣ୍ଣନ ଫଳରେ ୟୁରାନିୟମ ୨୩୮ ସେଣ୍ଟ୍ରିଫ୍ୟୁଜର ଧାରଆଡ଼କୁ ଆସିଯାଏ ଏବଂ ସେଠାରୁ ଏହାକୁ ବାହାର କରିଦିଆଯାଏ। ଏହିପରି ଅନେକ ଥର ଘୂର୍ଣ୍ଣନ ପରେ ୟୁରାନିୟମରୁ ଅଧିକାଂଶ ୟୁରାନିୟମ ୨୩୮ ବାହାରିଯାଏ ଏବଂ ସେଥିରେ ୟୁରାନିୟମ ୨୩୫ର ଅଂଶ ବୃଦ୍ଧି ପାଇଥାଏ। ପରମାଣୁ ବିଦ୍ୟୁତ୍ କେନ୍ଦ୍ର ପାଇଁ ତିନିରୁ ପାଞ୍ଚ ପ୍ରତିଶତ ୟୁରାନିୟମ ସମୃଦ୍ଧିକରଣ ଆବଶ୍ୟକ ହୋଇଥାଏ। ଏହାକୁ 'ଯୁଦ୍ଧାସ୍ତ୍ର-ଶ୍ରେଣୀ ୟୁରାନିୟମ' କୁହାଯାଏ। ଆନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଅନୁଯାୟୀ, ଇରାନ ବହୁଳ ପରିମାଣର ୟୁରାନିୟମକୁ ୬୦ ପ୍ରତିଶତ ସମୃଦ୍ଧିକରଣ କରିଛି। ଏହାପରେ ଏହାକୁ ୯୦ ପ୍ରତିଶତକୁ ବୃଦ୍ଧି କରିବା କଷ୍ଟକର ନୁହେଁ। ଏହି କାରଣରୁ ଇରାନ ପରମାଣୁ ବୋମା ନିର୍ମାଣର ନିକଟତର ହୋଇ ପାରିଛି ବୋଲି ମନେ କରି ଆମେରିକା ଏହାର ୟୁରାନିୟମ ସମୃଦ୍ଧିକରଣ କାରଖାନାଗୁଡ଼ିକୁ ନଷ୍ଟ କରିଦେବା ପାଇଁ କ୍ଷେପଣାସ୍ତ୍ର ପ୍ରୟୋଗ କରିଥିଲା। ଇରାନ ପରମାଣୁ ବୋମା ଅଧିକାରୀ ହେଲେ ଏହା ଇସ୍ରାଇଏଲ ପ୍ରତି ବିପଦ। କାରଣ ଦୁଇ ଦେଶ ହେଉଛନ୍ତି ପରସ୍ପରର ଶତ୍ରୁ। ଏହି କାରଣରୁ ଇସ୍ରାଇଏଲ ଏହାର ୟୁରାନିୟମ ସମୃଦ୍ଧିକରଣ କରାଖାନାଗୁଡ଼ିକ ଉପରେ ବୋମାମାଡ଼ କରିବା ସହିତ ଏହାର କେତେ ଜଣ ମୁଖ୍ୟ ପରମାଣୁ ବିଜ୍ଞାନୀଙ୍କୁ ମଧ୍ୟ ହତ୍ୟା କରିଛି।

ଇସ୍ରାଏଲ ଓ ଆମେରିକାର ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ରଗୁଡ଼ିକରେ ଅନେକ କ୍ଷତି ହୋଇଥିବାର ଇରାନ ସ୍ୱୀକାର କରିଛି। କିନ୍ତୁ ଏହା ପ୍ରକାଶ କରିଛି ଯେ ଆମେରିକା ଆକ୍ରମଣ ପୂର୍ବରୁ ଏହାର ଆଶଙ୍କା କରି ଏହା ସମୃଦ୍ଧିକରଣ ହୋଇଥିବା ୟୁରାନିୟମଗୁଡ଼ିକୁ ସ୍ଥାନାନ୍ତରିତ କରି ଦେଇଥିଲା ଏବଂ ଫଳରେ ଏହା ସୁରକ୍ଷିତ ଅଛି। ପୁନଶ୍ଚ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ଏହା ଘୋଷଣା କରିଛି। ଗୋଟିଏ ଦେଶ ଯଦି ୟୁରାନିୟମ ସମୃଦ୍ଧିକରଣର ଜ୍ଞାନ ହାସଲ କରିଥାଏ, ତାକୁ ଏଥିରୁ ଜବରଦସ୍ତ ନିବୃତ୍ତ କରିବା ସମ୍ଭବ ନୁହେଁ। ଏହାର ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ। ଏଣୁ ମାନବ ସମାଜକୁ ପରମାଣୁ ଶକ୍ତିର ଭୟଙ୍କର ପରିଣାମରୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ଦେଶ ଏଥିରୁ ନିବୃତ୍ତ ରହିବା ଉଚିତ୍। ନିଜେ ପରମାଣୁ ଅସ୍ତ୍ର ନିର୍ମାଣ କରି ଅନ୍ୟ ଦେଶକୁ ବାରଣ କଲେ କିଛି ଲାଭ ହେବ ନାହିଁ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ତିବ୍ବତରେ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବପ୍ରକଶିତ ଉତ୍ତାରୁ...)

ତିବ୍ବତୀୟ କିମ୍ବଦନ୍ତୀ ସୂଚାଇଥାଏ ଯେ ଭଗବାନ ବୁଦ୍ଧଙ୍କ ଜନ୍ମ ପୂର୍ବରୁ ମହାଭାରତ ଯୁଦ୍ଧ ସମୟରେ ରୂପତି ନାମକ ଜଣେ ରାଜପୁତ୍ର ଯୁଦ୍ଧକ୍ଷେତ୍ରରୁ ମହିଳା ବେଶରେ ପ୍ରାୟ ଏକହଜାର ଅନୁଗାମୀଙ୍କ ସହ ପଳାୟନ କରି ପୁଗ୍ୟାଲ (ତିବ୍ବତର ପ୍ରାଚୀନ ନାମ) ରେ ଆଶ୍ରୟ ନେଲେ। ସ୍ଥାନୀୟ ଆଦିମ ପ୍ରଜାତିର ଲୋକମାନେ ରୂପତତିଙ୍କୁ ରାଜା ଭାବେ ଗ୍ରହଣ କଲେ। ଶାନ୍ତ ସରଳ ସ୍ୱଭାବ ଓ ସ୍ନେହୀ ପ୍ରକୃତି ସହିତ ସୁଶାସନ ଯୋଗୁଁ ରୂପତି ଜଣେ ପ୍ରଜାବତ୍ସଳ ରାଜା ରୂପେ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ସୁଶାସକ ଥିବାରୁ ତିବ୍ବତ ସମୃଦ୍ଧିଶାଳୀ ହୋଇ ପାରିଥିଲା। ରୂପତିଙ୍କ ପରଠାରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଏବଂ ତିବ୍ବତରେ ନା-ଥି-ସାନପୋ ନାମକ ରାଜାଙ୍କ ଆବିର୍ଭାବ ପର୍ଯ୍ୟନ୍ତ ତିବ୍ବତର ଇତିହାସ ଏକ ପ୍ରକାର ଅନ୍ଧକାରାଚ୍ଛନ୍ନ। ଏହି ସମୟରେ ତିବ୍ବତ ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭାଜିତ ହୋଇ ଯାଇଥିବା ଜଣାଯାଏ।

ଭାରତବର୍ଷର କୋଶଳ ପ୍ରଦେଶର ରାଜା ପ୍ରସେନଜିତଙ୍କ ପଞ୍ଚମ ସନ୍ତାନ ପରବର୍ତ୍ତୀ ସମୟରେ ନା-ଥି-ସାନପୋ ନାମରେ ତିବ୍ବତରେ ଖ୍ରୀ.ପୂ. ୪୧୬ରେ ରାଜତନ୍ତ୍ରର ପ୍ରତିଷ୍ଠା କଲେ। ତାଙ୍କ ଜନ୍ମବୃତ୍ତାନ୍ତ ଅନୁସାରେ ଜନ୍ମ ସମୟରେ ତାଙ୍କ ନିକଟରେ ବହୁ ଅଶୁଭ ସଙ୍କେତମାନ ଦେଖି ଭବିଷ୍ୟତରେ ଏହି ସନ୍ତାନଠାରୁ ବହୁ ବିପଦ ଆଶଙ୍କା କରି ପିଲାବେଳୁ ହିଁ ତାଙ୍କୁ ଗୋଟିଏ ତମ୍ବା ପାତ୍ରରେ ପୁରାଇ ରାଜା ଗଙ୍ଗା ନଦୀରେ ଭସାଇ ଦେଲେ। ଜଣେ କୃଷକ ତାଙ୍କୁ ଉଦ୍ଧାର କରି ଲାଳନପାଳନ କରିବାକୁ ଲାଗିଲେ। ସେ ବଡ଼ ହେବା

### ଦ୍ୱିତୀୟ-ବୁଦ୍ଧ କଥା

ପରେ କୃଷକ ରାଜପୁତ୍ରଙ୍କୁ ପୂର୍ବ ଘଟି ଯାଇଥିବା କଥା କହିଲେ। କିଛିଦିନ ଅନ୍ତରାଳେ ରାଜପୁତ୍ର ଉତ୍ତର ଦିଗରେ ହିମାଳୟ ପର୍ବତ୍ୟାଞ୍ଚଳକୁ ଯାତ୍ରା କରି ତିବ୍ବତର ସାନ୍-ଥାନ୍ ନାମକ କ୍ଷେତ୍ରରେ ପହଞ୍ଚିଲେ। ସ୍ଥାନୀୟ ଅଧିବାସୀମାନେ ତାଙ୍କୁ ଈଶ୍ୱର ପ୍ରେରିତ ଜଣେ ଦୈବ-ପୁରୁଷ ଭାବେ ସେମାନଙ୍କର ରାଜା ରୂପରେ ବରଣ କଲେ। ରାଜ୍ୟର ୟୁମ୍ବୁ ଲଗନ ନାମକ ସ୍ଥାନରେ ଏକ ରାଜପ୍ରାସାଦ ନିର୍ମାଣ କରି ତାଙ୍କୁ ସେଠାରେ ରଖାଇଲେ। ଏହି ସ୍ଥାନଟି ପରବର୍ତ୍ତୀ କାଳରେ 'ଲାସା' ନାମରେ ପରିଚିତ ହେଲା। ତାଙ୍କ ଶାସନ କାଳରେ ହିଁ ତିବ୍ବତରେ 'ବନ୍' ଧର୍ମ ପ୍ରସାର ଲାଭ କରି ରାଜାଙ୍କର ସପ୍ତବଂଶ ପିଢ଼ି ବେଳକୁ ପ୍ରଭାବ ବିସ୍ତାର କରିଥିଲା। ବୌଦ୍ଧ ଧର୍ମ ଯେତେବେଳେ ସମଗ୍ର ଜମ୍ବୁଦ୍ୱୀପକୁ ଆଲୋକିତ କରି ସାରିଥିଲା ସେତେବେଳକୁ ତିବ୍ବତ 'ବନ' ଧର୍ମ ରହସ୍ୟାବୃତ୍ତ ଅନ୍ଧକାର ମଧ୍ୟରେ ଢାଙ୍କି ହୋଇ ରହିଥିଲା।

ଖ୍ରୀ ୪୪୧ ରେ ତିବ୍ବତର ପ୍ରସିଦ୍ଧ ରାଜା ଲା-ଥୋ-ଥୁରୀ ଜନ୍ମଗ୍ରହଣ କଲେ। ତାଙ୍କୁ 'ବନ୍' ଧର୍ମର ପ୍ରଧାନ ଆରାଧ୍ୟ ଦେବତା ଖୁଣ୍ଟୁ ସାନ୍‌ପୋଙ୍କର ଅବତାର ଭାବରେ ଗ୍ରହଣ କରାଯାଏ। ଏକବିଂଶ ବର୍ଷ ବୟସରେ ଏହି ରାଜା ସିଂହାସନ ଆରୋହଣ କଲେ। ତିବ୍ବତୀୟ କିମ୍ବଦନ୍ତୀ ଅନୁଯାୟୀ ଖ୍ରୀ ୫୨୧ରେ ସେ ଅଶୀ ବର୍ଷ ବୟସରେ ପଦାର୍ପଣ କରିଥିବା ବେଳେ ୟୁମ୍ବୁ ଲଗନ ରାଜପ୍ରସାଦ ଉପରେ ଏକ ମହାର୍ଘ ପେଟିକା ସ୍ୱର୍ଗରୁ ଖସି ପଡ଼ିଲା। ସେଥିରେ ଥିଲା ବୌଦ୍ଧ ଗ୍ରନ୍ଥ ସୂତ୍ରାନ୍ତ ପିଟକ, ଏକ କ୍ଷୁଦ୍ର ଦେବାଳୟର କ୍ଷୁଦ୍ର ଅନୁକୃତି, ସାମୁଦ୍ରିକ ବିଦ୍ୟା ତଥା ରହସ୍ୟବାଦ ସଂପର୍କିତ ଗୋଟିଏ ଶାସ୍ତ୍ରଗ୍ରନ୍ଥ, ଚିନ୍ତାମଣି ରତ୍ନ ଓ ଗୋଟିଏ ପାନ-ପାତ୍ର। ସ୍ୱର୍ଗରୁ ଏପରି ଅମୂଲ୍ୟ ପବିତ୍ର ଦୁର୍ଲଭ ବସ୍ତୁ ହାସଲ କରିଥିବା ପ୍ରଥମ ରାଜା ହୋଇଥିବାରୁ ତିବ୍ବତୀୟମାନେ ତାଙ୍କୁ ଦିବ୍ୟପୁରୁଷ ଭାବେ ଗ୍ରହଣ କରିଥିଲେ। ରାଜା ସେ ଦିବ୍ୟବସ୍ତୁ ସବୁକୁ ନାନ୍‌ପା ସାନ୍‌ୱା ନାମ ଦେଇ ରାଜପ୍ରସାଦରେ ରଖି ଦୈନନ୍ଦିନ ପୂଜାର୍ଚ୍ଚନାର ବ୍ୟବସ୍ଥା କରିଥିଲେ। ରାଜା ୧୨୦ ବର୍ଷ ବୟସରେ ଖ୍ରୀ ୫୬୧ରେ ଧାରାଧାମ ତ୍ୟାଗ କରିଥିଲେ।

ତାଙ୍କର ଜଣେ ବଂଶଧରଙ୍କ ପୁତ୍ର ଆଜନ୍ମ ଅନ୍ଧ ଥିଲେ। ତାଙ୍କର ରାଜ୍ୟାଭିଷେକ ସମୟରେ ସିଂହାସନ ସ୍ଥଳରେ 'ନାନ୍‌ପା ସାନ୍‌ୱା'ଙ୍କୁ ପୂଜାର୍ଚ୍ଚନା କରାଯିବା ସମୟରେ ହଠାତ୍ ତାଙ୍କର ଦୃଷ୍ଟି ଶକ୍ତି ଫେରି ଆସିଥିଲା। ତାଙ୍କ ପୁତ୍ର ନାମ୍ରି-ସ୍ରନ୍-ସାନଙ୍କ ଶାସନ କାଳରେ ତିବ୍ବତ ପ୍ରଥମ କରି ଚୀନରୁ ପାଟିଗଣିତ ଓ ଚିକିତ୍ସା ବିଦ୍ୟା ହାସଲ କରିଥିଲା। ସେ ଖ୍ରୀ. ୬୩୦ରେ ଦେହତ୍ୟାଗ କରିଥିଲେ। ତାଙ୍କର ମହାନ୍ କୃତିତ୍ୱ ସଂପନ୍ନ ପୁତ୍ର ସ୍ରନ୍-ସାନ୍-ଗାମ୍ପୋ ଗାଦିନସୀନ ହେବା ପରେ ତିବ୍ବତ ଏକ ନୂତନ ଯୁଗରେ ପଦାର୍ପଣ କଲା। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ପାକିସ୍ତାନ ଛାଡ଼ିଲା...

ରହିଛି। ମାଇକ୍ରୋସଫ୍ଟ ପାକିସ୍ତାନର ଉଚ୍ଚଶିକ୍ଷା ଆୟୋଗ (ଏଚ୍ଇସି) ଓ ପଞ୍ଜାବ ଗ୍ରୁପ ଅଫ କଲେଜ (ପିଜିସି) ଭଳି ସଂସ୍ଥାଙ୍କ ସହ ମିଶି ଡିଜିଟାଲ ସ୍କିଲ୍ ଟ୍ରେନିଂ, ମାଇକ୍ରୋସଫ୍ଟ ଟିମ୍ ମାଧ୍ୟମରେ ରିମୋଟ ଲର୍ଣ୍ଣିଂ ଓ ଟେକ୍ନୋଲଜି ସଲ୍ୟୁସନ ସୁବିଧା ପ୍ରଦାନ କରିଛି। କମ୍ପାନୀ ଦେଶର ୨୦୦ରୁ ଅଧିକ ଉଚ୍ଚଶିକ୍ଷା ସଂସ୍ଥାନଙ୍କୁ ବୈଷୟିକ ସେବା ମଧ୍ୟ ଉପଲବ୍ଧ କରୁଛି। ପାକିସ୍ତାନରେ ମାଇକ୍ରୋସଫ୍ଟର ପୂର୍ବତନ କଣ୍ଟ୍ରି ମ୍ୟାନେଜର ଜଭାଦ ରହେମାନ କହିଛନ୍ତି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ବ୍ୟବସାୟ ଓ ରଣନୀତି ସମ୍ପର୍କିତ।

### ପାଣିପାଗ ସୂଚନା...

ବର୍ତ୍ତମାନ ରାଜ୍ୟ ସରକାର ଓ ଆଇଏମ୍ଡିର ମିଳିତ ସହଯୋଗୀତାରେ ରାଜ୍ୟର ସମସ୍ତ ବ୍ଲକ୍କୁ ମିଶାଇ ମୋଟ୍ ୩୧୭ ମାନବ ଚାଳିତ ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ରହିଛି। ଏହାସହିତ କିଛି କିଛି ସ୍ଥାନରେ ସ୍ବୟଂଚାଳିତ ପାଣିପାଗ କେନ୍ଦ୍ର ମଧ୍ୟ ରହିଛି। ଏହି ସମସ୍ତ କେନ୍ଦ୍ରର ତଥ୍ୟକୁ ଅନୁଧ୍ୟାନ କରିବା ପରେ ଚୂଡ଼ାନ୍ତ ତଥ୍ୟ ଆଇଏମ୍ଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥାଏ। ହେଲେ ସ୍କାଇମେଟ୍ ଏହି କାମ କରିବ କି ରାଜ୍ୟ ସରକାର କେବଳ ସଂସ୍ଥାଠାରୁ ତଥ୍ୟ ଆଣି ଅନ୍ୟ କାହାଦ୍ୱାରା ଆନାଲିସିସ୍ କରାଇବେ, ତାକୁ ନେଇ ପ୍ରଶ୍ନ ଉଠିଛି। ବଡ଼ କଥା ହେଉଛି ପୂର୍ବରୁ ଅନେକ ସମୟରେ ଆଇଏମ୍ଡି ଓ ସ୍କାଇମେଟ୍ର ଆକଳନ ଭିନ୍ନ ଭିନ୍ନ ରହିଛି। ଏପରି ସ୍ଥିତିରେ ରାଜ୍ୟ ସରକାର କାହାର ଆକଳନକୁ ଗୁରୁତ୍ୱ ଦେବେ ତାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ସ୍ଥିତି କେବଳ ରାଜ୍ୟ ସରକାରଙ୍କ ପାଇଁ ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି କରିବ ନାହିଁ ବରଂ ଚାଷୀମାନଙ୍କୁ ମଧ୍ୟ ଅଡୁଆରେ ପକାଇବାର ଆଶଙ୍କା ସୃଷ୍ଟି କରିଛି। ସାରା ଦେଶରେ ବର୍ତ୍ତମାନ ଆଇଏମ୍ଡି ରାଜ୍ୟ ସରକାରମାନଙ୍କୁ ପାଣିପାଗ ତଥ୍ୟ ଯେମିତି କି ବର୍ଷା, ଆର୍ଦ୍ରତା ଓ ତାପମାତ୍ରା ଭଳି ତଥ୍ୟ ପ୍ରଦାନ କରୁଛି। ଏହାକୁ କୃଷିପାଣିପାଗ କେନ୍ଦ୍ରର ବୈଜ୍ଞାନିକ ମାନେ ଅନୁଧ୍ୟାନ କରି ଚାଷୀମାନଙ୍କ ପାଇଁ ପରାମର୍ଶ ଜାରି କରୁଛନ୍ତି। ଓଡ଼ିଶାରେ ମଧ୍ୟ ଏହି ଧାରା ଜାରି ରହିଛି। ହେଲେ ଏବେଠାରୁ ଏଥିରେ ବିଲକ୍ଷଣ ଦେଖାଯିବା ନେଇ ଆଶଙ୍କା ପ୍ରକାଶ ପାଇଛି।

### ଆଜି ବାହୁଡ଼ା...

କରାଯାଇଥିଲା। ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ବାହୁଟକଣ୍ଠ, ଚାରବନ୍ଧା ଓ କୁସୁମି ଲାଗି ନୀତି ପାଇଁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶନିବାର ଭୋର୍ ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ନ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରାଯିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହା ପରଦିନ ଅର୍ଥାତ୍ ରବିବାର ରଥ ଉପରେ ସୁନାବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦାରୁବିଗ୍ରହଙ୍କ ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପୁଲିସ୍ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ପଞ୍ଚସ୍ତରୀୟ ସୁରକ୍ଷାବଳୟରେ ରହିଛି ପୁରୀ ସହର।

### ଖୋଲିଲା କଲମା...

ବଢୁଥିବାରୁ ଛତିଶଗଡ଼ ବନ୍ୟାଜଳ ଛାଡୁଛି। ସେପଟେ ହୀରାକୁଦ ନଦୀବନ୍ଧରେ ବଢୁଛି ଜଳସ୍ତର। ଛତିଶଗଡ଼ କେତେବେଳେ କଲମାର ଗେଟ୍ ଖୋଲି ପାଣି ଛାଡ଼ିଥାଏ ଆଉ କେତେବେଳେ ବନ୍ଦ କରିଦିଏ, ସେନେଇ ଓଡ଼ିଶାକୁ କୌଣସି ସୂଚନା ଦିଆଯାଏନାହିଁ। ଫଳରେ ଅଚାନକ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। କଲମାରୁ ବନ୍ୟା ଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ବହୁ ମାତ୍ରାରେ ପ୍ରବେଶ କରିବା ଦ୍ୱାରା ଜଳସ୍ତରକୁ ଦେଖି ହୀରାକୁଦ ନଦୀବନ୍ଧରୁ ଅଧିକ ଜଳ ନିଷ୍କାସନ କରାଯାଇଥାଏ। ଫଳରେ ରାଜ୍ୟରେ ବନ୍ୟା ସ୍ଥିତି ଉତ୍ପନ୍ନ ହୋଇଥାଏ। ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ରହିଥିବାରୁ ଉଭୟ ରାଜ୍ୟ ସମନ୍ୱୟ ରକ୍ଷା କରି ବନ୍ୟା ଜଳ ଛାଡ଼ିବା ପାଇଁ ସଚେତନ ମହଲରେ ମତପ୍ରକାଶ ପାଉଛି। ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ସୁଶୀଲ କୁମାର ବେହେରା କହିଛନ୍ତି, ଚଳିତବର୍ଷ ଶୀଘ୍ର ବର୍ଷା ଆସିଯିବା ସହ ଜଳଭଣ୍ଡାର ଜଳସ୍ତର ବୃଦ୍ଧି ପାଉଛି। ଜୁଲାଇ ୩୧ ସୁଦ୍ଧା ୬୦୫ ଫୁଟ୍ ରଖିବାକୁ ଥିବା ବେଳେ ଆଜି ୬୦୫ ପହଞ୍ଚିଗଲାଣି। ଏଥିପାଇଁ ଗତକାଲି ରବିବାର ଖୋଲିବାକୁ ନିଷ୍ପତ୍ତି ନେଇ ଏସ୍ଓପି ଅନୁଯାୟୀ ୪୮ ଘଣ୍ଟା ପୂର୍ବରୁ ସତର୍କ କରାଯାଇଛି ବୋଲି ଇଂ ବେହେରା କହିଛନ୍ତି। ମହାନଦୀ ଅବବାହିକାର ୧୩ଟି ଜିଲ୍ଲାକୁ ସତର୍କ କରାଯାଇଛି। ତାଙ୍କ ସୂଚନା ଅନୁଯାୟୀ, ଶେଷ ବ୍ୟାରେଜ କଲମା ହୋଇଥିବାବେଳେ ପ୍ରଥମେ ୮ଟି ଗେଟ୍ ଖୋଲାଯାଇଥିଲା, ଗତକାଲି ସନ୍ଧ୍ୟା ସୁଦ୍ଧା ୪୬ ଏବଂ ଏବେ ୫୪ଟି ଗେଟ୍ ଖୋଲାଯାଇଛି।

ଏହାସହ ସ୍ୱିରିନାରାୟଣରେ ଉପରମୁଣ୍ଡରେ ବେଶି ପାଣି ନଥିବାରୁ ୫ଟି ଗେଟ୍ ଖୋଲା ଯାଇଥିବା ହୀରାକୁଦ ନଦୀବନ୍ଧ ମୁଖ୍ୟଯନ୍ତ୍ରୀ କହିଛନ୍ତି।

ହୀରାକୁଦ ନଦୀବନ୍ଧର ପ୍ରଥମ ବନ୍ୟାଜଳ ନିଷ୍କାସନ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୦ଟା ବେଳେ ହେବାକୁ ଥିବାରୁ ଏନେଇ ଡାକବାଜି ଯନ୍ତ୍ର ଯୋଗେ ନଦୀ ଅବବାହିକା ଅଞ୍ଚଳରେ ପ୍ରଚାର କରାଯାଉଛି। ତେଣୁ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ୧୪ ଯାଏଁ ବର୍ଷା...

ପୁଣି ୧୧/୧୨ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ଆଶଙ୍କା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୧୨-୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ରହିବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ। ସୁବର୍ଣ୍ଣରେଖାରେ ପାଣି କମିଛି। କେଉଁ ବେସିନ୍ (ନଦୀ)ରେ ପାଣି ଅଧିକ ନାହିଁ। ତେଣୁ ସତର୍କ ସୂଚନା କେଉଁଠି ନାହିଁ ବୋଲ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ କହିଛନ୍ତି ଛତିଶଗଡ଼ରେ ବର୍ଷା ହେଉଛି। ଛତିଶଗଡ଼ ପାଣି ଛାଡିବାକୁ ଆମେ ଅପେକ୍ଷା କରିଛୁ। ସ୍ୱାଭାବିକ ପ୍ରକ୍ରିୟାରେ ଏସ୍ଓପି ଅନୁସାରେ ହୀରାକୁଦର ୬ ଗେଟ ଖୋଲା ହେବ। ହେଲେ ସତର୍କ ସ୍ଥିତି ନାହିଁ। ୬୩୦ ଫୁଟ ହୀରାକୁଦ ଜଳ ଧାରଣ କ୍ଷମତା ରହିଛି। ଏବେ ୬୦୫ ଫୁଟ ପାଣି ଅଛି। ମହାନଦୀ ଉପରମୁଣ୍ଡ ସୁନ୍ଦରଗଡ଼ ଓ ଛତିଶଗଡ ଛଡ଼ା ଆଉ କେଉଁଠି ବର୍ଷା ନାହିଁ ବୋଲି ସେ କହିଛନ୍ତି।

### ପୁରୀ ହେବ ମହାନଗର...

ଆଣିବାକୁ ପଡିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଆମ ସରକାର ପୁରୀ ପୌରପାଳିକାକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ୨୦୩୬ ସୁଦ୍ଧା ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଅବଶ୍ୟକତା ରହିଛି। ଆଜିର ଏହି ଘୋଷଣା ସରକାରଙ୍କ ଏହି ଭିଜନର ଏକ ଅଂଶ ବିଶେଷ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୁରୀରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗୋଟିଏ ପରିସରରେ ଏହା ନିର୍ମିତ ହେବ। ଶ୍ରୀଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ, ଯେପରିକି ଏହାର ପୌରାଣିକ ମହତ୍ତ୍ୱ, ନୀଳମାଧବଙ୍କଠାରୁ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଞ୍ଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ। ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ପ୍ରତିମୂର୍ତ୍ତି, ପଟ୍ଟଚିତ୍ର ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ। ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ। ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ। ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମାଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ। ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ। ଏଥି ସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ ନିର୍ମାଣ କରାଯିବ ବୋଲି ମୁଖମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ' ପ୍ରସ୍ତୁତ କରାଯିବ। ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି। ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଏପିସୋଡ୍ ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡ଼ିଆ, ହିନ୍ଦୀ, ଇଂରାଜୀ ଏବଂ ବଙ୍ଗଳା ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ।


### ରାଜ୍ୟ ବିଜେପିକୁ...

ଜଗନ୍ନାଥପ୍ରେମୀଙ୍କୁ ବଡ଼ ଆଘାତ ଦେଇଥିଲା। ଯେନେତେନ ପ୍ରକାରେ ଏହି ଅଘଟଣକୁ ଚାପିବାକୁ ସରକାର ଉଦ୍ୟମ କରୁଥିବା ବେଳେ ଉଭୟ ସରକାର ଏବଂ ସଂଗଠନ ପାଇଁ ନୂଆ ସମସ୍ୟା ଆଣିଥିଲା ବିଏମ୍ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ। ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏପରି ଆକ୍ରମଣ ହୋଇଥିବା ଅଭିଯୋଗ କରି ଓଏଏସ ଅଧିକାରୀମାନେ ସମୂହ ଛୁଟିରେ ଯିବା କାରଣରୁ ରାଜ୍ୟ ଏକ ବଡ଼ ପ୍ରଶାସନିକ ସଂକଟର ସାମ୍ନା କରିଥିଲା। ସରକାର ଘଟଣାରେ ୫ ଜଣଙ୍କୁ ଗିରଫ କରି ମାମଲାର ସମାଧାନ ପାଇଁ ତାଳିପକା ଉଦ୍ୟମ କରିଥିଲେ ହେଁ ଓଏଏସ ସଂଘ ନଛୋଡ଼ବନ୍ଧା ଥିଲେ। ଶେଷରେ ୩ ଦିନର କାର୍ଯ୍ୟବନ୍ଦ ପରେ ଜଗନ୍ନାଥ ପ୍ରଧାନ ପୁଲିସ ନିକଟରେ ଆତ୍ମସମର୍ପଣ କଲେ। ରାଜ୍ୟ ସରକାର ଓ ବିଜେପି ରାଜ୍ୟ ନେତୃତ୍ୱ ଏହାପରେ ଶାନ୍ତିରେ ଟିକେ ନିଃଶ୍ୱାସ ମାରୁଥିବା ବେଳେ ବିଜେଡି ନେତ୍ରୀ ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅରୁଚିକର ଟିପ୍ପଣୀ ଦଳ ପାଇଁ ନୂଆ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଲେଖାଶ୍ରୀଙ୍କ ପ୍ରତି ସନ୍ତୋଷ ଯେଉଁପ୍ରକାର ଶବ୍ଦ ବ୍ୟବହାର କରିଛନ୍ତି ତାହା ଅତ୍ୟନ୍ତ ସମ୍ବେଦନଶୀଳ। କୌଣସି ସାଧାରଣ ଲୋକ ମଧ୍ୟ ଏହାକୁ ସହ୍ୟ କରିପାରିବ ନାହିଁ। ମାତ୍ର ରାଜ୍ୟ ବିଜେପି ପକ୍ଷରୁ ଏ ନେଇ କେହିଁ ମୁହଁ ଖୋଲୁନାହାନ୍ତି। ରାଜ୍ୟବ୍ୟାପୀ ସାଧାରଣ ଲୋକେ, ବୁଦ୍ଧିଜୀବୀ ଏହାକୁ କଡ଼ା ସମାଲୋଚନା କରିଥିବା ବେଳେ ନିଜେ ଲେଖାଶ୍ରୀ ଶୁକ୍ରବାର ଭୁବନେଶ୍ୱର ମହିଳା ଥାନାରେ ଏଫଆଇଆର ଦେଇଛନ୍ତି। ଏପରିକି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମହିଳା ବିରୋଧୀ ସନ୍ତୋଷଙ୍କୁ ବିଧାନସଭା ମଧ୍ୟରେ ପୂରାଇ ଦିଆଯିବ ନାହିଁ ବୋଲି ବିଜେଡି ଚେତାବନୀ ଦେଇଛି। ଗତ ୯ ଦିନ ମଧ୍ୟରେ ଏତେସଂଖ୍ୟକ ଅଘଟଣ, ବିବାଦ ଏବଂ ବିଭ୍ରାଟକୁ ସାଧାରଣରେ ବିଜେପିର ଚେହେରାକୁ ଧୂଆଁଳିଆ କରି ଦେଇଛି। ଦଳ ଏବଂ ସରକାର ମଧ୍ୟରେ ସମନ୍ୱୟ ଏବଂ ଶୃଙ୍ଖଳାର ଅଭାବ ରାଜ୍ୟରେ ଏକ ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପିରେ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଦଳ ମଧ୍ୟରେ ଏକାଧିକ ଗୋଷ୍ଠୀଙ୍କ ସକ୍ରିୟତା ମଧ୍ୟ ବିଶୃଙ୍ଖଳାକୁ ଇନ୍ଧନ ଯୋଗାଇ ଚାଲିଛି। ଏପରିସ୍ଥଳେ ଆଗାମୀ ଦିନରେ ବିଶୃଙ୍ଖଳା ଦଳ ପାଇଁ ଏକାଧିକ ସମସ୍ୟା ସୃଷ୍ଟି କରିପାରେ ବୋଲି ରାଜନୈତିକ ମହଲରେ ସନ୍ଦେହ ପ୍ରକାଶ ପାଉଛି।

## ରଥଯାତ୍ରାର ସବୁ ବିଭ୍ରାଟ ପାଇଁ ବିଧାୟକ ଓମ୍ପ୍ରକାଶ ଦାୟୀ: ଆପ୍

ପୁରୀ, ୪।୭(ସମିସ): ଅଶୌଚ ଲାଗିଥିବା ବେଳେ ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ସତ୍ୟବାଦୀ ବିଧାୟକ ଓମ୍ପ୍ରକାଶ ମିଶ୍ରଙ୍କୁ ଘେରିଛି ଆମ୍ ଆଦ୍ମୀ ପାର୍ଟି(ଆପ)। ରଥଯାତ୍ରାରେ ଯେଉଁସବୁ ବିଭ୍ରାଟ ଘଟିଛି, ସେଥିପାଇଁ ବିଧାୟକ ହିଁ ଦାୟୀ। ନୀତିକାନ୍ତିରେ ବିଭ୍ରାଟ, ରଥଟଣାରେ ବିଳମ୍ବ ଏବଂ ଧର୍ମୀୟ କାର୍ଯ୍ୟ ମାରା ହେବାରୁ ଶରଧାବାଲି ଦଳଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ; ସବୁ ପାଇଁ ବିଧାୟକ ଓମ୍ପ୍ରକାଶ ଦାୟୀ ବୋଲି ଶୁକ୍ରବାର ନବକଳେବର ରୋଡ଼ସ୍ଥିତ ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ପବିତ୍ରତା ଓ ପରମ୍ପରାକୁ ବିଧାୟକ ଶ୍ରୀ ମିଶ୍ର ନଷ୍ଟ କରିଛନ୍ତି। ଏବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ରଥଯାତ୍ରା ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଉତ୍ତରଦ୍ୱାର ଦେଇ ସେ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। କିନ୍ତୁ ଜୁନ୍ ୨୨ ତାରିଖରେ ବିଧାୟକ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ତାଙ୍କ ବଡ଼ବାପା ଦେବବ୍ରତଙ୍କ ଦେହାନ୍ତ ହୋଇଛି ବୋଲି ପୋଷ୍ଟ କରିଥିଲେ। ତେଣୁ ତାଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ। ବିଧାୟକ ଶ୍ରୀ ମିଶ୍ର ଲଣ୍ଡା ହୋଇ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ କ୍ଷମା ପାର୍ଥନା କରିବା ସହ ସମସ୍ତ ୧୬ଶାସନୀ ବ୍ରାହ୍ମଣଙ୍କ ନିକଟରେ ଭୁଲ ମାଗନ୍ତୁ। ସେହିପରି, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବିବୃତ୍ତି ରଖନ୍ତୁ ବୋଲି ସେ ଦାବି କରିଛନ୍ତି।

## ରେଳ ଲାଇନ୍‌ରେ ବିପଦପୂର୍ଣ୍ଣ ଷ୍ଟଣ୍ଟ



ଶଗଡ଼ା, ୪।୭ (ସମିସ): ବଲାଙ୍ଗିର-ଖୋର୍ଦ୍ଧା ରେଳ ଲାଇନ୍‌ରେ ଜଣେ ନାବାଳକ ବିପଦପୂର୍ଣ୍ଣ ଷ୍ଟଣ୍ଟ କରିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବୌଦ୍ଧ ଜିଲ୍ଲା ପୁରୁଣାପାଣି ଓ ମଣିଶାପଡ଼ା ମଧ୍ୟରେ ଥିବା ଟ୍ରେନ୍ ଲାଇନ୍‌ରେ ଜଣେ ନାବାଳକ ଜୀବନକୁ ବାଜି ଲଗାଇ ଏହି ଷ୍ଟଣ୍ଟ କରିଛନ୍ତି। ଟ୍ରେନ୍ ଯାଉଥିବା ସମୟରେ ସେ ଶୋଇ ରହିଛନ୍ତି। ଏହି ସମୟରେ ଅନ୍ୟ ଜଣେ ସାଥୀ ତାଙ୍କ ଭିଡିଓ କରୁଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି। ନାବାଳକଜଣଙ୍କ ଟ୍ରାକ୍‌ରେ ଶୋଇଥିବା ବେଳେ ସାଥୀ ନାବାଳକମାନେ ଖୁସିରେ ଚିତ୍କାର କରୁଛନ୍ତି।

### ଅନୁସୂଚିତ ଜାତି ଆୟୋଗ ଗଠନ କରାଯାଉ

## ଧରାକୋଟ ପୀଡ଼ିତଙ୍କୁ ୧୫ ଲକ୍ଷ କ୍ଷତିପୂରଣ ପାଇଁ ସାମାଜିକ ନ୍ୟାୟ ସାମ୍ମୁଖ୍ୟର ଦାବି

ଭୁବନେଶ୍ୱର, ୪।୭(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧରାକୋଟ ବ୍ଲକର ସିଙ୍ଗିପୁର ଗ୍ରାମର ଦୁଇ ଜଣ ଅନୁସୂଚିତ ଜାତି ବର୍ଗର ବ୍ୟକ୍ତି(ବାବୁଲା ନାଇକ, ବୁଲୁ ନାଇକ)ଙ୍କୁ ଆକ୍ରମଣ ଅମାନବୀୟ, ଘୃଣ୍ୟ ଏବଂ ଅତ୍ୟନ୍ତ ଜଘନ୍ୟ ବୋଲି ଅଭିହିତ କରିଛି ସାମାଜିକ ନ୍ୟାୟ ସାମ୍ମୁଖ୍ୟ।

ସଂଗଠନ ପକ୍ଷରୁ କୁହାଯାଇଛି ଯେ ନିଜ ଝିଅକୁ ଯୌତୁକ ଦେବା ପାଇଁ ଗାଈ ଆଣିଥିବା ବାପାକୁ ଗୋରୁ ଚାଲାଣକାରୀମାନେ ରାଜା ସାମଲ ଏବଂ ସହଯୋଗୀ ୩୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେବାରୁ ସେମାନଙ୍କୁ ଖାରିଗୁମ୍ମା ଗାଁରେ ପ୍ରାୟ ଦୁଇ କିଲୋମିଟର ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ ଓ ଲଣ୍ଡା କରି ଦେଇଥିଲେ। ଶୋଷ ବିକଳରେ ପାଣି ମାଗିବାରୁ ତାଙ୍କୁ ନର୍ଦ୍ଦମା ପାଣି ପିଆ ଗଲା ଓ ଘାସ ଖୁଆଇ ଦିଆଗଲା। ମାତ୍ର ଏହି ଘଟଣାରେ ସରକାରଙ୍କ ମୌନତା, ଅଭିଯୁକ୍ତଙ୍କୁ ଆଶ୍ୱସନା ଦେଲାଭଳି ଅନୁଭବ ହେଉଛି। ସମ୍ବିଧାନର ଅନୁଚ୍ଛେଦ (୧୭-୨୩) ମଧ୍ୟରେ ଅନୁସୂଚିତ ଜାତି/ଜନଜାତି ମାନଙ୍କୁ ସମସ୍ତ ପ୍ରକାର ଶୋଷଣରୁ ରକ୍ଷାପାଇଁ ଉଦ୍ଦିଷ୍ଟ ଥିବାବେଳେ ବର୍ତ୍ତମାନ ବଞ୍ଚିତ ବର୍ଗଙ୍କ ଉପରେ ରୀତିମତ ଆକ୍ରମଣ ହୋଇଛି। ସରକାରରେ ମନ୍ତ୍ରୀଥିବା ଦୁଇ ଦଳିତ ନେତା ସୂର୍ଯ୍ୟବଂଶୀ ସୁରଜ ଏବଂ ମୁକେଶ ମହାଲିଙ୍ଗ ଏହି ଘଟଣାରେ ନିରବତା ଅବଲମ୍ବନ କରିଛନ୍ତି। ଏଭଳି ପାଶବିକ ଆଚରଣ ଓଡ଼ିଶାକୁ ବିଶ୍ୱ ଦରବାରରେ ଲଜ୍ଜିତ ଚରିଛି ବୋଲି ସାମ୍ମୁଖ୍ୟ କହିଛି।

ତେଣୁ ଦୁଇ ପୀଡିତ ବାବୁଲା ନାଇକ ଏବଂ ବୁଲୁ ନାଇକଙ୍କୁ ସମ୍ମାନ ହାନି ସ୍ୱରୂପ ୧୫ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଆଯାଉ। ଦୋଷୀ ଯେପରି କଠୋର ଦଣ୍ଡ ପାଇବେ ସେନେଇ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାମାଜିକ ନ୍ୟାୟ ସାମ୍ମୁଖ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ବାରମ୍ବାର ଓଡ଼ିଶାକୁ ଲଜ୍ଜିତ କରୁଥିବା ବଜରଙ୍ଗ ଦଳର ଏତାଦୃଶ କାର୍ଯ୍ୟଗୁଡିକ ଉପରେ ପ୍ରତିବନ୍ଧକ ଲଗାଯାଉ ସାମୁଖ୍ୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଓଡ଼ିଶାରେ ତୁରନ୍ତ ଅନୁସୂଚିତ ଜାତି ଆୟୋଗ ଗଠନ କରିବା ନେଇ ପ୍ରକ୍ରିୟା ଆରମ୍ଭ କରି ବା ସହ ଆଗାମୀ ବିଧାନସଭା ଅଧିବେଶନରେ ଅନୁସୂଚିତ ଜାତି ଆୟୋଗ ଗଠନ ନେଇ ସ୍ୱତନ୍ତ୍ର ବିଧେୟକ ଆଗତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାମାଜିକ ନ୍ୟାୟ ସାମ୍ମୁଖ୍ୟର ଚିଦାନନ୍ଦ ଜେନା, ଅଜୟ ମହାପାତ୍ର, ଶୋଭେନ ବିଶ୍ୱାଳ, ପ୍ରସନ୍ନ ବିଶୋଇ, ବାସୁଦେବ ଭଟ୍ଟ, ଅଶୋକ ପାଇକରାୟ, ବଦ୍ରିନାଥ ଜେନା, ଅବିନାଶ ପ୍ରଧାନ, ଦିବ୍ୟ ସିଂ, ସୋଲାର ମିଶ୍ର, ସାହିଲ ସାହାଣୀ, ସତ୍ୟପ୍ରଜ୍ଞ ଗୌଡ଼, ଲିପୁନ ପରିଡ଼ା, ଶୁଭମ ସାହୁ, ଅଭିଷେକ ମହାପାତ୍ର, ଯୁବରାଜ ମହାନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି।

### ସାପ କାମୁଡାରେ ଚାଷୀ ମୃତ

ରାଇରଙ୍ଗପୁର, ୪।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣି ଥାନା ଅନ୍ତର୍ଗତ ହାତିଆ ପଞ୍ଚାୟତ କପିଳି ଗ୍ରାମର ଜଣେ ଚାଷୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ଜିତେନ୍ଦ୍ର ଲୋହାର(୪୫)। ସେ ଚାଷ କାମ ସାରି ଘରକୁ ଫେରି ଦାଣ୍ଡ ଦୁଆରେ ଠିଆ ହୋଇଥିବା ବେଳେ ଏକ ଗୋଖର ସାପ ହଠାତ୍ ତାଙ୍କୁ ଦଂଶନ କରିଥିଲା। ପରିବାରଲୋକ ତୁରନ୍ତ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।


**AFFIDAVIT**

I, Gitanjali Pradhan, W/o.: Sridhar Mahatwo, Resident of Chhakadipur, PO.: Biribadi, P.S.: Tangi, PIN-752027, Dist.: Khordha, Odisha, declare by this affidavit No.: 15 dtd 02.07.2025 that now onwards I shall be known as **GITANJALI MAHATWA** for all future purposes.

**ଶପଥ ପାଠ**

ମୁଁ ଶ୍ରୀ ସଞ୍ଜୟ କୁମାର ଦାସ, ପିତା-ଜଗନ୍ନାଥ ଦାସ, ସା- ହଳଦିଆ, ପୋ-ତୀରଣ, ଥାନା-ତିର୍ତ୍ତୋଲ, ପିନ୍-754138, ଜିଲ୍ଲା-ଜଗତସିଂହପୁର, ମାନ୍ୟବର ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ତିର୍ତ୍ତୋଲ ନିକଟରେ ଶପଥ ପାଠ ଦ୍ୱାରା ଘୋଷଣା କରୁଅଛି ଯେ ମୋର ନାବାଳିକା କନ୍ୟା ସୁଚିସ୍ମିତା ଦାସ ର ନାମ ଭୁଲରେ ଆଧାରକାର୍ଡ ରେ ସୁଚିତ୍ରା ଦାସ ହୋଇ ଯାଇଛି, ସତ୍ୟପାଠ ନମ୍ବର-5048, ତା-01/07/2025 ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି ଯେ ମୋର ଝିଅ ସୁଚିତ୍ରା ଦାସ ହିଁ ସୁଚିସ୍ମିତା ଦାସ, ଏଣିକି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ରେ ମୋ ଝିଅ ସୁଚିସ୍ମିତା ଦାସ ଭାବେ ପରିଚୟ ହେବ।

ସଞ୍ଜୟ କୁମାର ଦାସ

**NOTICE (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 01-07-2025 I,Madanram Ganeshprasad Hansdah Address At- Anlasuli, PO- Bahanada, PS- Khunta, Dist.- Mayurbhanj, PIN- 757104 declare that I have changed the name of my daughter Fullamani Hansda to Anjali Hansdah . Henceforth, she shall be known as Anjali Hansdah for all purposes.

**Madanram Ganeshprasad Hansdah**

**NOTICE (above 18 years of age)**

By virtue of an affidavit sworn before Notary Public, Udala, Mayurbhanj, dated 26-06-2025, I, Lili Sing, Address At- Nahara, PO- Banakati, PS- Khunta, Dist- Mayurbhanj, Odisha, Pin-757019 declare that I have changed my name from Lulu Sing to Lili Sing Henceforth, I shall be known as Lili Sing for all purposes.

**Lili Sing**

**AFFIDAVIT**

I, Bela Ameet Gandhi, W/o.: Ameet Chandrakant Gandhi, Resident of 5/A, Girnar Palace, Bomikhal, Cuttack Puri Road, Bhubaneswar. PIN-751010, Dist.: Khordha, Odisha, declare by this affidavit No.: 364 dtd 03.07.2025 that now onwards I shall be known as **BELA GANDHI** for all future purposes.

**AFFIDAVIT**

By virtue of an affidavit No.: 59 dt 04/07/2025 sworn before the Executive Magistrate, Bhubaneswar, I Rakesh Kumar Sahoo, S/o.: Late Rabindra Kumar Sahoo, resident of Plot No.: 2223, Jagannath Matha Lane, Old Town, P.S.: Shree Lingaraj, Bhubaneswar, PIN-751002, Odisha declare that I have changed my name from Kapilendra Sahoo to Rakesh Kumar Sahoo. Henceforth I shall be known as **Rakesh Kumar Sahoo** for all purposes.

**AFFIDAVIT**

I Chita Ranjan Mohanty, S/o- Kedar Nath Mohanty, resident of at- Bairagi Villa, Flat no-305,3rd floor, Near UCO Bank Colony, Jharapada, P.S- Laxmi Sagar, Bhubaneswer Pin-751006, Odisha are declared by this affidavit No-39, dated06/05/25, that now onwards I shall be known as **CHITTA RANJAN MOHANTY** for all future purposes.

**AFFIDAVIT**

By virtue of an affidavit before the Notary Public, Kesinga, I, Sarita Devi Agarwal, W/o- Subash Chandra Agrawal Resident of Kesinga, Ward No.9, Po/Ps: Kesinga, Dist.: Kalahandi, Odisha declare by this affidavit no-51, Dated 02/07/2025 that now onwards I shall be known as **Sarita Agrawal** for all future purposes.

**Sarita Agrawal**

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/36 ତା.30.06.2025ରିଖ

1) ଟେଣ୍ଡର ସଂ. eTender-CENTKUR-130-2025, ତା.24-06-2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଢେଙ୍କାନାଳ ଅଧିକାର କ୍ଷେତ୍ର ଅଧୀନରେ ଗୁରୁଡ଼ିଝାଟିଆ ଠାରୁ ସଦାଶିବପୁର ଷ୍ଟେସନ ପର୍ଯ୍ୟନ୍ତ ଷ୍ଟାଫ୍ କ୍ୱାର୍ଟର ପାଇଁ ପ୍ରସ୍ତାବିତ ବିବିଧ ମରାମତି କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 269.90 ଲକ୍ଷ, EMD (₹) : 2,85,000.00 ।

2) ଟେଣ୍ଡର ସଂ. eTender-CENTKUR-132-2025, ତା.24-06-2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଭୁବନେଶ୍ୱର ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 180.90 ଲକ୍ଷ, EMD (₹) : 2,40,500.00 ।

3) ଟେଣ୍ଡର ସଂ. eTender-CENTKUR-133-2025, ତା.24-06-2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଅନୁଗୁଳ ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 130.79 ଲକ୍ଷ, EMD (₹) : 2,15,400.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ନିମନ୍ତେ) ତା.16.07.2025ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-322/Q/25-26

**AFFIDAVIT**

By virtue of an affidavit sworn before The Notary Public, Swampatna, Keonjhar on dated- 04/01/2025. I, **Chhotaray Mahanta,** aged about 32 years, S/o Dibakar Mahanta, resident of At-Musanali, PO- Mushakhori, PS-Patna, Dist- Keonjhar, Odisha declare that I have changed my minor daughter's name from **Damayanti Mahanta** (old name) To **Debasmita Mahanta** (new name). Henceforth, she shall be known as **Debasmita Mahanata** (new name) for all future purposes.

**Sd/- Chhotaray Mahanta**

**AFFIDAVIT**

I, Madhusudan Agrawal, H/o- Pushpa Devi Singhania , resident of Ward No. 20, Main Road, Marwaripara, PO/PS/Dist- Jharsuguda, Odisha, PIN- 768201 declared by this affidavit No. 01, dtd- 03/07/2025 that now onwards I shall be known as **MADHUSUDAN SINGHANIA** for all future purposes.

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ / ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, , ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡିଶା

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po- Ambapua, Near Income Tax office, Berhampur-760011, Ganjam, Odisha)

O-377

(E-Mail): serwbcpr2004@yahoo.com, Tel No.: 0680-2404287

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/09-2025-26/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2025-26/BPR | Road Works under MMSY-TRIP & MMSY- IMPROVEMENT TO EXISTING RD ROADS | 03 Nos | From Rs. 107.07 Lakhs to Rs. 719.33 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/09-2025-26/BPR | 08.07.2025 at 10.00 A.M. | 22.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

Sd/- Chief Construction Engineer
R.W. Circle, Berhampur

OIPR-25071/11/0100/2526

SDCCB | **THE SAMBALPUR DISTRICTCO-OPERATIVE CENTRAL BANK LIMITED**
**Quotation Call Notice**
**Lett.No:**

The Sambalpur District Co-operative Central Bank (SDCCB) invites Quotation call notice from the intending IRDAI Certified Agencies, fulfilling the IRDAI norms, for entering into floater group health insurance policy covering employees of the Bank along with their spouse, Children up to three and dependent parents for a period of one year.

For details please visit Bank's website: www.sambalpurdccb.com. The last date for receipt of proposal is 15.07.2025, 3:00P.M.

SDCCB reserves the right to accept/reject any/all Quotation without assigning any reason thereof.

Sd/-
Chief Executive Officer

**THE SAMBALPUR DISTRICT CO-OPERATIVE CENTRAL BANK**
**HEADOFFICE:BARGARH-768028**
**Email:headoffice@sambalpurdccb.com**

GOVERNMENT OF ODISHA
A-364
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID: midvmalkangiri@gmail.com

**NOTICE INVITING TENDER**
E-Procurement Notice
Bid Identification No. SEMDIMKG - 01/2025-26
Letter No. 1061 / Dt. 02.07.2025

The Superintending Engineer, Minor Irrigation Division, Malkangiri on behalf of Governor of Odisha invites Percentage rate bids through e-procurement to be received in Online Mode only for the works as detailed in the table below.

1. Name of the work : Survey Investigation works as mentioned in the website.
2. Total Number of work : 01 (One) No.
3. Estimated cost : Approximately Rs. 13.75 lakh.
4. Period of completion : 02 (Two) Calendar Months
5. Class of Contractor : Detail list of work (Annexed) As mentioned against work
6. Date and time of availability of bid documents in the portal : From 10.00 A.M of 08.07.2025 to 5.00 P.M of 17.07.2025
7. Last date/time for receipt of bids in the portal : 5.00 P.M on 17.07.2025
8. Date of opening of bid : At 11.00 A.M on 18.07.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Malkangiri
11. Further details can be seen from the Government of Odisha Website: www.tendersorissa.gov.in

Sd/- Superintending Engineer
M.I. Division, Malkangiri

OIPR-32285/11/0003/2526

A-363
OFFICE OF THE EXECUTIVE ENGINEER
BRUTANG IRRIGATION DIVISION: DASAPALLA, NAYAGARH
Email: eebiddasapalla@gmail.com
No. 614 / dt. 26.06.2025

NOTICE INVITING TENDER
Bid Identification No.EE-BID-BIP-02(01) of 2025-26, Dt.26.06.2025
'e' Procurement Notice No. EE-BID-02(01)/2025-26, Dt.26.06.2025

Invites online percentage rate tender in single cover through e-procurement for execution of the Electrical works. The bid should be submitted by eligible class of contractors obtained from Electrical Licensing Board of Odisha .

1. Type of Work : Electrification of Administrative building for Chief Construction Engineer, Brutang & Hadua Irrigation Project, At-Dasapalla Irrigation Colony,District-Nayagarh
2. Total No. of Works : 01 nos.
3. Approximate value of work : Rs. 30.85 lakh/- (Excluding GST)
4. Tender Paper Cost : Rs. 6,000/-
5.Bid Security/E.M.D : Rs.30,900/-
5. Period of Completion : 04 (four calendar months).
6. Class of Contractor : Electrical Contractor License Class HT

| | e-procurement Notice No. | | Availability of online viewing of Tender prior to Bidding | | Submission &Availability bid on-line | Date & time of opening of Bid |
|---|---|---|---|---|---|---|
| | | | From | To | | |
| 1 | 2 | | 3 | 4 | 6 | 7 |
| EXECUTIVE ENGINEER, BRUTANG IRRIGATION DIVISION, AT/PO-DASAPALLA, DIST-NAYAGARH, ODISHA, PIN-752084. | EE,BID – 02(01)/2025-26 | Rs. 30.85/- (Excluding GST) | 07.07.2025 (10.00 AM) | 21.07.2025 (up to 5.00 PM) | 07.07.2025 (10.00 AM) to 21.07.2025 (up to 5.00 PM) | 22.07.2025 at 11:00 AM |

Date of opening of bid :Dt-22.07.2025 at 11.00 AM in the O/O the Executive Engineer, Brutang Irrigation Division, Dasapalla, Nayagarh, Odisha, PIN-752084.
Further details can be seen from the Govt. Website www.tendersorissa.gov.in
The Corrigendum/ cancellation of Tender, if any, will be uploaded and can be seen from the above website only.

Executive Engineer
Brutang Irrigation Division
Dasapalla

OIPR-32553/11/0001/2526

# ରାସ୍ତା ପାର୍ଶ୍ୱରୁ ଅଳିଆ ସଫାକଲେ ସ୍ୱେଚ୍ଛାସେବୀ



ନିଆଳି,୪।୭ (ସମିସ): ନିଆଳି-ନଖରା ୬୦ ନଂ ରାଜ୍ୟ ରାଜପଥର ନିଆଳି ମୁଖ୍ୟ ବସ୍ ରହଣିସ୍ଥଳରେ ରାସ୍ତା ପାଶ୍ୱର୍ରେ ଗଦା ଗଦା ଅଳିଆ ଜମା ରହିବା ଫଳରେ ବର୍ଷା ହେବା ଦ୍ୱାରା ଏହା ପଚିସଢି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ରାସ୍ତାଦେଇ ପୂର୍ତ୍ତ ବିଭାଗ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଯା'ଆସ କରୁଥିଲେ ମଧ୍ୟ କେହିହେଲେ ଏହି ସମସ୍ୟାର ସମାଧାନ ପାଇଁ ଆଗେଇ ଆସୁ ନ ଥିଲେ। ଶୁକ୍ରବାର ନିଆଳି ଅଞ୍ଚଳର ସ୍ୱେଚ୍ଛାସେବୀ ବିଭୂତି ଭୂଷଣ ନାୟକ ଓ ନିହାର ରଂଜନ ସ୍ୱାଇଁ ସେମାନଙ୍କ ନିଜସ୍ୱ ଅର୍ଥରେ ଜେସିବି ଓ ଟ୍ରାକ୍ଟର ଲଗାଇ ରାସ୍ତା ପାଶ୍ୱର୍ରେ ଗଦା ଗଦା ହୋଇ ପଡିଥିବା ଅଳିଆକୁ ସଫା କରିଛନ୍ତି।

ସେହିପରି ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଜମା ରହିବା ଫଳରେ ଉକ୍ତ ସ୍ଥାନ କର୍ଦ୍ଦମାକ୍ତ ହୋଇ ଦୁର୍ଗନ୍ଧ ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ରାସ୍ତା ପାଶ୍ୱର୍ରେ ଥିବା ଅଳିଆ ଆବର୍ଜନାକୁ ସଫା କରିବା ପାଇଁ ପୂର୍ତ୍ତ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ଧ୍ୟାନ ଦେଉ ନଥିବା ବେଳେ ସ୍ୱେଚ୍ଛାସେବୀଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।


# ଶହୀଦ ସ୍ମୃତି ଉଦ୍ୟାନ ପରିତ୍ୟକ୍ତ; ପୁନରୁଦ୍ଧାର ପାଇଁ ପଛଘୁଞ୍ଚା!

ନିଆଳି,୪।୭(ସମିସ)

ନିଆଳି ବ୍ଲକ ମାଧବାନନ୍ଦ ମନ୍ଦିର ଜମି ସଦା ଦାସ ତୋଟାରେ ନିର୍ମାଣ କରାଯାଇଥିବା ଶହୀଦ୍ ସ୍ମୃତି ଉଦ୍ୟାନ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ଏହି ଉଦ୍ୟାନରେ ଥିବା ଶହୀଦ୍ ପ୍ରତିମୂର୍ତ୍ତିଗୁଡିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ଏହା ଶହୀଦ୍ ମାନଙ୍କ ପ୍ରତି ଅସମ୍ମାନ ବୋଲି ସାଧାରଣରେ ଅଭିଯୋଗ ହେଉଛି। ସ୍ୱାଧୀନତା ଓ ମାନବବାଦର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ପୁଣ୍ୟାତ୍ମା ମାନଙ୍କର ସମ୍ମାନାର୍ଥେ ଏହି ଶହୀଦ୍ ସ୍ମୃତି ଉଦ୍ୟାନ ଗତ ୨୯.୧୦.୨୦୨୩ରେ ଲୋକାର୍ପିତ ହୋଇଥିଲା। ତତ୍କାଳୀନ ବିଧାୟକ ପ୍ରଫେସର ଡା.ପ୍ରମୋଦ କୁମାର ମଲ୍ଲିକଙ୍କ ସୁପାରିଶକ୍ରମେ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ୨୮ ଏକର ଜମିରେ ୧କୋଟି ୩୦ ଲକ୍ଷ ବ୍ୟୟରେ ଉକ୍ତ ଶହୀଦ୍ ସ୍ମୃତି ଉଦ୍ୟାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲା। ଏହି ଉଦ୍ୟାନରେ ଜାତିର ଜନକ ମହାତ୍ମାଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାସଚନ୍ଦ୍ର ବୋଷ ସମେତ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଓ







ନିଆଳି ଆଖପାଖ ଅଞ୍ଚଳର ଦେଶପାଇଁ ବଳିଦାନ ଦେଇଥିବା ୧୯ ଜଣ ଶହୀଦ ଓ ସାଧୁ ସଦା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇଛି। ସେହିପରି ମହାତ୍ମାଗାନ୍ଧୀଙ୍କ ଦାଣ୍ଡି ଯାତ୍ରାର ଏକ ବିରାଟ ପ୍ରତିମୂର୍ତ୍ତି ସହ ବାଜିରାଉତ ଘାଟ, ଗାନ୍ଧୀ କୁଟୀର, ସଂଗ୍ରାହାଳୟ, ଅତିଥି ଭବନ, ମୁକ୍ତାକାଶ ମଣ୍ଡପ ସମେତ ଦେଶ ସ୍ୱାଧୀନତାର ବହୁ ସ୍ମୃତି ରହିଛି। ସେହିପରି ଏହି ଉଦ୍ୟାନରେ ପିଲାମାନଙ୍କ ମନୋରଂଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ଓ ଖେଳଣା ଇତ୍ୟାଦି ରହିଥିବା ବେଳେ ଏହି ପରିସରରେ ଏକ ନୌବିହାରସ୍ଥଳ ରହିଛି। ନୂଆ ସରକାର ଆସିବା ପରେ ଏହି ଉଦ୍ୟାନର ରକ୍ଷଣା ବେକ୍ଷଣାର ନ ହେବା ଫଳରେ ବର୍ତ୍ତମାନ ଏହି ଉଦ୍ୟାନ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେଉଁଠି ଗାନ୍ଧୀ ମୂର୍ତ୍ତିର ହାତ ଭାଙ୍ଗି ଯାଇଥିବା ବେଳେ କେଉଁଠି ଶହୀଦ୍ ମାନଙ୍କର ପ୍ରତିମୂର୍ତ୍ତିରୁ ମୁଣ୍ଡ କଟି ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ଉଦ୍ୟାନରେ ଚାରିଆଡେ ଅନାବନା ଗଛ ଲତା ଉଠି ବର୍ତ୍ତମାନ ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପର୍ଯ୍ୟଟଙ୍କ ବଦଳରେ ପ୍ରତ୍ୟେହ ବହୁ ପ୍ରେମୀଯୁଗଳ ଏହି ସ୍ଥାନରେ ଆସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ମଦ୍ୟପମାନେ ମଧ୍ୟ ଏହି ସ୍ଥାନକୁ ସେମାନଙ୍କ ସୁରକ୍ଷିତ ଜାଗା ଭାବି ବାଛି ସାରିଲେଣି। ବର୍ତ୍ତମାନର ବିଧାୟକ ଛବି ମଲ୍ଲିକ ଏହି ଉଦ୍ୟାନର ପୁନରୁଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏହି ଉଦ୍ୟାନ ଅତ୍ୟନ୍ତ ଦୟନୀୟ ଭାବରେ ପଡିରହିଛି। ଏଥିପ୍ରତି ବିଧାୟକ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

# ୮ରେ ତିଗିରିଆ ଭୀମଭୋଇ ଭିନ୍ନକ୍ଷମ ଶିବିର

ତିଗିରିଆ,୪।୭(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟ ପରିସରରେ ଆସନ୍ତା ୮ ତାରିଖ ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବବୋଲି ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନା ସୂଚନା ଦେଇଛନ୍ତି। ସକାଳ ୮ଟାରେ ଆରମ୍ଭ ହେବାକୁ ଥିବା ଏହି ଶିବିରରେ ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହିବେ ବୋଲି ଜଣାପଡିଛି। ଏହି ଶିବିରରେ ଯେଉଁ ଦିବ୍ୟାଙ୍ଗଙ୍କ ଆଦୌ ଭିନ୍ନକ୍ଷମ ପ୍ରମାଣପତ୍ର ନାହିଁ କିମ୍ବା ଯେଉଁମାନଙ୍କର ଡିଜିଟାଲ ପ୍ରମାଣପତ୍ର ନାହିଁ ସେମାନେ ଏହି ଶିବିରରେ ଯୋଗଦେବା ପୂର୍ବରୁ ନିଜ ଅଞ୍ଚଳର ନିକଟରେ ଥିବା ଜନସେବା କେନ୍ଦ୍ରରେ ନିଜର ନାମ ପଞ୍ଜୀକରଣ କରିବା ପାଇଁ ଶ୍ରୀ ବଡ଼ଜେନା ସୂଚନା ଦେଇଛନ୍ତି। ପଞ୍ଜୀକରଣ ପରେ ମିଳୁଥିବା ପଞ୍ଜୀକରଣ ଫର୍ମ, ଆଧାର କାର୍ଡ ଓ ଦୁଇଟି ପାସପୋର୍ଟ ଫଟୋ ସହ ଉକ୍ତ ଶିବିରରେ ସମସ୍ତ ହିତାଧିକାରୀ ଯୋଗ ଦେବାକୁ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବଡ଼ଜେନା ସୂଚନା ଦେଇଛନ୍ତି।

# ଜିଲ୍ଲା କଂଗ୍ରେସ କମିଟିର ନବନିଯୁକ୍ତ ସଂଯୋଜକଙ୍କୁ ସମ୍ବର୍ଦ୍ଧନା




ଭଦ୍ରେଶ୍ୱର,୪।୭(ସମିସ): କଟକ ଜିଲ୍ଲା କଂଗ୍ରେସ କମିଟିର ନବନିଯୁକ୍ତ ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କୁ ମାହାଙ୍ଗା ବ୍ଲକ କଂଗ୍ରେସ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖନ୍ଦୋଳସ୍ଥିତ ବାପୁଜୀ ଭବନ ପରିସରରେ ଏହି ସମ୍ବର୍ଦ୍ଧନା ସଭାରେ ମାହାଙ୍ଗା ବ୍ଲକ କଂଗ୍ରେସର ଯୁବ ସଙ୍ଗଠକ ସେକ ମାସୁଦ ଅଲ୍ଲୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ ଯୋଗ ଦେଇଥିଲେ।

ଡ. କାର୍ତ୍ତିକଚନ୍ଦ୍ର ବରାଳ, ମାହାଙ୍ଗା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ ସଦ୍ଦାମ ପ୍ରମୁଖ ମଞ୍ଚାସୀନ ଥିଲେ। ରାହୁଲ ଗାନ୍ଧୀଙ୍କ ଆଗାମୀ ଓଡ଼ିଶା ଗସ୍ତକୁ ସଫଳ କରାଇବା ନିମନ୍ତେ ଆଲୋଚନା କରାଯାଇଥିଲା। ଆଇନଜୀବୀ ଦୀପକ ମହାନ୍ତି, ସୁଶୀଲ କୁମାର ପଣ୍ଡା, ସେକ ସୌକତ ଅଲ୍ଲୀ, ପଣ୍ଡିତ ପ୍ରଭାତ କୁମାର କର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କଂଗ୍ରେସ ନେତା ସୁକାନ୍ତ ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ମାନସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସେକ ଜାହାଙ୍ଗିର ମହମ୍ମଦ, ସେକ କଲିମୁଲ୍ଲା ଆଜାଦ, ସେକ ମୁସୋ ସହଯୋଗ କରିଥିଲେ।

# ଶ୍ରୀଗୁଣ୍ଡିଚା ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ



ଚୌଦ୍ୱାର,୪।୭(ସମିସ): ଶ୍ରୀଗୁଣ୍ଡିଚା ମହୋତ୍ସବ ଉପଲକ୍ଷେ ଦାଶରଥୀପାଟଣାସ୍ଥିତ ମାଉସୀମା' ମନ୍ଦିର ପ୍ରାଂଗଣରେ ପ୍ରବଚକ ଅଜିତ କୁମାର ପ୍ରଧାନଙ୍କ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ପରିଚାଳକ କିଶୋର ଦାସ, ସୁକାନ୍ତ ଦାସ, ସହଯୋଗୀ କର୍ମକର୍ତ୍ତା ବିକାଶ, ଅମୂଲ୍ୟ, ଅଶୋକ, ବିନୋଦ, ସନାତନ, ମନୋଜ, ପ୍ରକାଶ, କୈବଲ୍ୟ ଓ ପ୍ରଦୀପ ଦାସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଭକ୍ତମାନଙ୍କ ପାଇଁ ଆନନ୍ଦ ବଜାର ଖୋଲାଯାଇ ପ୍ରସାନ ସେବନର ବ୍ୟବସ୍ଥା କରାଯାଇଥିଲା।

# ସାମ୍ବାଦିକ-ବିତରକଙ୍କ ସମନ୍ୱୟ ବୈଠକ

ଫୁଲନଖରା,୪।୭(ସମିସ): କଟକ ସଦର ଅଞ୍ଚଳର ସାମ୍ବାଦିକ ଓ ଖବରକାଗଜ ବିତରକଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।



କୁରାଙ୍ଗଶାସନସ୍ଥିତ ହୋଟେଲ୍ ଆମ୍ରପଲ୍ଲୀ ରିସର୍ଟ ସଭାଗୃହରେ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଓ ଖବରକାଗଜ ବିତରକମାନେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ପରବର୍ତ୍ତୀ ସମୟରେ ଏକ ପୂର୍ଣ୍ଣାଙ୍ଗ ସଂଘ ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ। ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଦାଶ, କାନନ ବିହାରୀ ନାୟକ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରମେଶଚନ୍ଦ୍ର ପ୍ରଧାନ, ଗଜେନ୍ଦ୍ର ଦାସ, ଅଜୟ କୁମାର ପାତ୍ର, ସତ୍ୟରଂଜନ ଦାସମହାପାତ୍ର, ବିଭୂତି ଭୂଷଣ ତରାଇ, ଆଦିତ୍ୟ ଛୋଟରାୟ, ରାକେଶ ହୋତା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଖବରକାଗଜ ବିତରକ ଶରତଚନ୍ଦ୍ର ସାହୁ, ଶିବାନନ୍ଦ ସାହୁ, କାଳନ୍ଦୀ ସାହୁ, କାଶୀନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ସାଗର କୁମାର ସାହୁ, ଲକ୍ଷ୍ମୀଧର ସାହୁ, କ୍ଷୀରୋଦ ସାହୁ, ଚିନ୍ମୟ ନାୟକ, ବିଶ୍ୱନାଥ ସାହୁ, ଚକ୍ରଧର ସାହୁ, ଦୁଃଶାସନ ସାହୁ, ସଂଗ୍ରାମ ସାହୁ ପ୍ରମୁଖ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଦରରେ କାର୍ଯ୍ୟରତ ବିତରକମାନେ କୌଣସି ସହାୟତା ପାଉ ନଥିବା ବେଳେ ସେମାନଙ୍କୁ ସରକାରଙ୍କ ଅଣସଂଗଠିତ ଶ୍ରମିକ କାର୍ଡ ପରିସରଭୁକ୍ତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ବୈଠକରେ ସାମ୍ବାଦିକ ଓ ବିତରକଙ୍କ ମଧ୍ୟରେ ଏକ ସଂଘ ଗଠନ କରାଯିବ ବୋଲି ବରିଷ୍ଠ ସାମ୍ବାଦିକ ପ୍ରତାପ କେଶରୀ ପାତ୍ର ପ୍ରକାଶ କରିଛନ୍ତି।

# ନିଜ ହାଇୱା ମାଡ଼ିଯିବାରୁ ମାଲିକଙ୍କ ମୃତ୍ୟୁ


ନିଶ୍ଚିନ୍ତକୋଇଲି,୪।୭(ସମିସ): କଟକ-ଚାନ୍ଦବାଲି ରାସ୍ତାର ଖଇରା ପୋଲ ନିକଟରେ ହାଇୱା ଚଢ଼ିଯିବାରୁ ମାଲିକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଗୁରୁବାର ରାତିରେ ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ ବଡ଼କ୍ଷୀର ଗ୍ରାମର ରାକେଶ କୁମାର ସ୍ୱାଇଁ (୨୭) ତାଙ୍କର ହାଇୱା ଟ୍ରକକୁ ଘରକୁ ଆଣୁଥିବା ବେଳେ ଅସାବଧାନତା ବଶତଃ ଏଭଳି ଘଟଣା ଘଟିଥିବା ଆଲୋଚନା ହେଉଛି।



ରାକେଶ ଏକ ପୁରୁଣା ହାଇୱା କିଣି ଗ୍ୟାରେଜରେ କାମ କରାଇ ନିଜ ବଡ଼କ୍ଷୀର ଗ୍ରାମକୁ ଆଣିବା ପାଇଁ ବ୍ୟବସ୍ଥା କରିଥିଲେ। ଗ୍ୟାରେଜରୁ ହାଇୱା ବାହାରିବା ବେଳେ ମାଲିକ ରାକେଶ ଏକ ବାଇକ ଛିଡ଼ା ହୋଇଥିଲେ। ହଠାତ୍ ହାଇୱାଟି ଆସି ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଗତପୁର ଥାନା ପୁଲିସ ହାଇୱାକୁ ଜବତ କରିଥିବା ବେଳେ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

# ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ଭଦ୍ରେଶ୍ୱର,୪।୭(ସମିସ): ମାହାଙ୍ଗା ବ୍ଲକ ଗୋକନ ପଞ୍ଚାୟତ ଜାମପଡ଼ା ଗ୍ରାମର କୁଳଭୁଆଶୁଣୀ ଗ୍ରାମଦେବତୀ ପୀଠସ୍ଥଳୀରେ ୩ଦିନ ବ୍ୟାପି ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। କଳସଯାତ୍ରା, ସୂର୍ଯ୍ୟପୂଜା, ଗୋ-ପୂଜା, ଅଗ୍ନିସ୍ଥାପନ କରାଯାଇଥିଲା ବେଳେ ଦ୍ୱିତୀୟ ଦିବସରେ ଦେବପାଠ, ଗୁରୁପୂଜା, ଭଗବତ ଗୀତାର ସମ୍ପୂର୍ଣ୍ଣ ଆହୁତି, ତୃତୀୟ ଦିବସରେ ବେଦପାଠ, ମଙ୍ଗଳାଦି ପୂଜା, ଗ୍ରାମଦେବତୀ କୁଳଭୁଆଶୁଣୀଙ୍କ ଚଣ୍ଡୀପାଠରେ ଆହୁତି କରାଯାଇଥିଲା। ଯଜ୍ଞ ଓ ପୂଜାଦି କାର୍ଯ୍ୟରେ ପଣ୍ଡିତ ଜୟନ୍ତ କୁମାର ଦାସ ଓ ସହଯୋଗୀଭାବେ ଲକ୍ଷ୍ମୀଧର ଷଡଙ୍ଗୀ, ରଶ୍ମିରଞ୍ଜନ ଷଡଙ୍ଗୀ, କଳ୍ପତରୁ ଶତପଥୀ,



ବିଶେଶ୍ୱର ଦାଶ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ବସନ୍ତ କୁମାର ମହାନ୍ତି ଓ ଶୈଳବାଳା ମହାନ୍ତି କାର୍ଯ୍ୟ ନିର୍ବାହ କରିଥିଲେ।

# ଶିକ୍ଷାନୁଷ୍ଠାନରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ



ବାଲିଆପଦା ସ୍କୁଲ



ବାପୁଜୀ ବିଦ୍ୟାପୀଠ

ନିଶ୍ଚିନ୍ତକୋଇଲି,୪।୭(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ସ୍କୁଲ ସମୂହ ପକ୍ଷରୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ଓ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ କ୍ଷୀରୋଦ ସେନାପତିଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସ୍ୱାଗତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଏଜୁକ୍ୟୁଟିଭ୍ ଇଂଜିନିୟର ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ରମାକାନ୍ତ ମହାରଣା, ଶିବାନନ୍ଦ ସାହୁ, ବିଦ୍ୟୁତ୍ କର୍ମଚାରୀ ଜ୍ଞାନରଂଜନ ପଣ୍ଡା, ପ୍ରକୃତି ଯୋଦ୍ଧା ପ୍ରଭାକର ଦାସ, ବୈଷ୍ଣବଚରଣ ସ୍ୱାଇଁ, କବି ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉର୍ମିଳା ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ଅଭୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ସଂଚାଳନ କରିଥିଲେ। ରବିନାରାୟଣ ଦାସ, ଅକ୍ଷୟ କୁମାର ସିଂ, ବେଣୁ ବିନୋଦ ବେହୁରା, ପ୍ରଶାନ୍ତ କୁମାର ବରାଳ, ଲକ୍ଷ୍ମୀନାରାୟଣ ବରାଳ, ଅଜୟ କୁମାର ଜେନା ସହଯୋଗ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋପବନ୍ଧୁଙ୍କ ସମ୍ପର୍କରେ ହୋଇଥିବା ପ୍ରବନ୍ଧ ଓ ସାଧାରଣ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ମଇ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର ଫଳ ଗଛ ବଣ୍ଟନ କରାଯାଇଥିଲା।

ସେହିପରି ଭାରତ ସରକାରଙ୍କ ସେଣ୍ଟର ଫର୍ ଏନଭର୍‌ମେଣ୍ଟାଲ ଷ୍ଟଡ଼ିଜ୍ ସହାୟତାରେ ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ପାଟପୁରସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦଙ୍କ ସଭାପତିତ୍ୱ ଏବଂ ଇକୋକ୍ଲବର ସଂଯୋଜକ ଦେବପ୍ରସାଦ ଦାସଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସ୍ୱାଗତ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ଶିବାନନ୍ଦ ସାହୁ ଓ ରମାକାନ୍ତ ମହାରଣା, ପରିବେଶବିତ୍ ବଳରାମ ପାତ୍ର, ସରପଞ୍ଚ ଦୀପ୍ତିମୟୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ସବୁବେଳେ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର କରିବା ପାଇଁ ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ଓ ଜନସାଧାରଣଙ୍କୁ ଏକ ଶପଥ ପାଠ ମଧ୍ୟ କରାଇଥିଲେ। ଏହି ଅବସରରେ ବିଦ୍ୟୁତ୍ ସୁରକ୍ଷା ସଂକ୍ରାନ୍ତରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗର ୬ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୀତାକାନ୍ତ ସାମଲ, ସ୍ନେହଲତା ଦାସ, ଭାନୁପ୍ରିୟା ବେହେରା, ମନସ୍ୱିନୀ ଖଟୁଆ, ରାଜଶ୍ରୀ ଜେନା, ମଧୁସ୍ମିତା ସାହୁ, ପରିଚାଳନା କମିଟିର ସଭାପତି ସତ୍ୟବ୍ରତ ମଲିକ ଓ ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏଫ୍ଏମ୍ଏସ୍ ବିଦ୍ୟାର୍ଥୀଙ୍କ ଓରିଏଣ୍ଟେସନ୍




କଟକ,୪।୭(ସମିସ)

'ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଓ ନିୟନ୍ତ୍ରଣ (ଆଡମିନିଷ୍ଟ୍ରେସନ) ହେଉଛନ୍ତି ଏପରି ଦୁଇ ଶାଶୂ-ବୋହୂ, ଯେଉଁମାନେ ଜୀବନ ସାରା ଏକାଠି ରହିବେ ସତ, କିନ୍ତୁ ଦୁହେଁ ଦୁହିଙ୍କ ଉପରେ ଅଙ୍କୁଶ କଷିବାକୁ ସର୍ବଦା ଉଦ୍ୟମ କରୁଥିବେ'। ଏମବିଏ ପାଠ୍ୟକ୍ରମକୁ କିଛି ଏପରି ଶୈଳୀରେ ବ୍ୟାଖ୍ୟା କରିଛନ୍ତି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରାଧ୍ୟାପକ ଅନିଲ କୁମାର ଶର୍ମା। ଶୁକ୍ରବାର ବିଶ୍ୱବିଦ୍ୟାଳୟର 'ଫାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍'ର 'ଓରିଏଣ୍ଟେସନ୍' ଅବସରରେ ସେ ଏକଥା ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଡିନ୍ ପ୍ରାଧ୍ୟାପକ ବିପ୍ଳବ କୁମାର ବିଶ୍ୱାଳ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରତ୍ୟେକ ବିଦ୍ୟାର୍ଥୀ 'ମୁଁ କ'ଣ କରିପାରିବି', ଏହାର ଉତ୍ତର ଖୋଜିବା ଆବଶ୍ୟକ ବୋଲି କହିଥିଲେ।

ବିଶିଷ୍ଟ ଅତିଥି ଭାବରେ ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାରର ସିଏସଆର୍ ଓ ଏଡୁକେସନ୍ ପ୍ରେସିଡେଣ୍ଟ ଏବଂ ଗ୍ରୁପ୍ ମୁଖ୍ୟ ତଥା ଓଡ଼ିଶା କର୍ପୋରେଟ୍ କମ୍ୟୁନିକେସନ୍ ମୁଖ୍ୟ ଡ. ପ୍ରସନ୍ନ କୁମାର ହୋତା, ଆର୍ସେଲର୍ ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍ କମ୍ପାନିର ମାନବ ସମ୍ବଳ ମୁଖ୍ୟ ଡ. ଦେବବ୍ରତ ଦାଶ, ମାଇଁ ହୋମ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.(ମହାଶକ୍ତି ସିମେଣ୍ଟ)ର ଯୁଗ୍ମ ଅଧ୍ୟକ୍ଷ ସଞ୍ଜୀବ ଗୁପ୍ତା, 'ଲାର୍ସନ ଆଣ୍ଡ ଟୁବ୍‌ରୋ ଲିମିଟେଡ୍'ର ବରିଷ୍ଠ ମାନବ ସମ୍ବଳ ପ୍ରବନ୍ଧକ ଯୁଗଳ ପ୍ରସାଦ ଶତପଥୀ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁନିଲ ଧଳ, ସହକାରୀ ପ୍ରାଧ୍ୟାପିକା ଡ. ଶରଣିକା ଧଳ, ଛାତ୍ରକଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଟ୍ଟ, ପରୀକ୍ଷା ନିୟନ୍ତ୍ରକ ଡ. ଶ୍ରୀନାଥ ବି, ବିଶ୍ୱବିଦ୍ୟାଳୟ ମୁଖ୍ୟ ବିତ୍ତ ଅଧିକାରୀ ରବି ଓମକାରୀ, ସହଯୋଗୀ ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ଦାଶ, ସହକାରୀ ପ୍ରାଧ୍ୟାପିକା ଡ. ଜସ୍ମିନ୍ ଭୂୟାଁ (ଛାତ୍ରବୃତ୍ତି ଓ କ୍ଲବ୍ କାର୍ଯ୍ୟକଳାପ), ସହକାରୀ ପ୍ରାଧ୍ୟାପିକା ଡ. ରିତା ବଘେଲ (ଏଥିକ୍ସ ଏବଂ ରେଗୁଲେସନ୍) ପ୍ରମୁଖ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ କରିଥିଲେ।

# ବେଆଇନ ମାଙ୍କଡ଼ା ପଥର ଚାଲାଣ ଥମୁନି

ତ୍ରିଶୂଳିଆ, ୪।୭(ସମିସ): ବେଆଇନ ଭାବେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ବେଳେ ବାରଙ୍ଗ ଥାନା ପୁଲିସ ଗୁରୁବାର ରାତିରେ ୨ଟି ହାଇୱା ଜବତ କରିଛି। ବାରଙ୍ଗ ଓ ଏହାର ଆଖପାଖ

**● ୨ଟି ବୋଝେଇ ହାଇୱା ଜବତ**

ଅଞ୍ଚଳରୁ ବେଆଇନ ଆଇନ ଭାବେ ଲଘୁ ଖଣିଜଦ୍ରବ୍ୟର ଚୋରା ଚାଲାଣ ହେଉଥିବାର ସ୍ଥାନୀୟ ଲୋକମାନେ ବହୁବାର ଅଭିଯୋଗ କରି ଆସୁଥିଲେ। ଖଣିବିଭାଗ ପକ୍ଷରୁ ଠିକ୍ ଭାବେ ଚଢଉ କରାଯାଉ ନଥିବାରୁ ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ମାଫିଆମାନେ କୌଣସି ଅନୁମତି ନେଇ ମନଇଚ୍ଛା ବାଲି, ମୋରମ ଓ ମାଙ୍କଡା ପଥର ଉଠାଉ ଥିବାର ଜିଲ୍ଲା ପ୍ରଶାସନର ଦୃଷ୍ଟି





ଆକର୍ଷଣ କରିବା ସହିତ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏ ସମ୍ପର୍କରେ ଶନିବାର ବିଳମ୍ବିତ ରାତିରେ ବାରଙ୍ଗ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ଦେଖିବାକୁ ମିଳିଛି। ବାରଙ୍ଗ ପୁଲିସ କଡ଼ାକଡ଼ି ଯାଞ୍ଚ କରି ୨ଟି ମାଙ୍କଡା ପଥର ବୋଝେଇ ହାଇୱା ଗାଡ଼ିକୁ ଜବତ କରିଥିଲେ। ରବିବାର ସକାଳେ ଜବତ ହୋଇଥିବା ହାଇୱା ଗାଡ଼ି ୨ଟିକୁ ଜବତ କରିବା ନେଇ ଖଣି ବିଭାଗକୁ ଅବଗତ କରାଯାଇଥିବା ବାରଙ୍ଗ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣା**

# ଚୋରି ଲୁହା ସହ ୩ ଗିରଫ

ଟାଙ୍ଗୀ, ୪।୭(ସମିସ)

କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ତଥା ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀଠାରେ ନିର୍ମାଣାଧୀନ ବିଦ୍ୟୁତ୍ ଗ୍ରିଡ୍ ପରିସରରୁ ଲୁହା ବିଦ୍ୟୁତ୍ ଖୁଣ୍ଟ ଚୋରି ଘଟଣାର ତଦନ୍ତକରି ଟାଙ୍ଗୀ ପୁଲିସ ଚୋରି ଲୁହା ସହ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କାଳୀଚରଣ ମୁର୍ମୁ ଓରଫ କାର୍ତ୍ତିକ(୨୪), ବାପିନୀ ସୋରେନ ଓରଫ ଗେଟା(୨୧) ଓ ସୋମନାଥ ପ୍ରଧାନ(୨୩)। ଥାନା କେସ୍? ନଂ-୧୧୭, ଦଫା ୩୦୩(୨), ୩୧୭(୨), ୩୧୭(୪), ୧୧୧(୨)(ବି) ଓ ୩(୫) ଭାରତୀୟ ଦଣ୍ଡବିଧି ସଂହିତା ଅନୁଯାୟୀ ଶୁକ୍ରବାର ଅଦାଲତ ଚାଲାଣ କରାଯାଇଛି। ୩ ଜଣ ଅଭିଯୁକ୍ତ ବିଭିନ୍ନ ଜିଲ୍ଲାରୁ ଆସି ଜଗତପୁର ଥାନା ନିମପୁର



ଅଞ୍ଚଳର ଆଦିବାସୀ ବସ୍ତିରେ ବାସ କରୁଥିଲେ। କାଳୀଚରଣ ଘର ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଶିରିସବୁଣି ଅଞ୍ଚଳରେ ହୋଇଥିଲାବେଳେ ଅନ୍ୟ ଦୁଇଜଣ ବିଭିନ୍ନ ସ୍ଥାନରୁ ଆସି ଜଗତପୁରରେ ବସବାସ ସହ ବିଭିନ୍ନ ଅପରାଧିକ କାର୍ଯ୍ୟ ଘଟାଇଥାଆନ୍ତି। ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟ ୭ ଜଣଙ୍କୁ ଯାଜପୁର ଜିଲ୍ଲା ପୁଲିସ୍ ଗିରଫ କରିଥିବାବେଳେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।


ମିଳିଥିବା ତଥ୍ୟ ଅନୁଯାୟୀ, ବିଶ୍ୱନାହାକାଣୀଠାରେ ୩୩/୧୧ କେ.ଭି ବିଦ୍ୟୁତ ଗ୍ରିଡ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ମାତ୍ର ସେଠାରୁ ୭ଟି ଲୁହା ବିଦ୍ୟୁତ ଖୁଣ୍ଟ ଚୋରି ସଂକ୍ରାନ୍ତରେ ଠିକା ସଂସ୍ଥା ପକ୍ଷରୁ ପ୍ରଶାନ୍ତ ପ୍ରଧାନ ଗତ ଅପ୍ରେଲ ୨୩ ତାରିଖରେ ଅଭିଯୋଗ କରିଥିଲେ। ଆଇଆଇସି ଶିବପ୍ରସାଦ ଭଦ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଘଟଣାର ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ତେବେ ଅଭିଯୁକ୍ତ ୩ ଜଣଙ୍କ ନାମରେ କଟକ ଜିଲ୍ଲାର ବେଣ୍ଟକାର, ଚୌଦ୍ୱାର ଓ ଟାଙ୍ଗୀ ଥାନାରେ ଏକାଧିକ ମାମଲା ରହିଥିବା ଜାଣିବାକୁ ମିଳିଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଉତ୍ସବ



**ସାଲେପୁର, ୪।୭(ସମିସ):** ସାଲେପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠାନର ସଭାପତି ହରିହର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଏହି ଅନୁଷ୍ଠାନର ଉନ୍ନତି ଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥି ରୂପେ ବିଶିଷ୍ଟ ଆଇନଜୀବୀ ବିଜୟକେତନ ନାୟକ, ସାଲେପୁର ଅଞ୍ଚଳର ସମାଜସେବୀ ହରିବନ୍ଧୁ ଶତପଥି ଯୋଗ ଦେଇଥିଲେ। ପୁରୁଷୋତ୍ତମପୁରସ୍ଥିତ ଲକ୍ଷ୍ମୀନୃସିଂହ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତି ଦାଶ ନିଜ ପକ୍ଷରୁ ମାଟ୍ରିକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧକ୍ଷ ବଳରାମ ସାହୁ ନିଜର ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ଚିତ୍ତରଞ୍ଜନ ଶତପଥୀ, କୋଷାଧକ୍ଷ ଅଶ୍ୱିନୀ କୁମାର ଦାସ ଉପସ୍ଥିତ ଥିଲେ। ଗତ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୨୧ଜଣ ଛାତ୍ରଛାତ୍ରୀଙ୍କୁ ହରିବନ୍ଧୁ ଶତପଥୀଙ୍କ ପ୍ରଦତ୍ତ ଟ୍ରଫି ପ୍ରଦାନ କରାଯାଇଥିଲା।

## ଗାଁ ମୁରବୀ ଜଗଦୀଶ ପରିଜାଙ୍କ ପରଲୋକ



ସାଲେପୁର, ୪।୭(ସମିସ): ଓଡ଼ାସିଂହ ପଞ୍ଚାୟତର ମୁରବୀ ଜଗଦୀଶ ପରିଜାଙ୍କର ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳନ୍ଦୀ ବେହେରାଙ୍କ ଏକାନ୍ତ ଅନୁଗତ ଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ସଞ୍ଜୀବ ପରିଜା ତାଙ୍କୁ ମୁଖାଗ୍ନି ଦେଇଥିଲେ। ମର ଶରୀର ନିକଟରେ ସାନ ପୁଅ ନିହାର ପରିଜା, ମିଳନ ପରିଜା, ପୁତୁରା ରଶ୍ମିରଞ୍ଜନ ପରିଜା, ଝିଅ-ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ସାଲେପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ପ୍ରମିଳା ବେହେରା, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ସରପଞ୍ଚ ଜ୍ୟୋତିରେଖା ନାୟକ, ନାଏବ ସରପଞ୍ଚ ନିରଞ୍ଜନ ସିଂହ, ଆମ୍ବାର ସଭାପତି ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ବିଜେଡି ସଭାପତି ନାରାୟଣ ପତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ଫୁଲନଖରା, ୪।୭(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଓଭରବ୍ରିଜ୍ ଉପରେ ଏକ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ୍ କଟକ ଆଡ଼େ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଟ୍ରକ୍ ପଛ ଚକା ପାଖରେ ପଡ଼ି ଯାଇଥିଲେ। ବାଇକ୍ ଆରୋହୀଙ୍କ ଡାହାଣ ଗୋଡ଼ଟି ଟ୍ରକ୍ ଚକାତଳେ ଚାପି ହୋଇ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ତୁରନ୍ତ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ପଠାଇ ଦେଇଥିଲେ। ଆହତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଡ୍ରାଇଭର





ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଘଟଣାସ୍ଥଳରେ ସଦର ପୁଲିସ୍ ପହଞ୍ଚି ଟ୍ରକ୍‌ଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ଦିବସ

**ଟାଙ୍ଗୀ, ୪।୭(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ମହାବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ



ମହାପ୍ରୟାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅଧକ୍ଷ ଡ. ଇକବାଲ ହୁସେନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ସୁଦର୍ଶନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ ସୁନାମଣି ରାଉତ, ସମ୍ମାନିତ ଅତିଥିଭାବେ କବୟିତ୍ରୀ ତଥା ପୂର୍ବତନ ଶିକ୍ଷାଧିକାରୀ ଡ. ବସନ୍ତ କୁମାରୀ ନନ୍ଦ, ଶିକ୍ଷାବିତ ଡ଼ କଲିମଉଲ୍ଲା, ନିର୍ଝର ସମ୍ପାଦିକା ସରୋଜିନୀ ମିଶ୍ର, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ସାମ୍ବାଦିକ ନିରାକାର ସାହୁ ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀ ଏବଂ ବର୍ତ୍ତମାନ ପରିସ୍ଥିତିରେ ଯୁବଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ କରି ପ୍ରତିଷ୍ଠା କରାଯାଇଥିବା ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହ ଅର୍ଘ୍ୟ ଅର୍ପଣ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ପଣ୍ଡା ସଭା ପରିଚାଳନା କରିଥିବାବେଳେ ପ୍ରଧାପିକା ଡ. ବିଷ୍ଣୁପ୍ରିୟା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାପିକା ଡ. ବିଲକେଶ ପରବିନ୍ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସେଣ୍ଟ ଜାଭିୟର୍ସ ପାଣ୍ଡା କବ୍‌ସ ପ୍ଲେ ସ୍କୁଲରେ ସ୍ୱାସ୍ଥ୍ୟଶିବିର

**କଟକ, ୪।୭(ସମିସ):** ସେଣ୍ଟ ଜାଭିୟର୍ସ ପାଣ୍ଡା କବସ ପ୍ଲେ ସ୍କୁଲର ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଶିବିରରେ କୁନି କୁନି ପିଲାମାନେ କିପରି ନିଜ ଦାନ୍ତର ଯତ୍ନ ନେବେ ସେ ସଂକ୍ରାନ୍ତରେ ଡେଣ୍ଟାଲ ସର୍ଜନ ଡାକ୍ତର ଅନୁସୟା ପତି ଅତି ଅଭିଭାବକଙ୍କୁ ବୁଝାଇଥିଲେ। ଦନ୍ତ ପରୀକ୍ଷା ପରେ ଚିକିତ୍ସା କାର୍ଡ ପିଲାମାନଙ୍କୁ ପ୍ରଦାନ କରାଯାଇଥିଲା। ଏହିଚିକିତ୍ସାଶିବିରକୁ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ



ସହଯୋଗ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରବନ୍ଧକ ଧନ୍ୟବାଦ ଦେଇଥିଲେ।

## ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବଡମ୍ବା, ୪।୭(ସମିସ):** ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବଡମ୍ବା ସେକ୍ଟରର ସୁଲୋଚନା ରାଉତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ଭଟ୍ଟାରିକା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି।

ମେଡିକାଲ ଅଧୀକ୍ଷକ ଡ. ଉଦୟଯୋତି ମଲ୍ଲିକ, ସେକ୍ଟର ଏମଓ ଡ.ଦୋଲଗୋବିନ୍ଦ ଜେନା, ସିପି ନୋଡାଲ ଅଫିସର ଡ.ଉଦୟ ରଞ୍ଜନ ଦାଶ, ପିଏଚଇଓ ଶରତଚନ୍ଦ୍ର ଖୁଣ୍ଟିଆ, ନିରଞ୍ଜନ ନାୟକଙ୍କ ସମେତ ବଡମ୍ବା ସେକ୍ଟରର ସମସ୍ତ ସିଏଚଓ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

**ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ ପାଳନ**

# ସୁସ୍ଥ ସମାଜ ଓ ସନ୍ତୁଳିତ ପରିବେଶରେ ବୃକ୍ଷରେ ଅବଦାନ ମହତ୍ତ୍ୱପୂର୍ଣ୍ଣ









ତିଗିରିଆ, ୪।୭(ସମିସ)

ତିଗିରିଆ ତାଲୁକ ଆଇନସେବା କମିଟି-ତାଲୁକ ଆଇନସେବା କମିଟି, ତିଗିରିଆ ତରଫରୁ ପୁରୁଣା ତିଗିରିଆ ପଞ୍ଚାୟତସ୍ଥିତ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ୭୬ତମ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ତାଲୁକ ଆଇନସେବା କମିଟିର ଅଧକ୍ଷ ତଥା ତିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଅଧ୍ୟକ୍ଷତା କରି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରଞ୍ଜନ ନାୟକ, ଆଇନଜୀବୀ ବିକ୍ରମ କେଶରୀ ଦାଶ, ସରୋଜ ସାହୁ, ଲିଗାଲ ରିଟେନର ଚନ୍ଦ୍ରମଣି ପଣ୍ଡା, ଫରେଷ୍ଟ ଗାର୍ଡ ତନ୍ମୟ ବେହେରା ସହଯୋଗ କରିଥିଲେ।

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନଏସଏସ ଯୋଜନା ଅଧିକାରୀ ଡ. ପତିତପାବନ ପଣ୍ଡା, ଏନସିସି ଅଫିସର କ୍ୟାପଟେନ ଲକ୍ଷ୍ମୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ବିଜୟ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସୁଧୀରଚନ୍ଦ୍ର ନାଥ, ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ, ଅଧ୍ୟାପକ ମୁକେଶ ପଞ୍ଚବିହାର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଶୁଭ୍ରାଂଶୁ, ବର୍ଷା, ଭାର୍ଗବୀ, ରାଜୀବ, ସୁନୀଲ, ଶ୍ରୁତିମୟୀ, ସୋନାଲି ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଗ୍ରନ୍ଥାଗାର ଅଧିକାରୀ ସସ୍ମିତା ରାଉତ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ।

**ବଡମ୍ବା:** ଏକ ସୁସ୍ଥ, ସବୁଜ ଓ ସନ୍ତୁଳିତ ପରିବେଶ ସୃଷ୍ଟିରେ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବଡମ୍ବା ବ୍ଲକ ଇଚ୍ଛାପୁର ଗ୍ରାମରେ ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରାଣଯୋଗ ପ୍ରତିଷ୍ଠାନର ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବର୍ଷିଆନ ମହିଳା ସାମାଜିକ କର୍ମୀ ଶଶିକଳା ମହାନ୍ତି ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧକ୍ଷା ବେଦ ଆଚାର୍ଯ୍ୟ, ପ୍ରବୀଣା ମହାନ୍ତି କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ ସହ ଭୂମି ଶୋଧନ ମନ୍ତ୍ର ପାଠ କରିଥିଲେ। ପ୍ରାକ୍ତନ ସଂସ୍କୃତ ଶିକ୍ଷକ ଶରତଚନ୍ଦ୍ର ମହାନ୍ତି, ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣଯୋଗ ପ୍ରତିଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

**ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେସିଡବ୍ଲୁ ଅଧୀନସ୍ଥ ଡାଲମିଆ ଭାରତ ଫାଉଣ୍ଡେସନ ଆନୁକୂଲ୍ୟରେ ମା’ ପାଇଁ ଗଛଟିଏ ବନମହୋତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଏସଆର ମୁଖ୍ୟ କବିତା ସାହୁଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେସିଡବ୍ଲୁ ଅର୍ଥ ବିଭାଗର ମୁଖ୍ୟ ଅଭିଜିତ ରାଣା, ସମ୍ମାନିତ ଅତିଥି ଭାବେ କର୍ପୋରେଟ୍ ବ୍ୟାପାର ମୁଖ୍ୟ କୃଷ୍ଣଚନ୍ଦ୍ର ସେଠୀ, ସ୍ଥାନୀୟ ସରପଞ୍ଚ ଭରତଚନ୍ଦ୍ର ବେହେରା, ନାଏବ ସରପଞ୍ଚ ଜେମା ଦେଇ, ଆମ୍ବା ଅଧକ୍ଷ ରାଜେଶରଞ୍ଜନ ଷଡଙ୍ଗୀ, ସମାଜସେବୀ ପରମାନନ୍ଦ ନାୟକ, ଶିକ୍ଷାବିତ ଧିରେନ୍ଦ୍ର କୁମାର ଯେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ସମସ୍ତ ଅତିଥିଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ସିଏସଆର ଟିମର ସମସ୍ତ ସଦସ୍ୟ ଓ ବିଭିନ୍ନ ଗ୍ରାମର ୭୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ଟିମର ମମତା ଭୂୟାଁ, ସନ୍ତୋଷ ନାୟକ ଓ ଦିବ୍ୟଜ୍ୟୋତି ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

**ସାଲେପୁର:** ବନ ମହୋତ୍ସବ ଅବସରରେ ଛାତ୍ରଛାତ୍ରୀମାନଙ୍କ ଗହଣରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ଛୋଟିପଡ଼ା ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରିଛନ୍ତି। ସାଲେପୁର ଡିଏସ୍‌ପି ବିରଞ୍ଚିନାରାୟଣ ପତି, ଆଇଆଇସି ଅନିତା ସାହୁ, ମିର୍ଜାପୁର ଅଞ୍ଚଳର ଯୁବ ସମାଜସେବୀ ପ୍ରୀତିରଞ୍ଜନ




ମହାନ୍ତି ଏବଂ ବହୁ ପୁଲିସ ଅଧିକାରୀ ବୃକ୍ଷରୋପଣ କରିଥିଲେ। ଏହାପରେ ସାଲେପୁର ଥାନା ପରିସରରେ ନଡ଼ିଆ, ଗୁଆ ସହ ବିଭିନ୍ନ ଉପକାରୀ ଗଛଗୁଡିକ ମଧ ରୋପଣ କରାଯାଇଥିଲା। ସାଲେପୁର ଡିଏସ୍‌ପି ବିରଞ୍ଚିନାରାୟଣ ପତି, ସାଲେପୁର ଆଇଆଇସି ଅନିତା ସାହୁ, ପୁଲିସ ଏସ୍‌ଆଇ ଶ୍ରଦ୍ଧାଞ୍ଜଳି ସେନାପତି, ଏଏସ୍‌ଆଇ ନୀଳମାଧବ ପଣ୍ଡା, ରାଧାକାନ୍ତ ସାହୁଙ୍କ ସମେତ ସମସ୍ତ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାୟ ୫ଶହରୁ ଅଧିକ ବୃକ୍ଷ ସାଲେପୁର ଥାନା ଓ ଛୋଟିପଡ଼ା ହାଇସ୍କୁଲ ପରିସରରେ ରୋପଣ କରାଯାଇଥିଲା। ଲଗାଯାଇଥିବା ଗଛଗୁଡିକର କିପରିରକ୍ଷଣା ବେକ୍ଷଣ କରାଯାଇପାରିବ ସେନେଇ ମଧ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେହିପରି କଟକ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳ ଥାନା, ଫାଣ୍ଡି ତଥା ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସ୍ଥାନରେ ଗ୍ରାମାଞ୍ଚଳ ପୁଲିସ ପକ୍ଷରୁ ହଜାର ହଜାର ଗଛ ରୋପଣ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୧ ● ପାଉଣ୍ଡ ୧୧୬.୩୭
- ୟୁରୋ ୧୦୧.୮୧ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୯,୦୫୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୭୪୮ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୨୩୯.୦୦
- ନିଫ୍ଟି ୨୫,୪୦୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ପୁଣି ଫୁଟିବ ଟ୍ରମ୍ପଙ୍କ ଟାରିଫ୍ ବୋମା

# ଅଗଷ୍ଟ ପହିଲାରୁ ଆମେରିକା ଲଗାଇବ ବୈଶ୍ୱିକ ଶୁଳ୍କ

ୱାଶିଂଟନ୍,୪।୭(ଏଜେନ୍ସି)




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଟାରିଫ୍‌କୁ ନେଇ ବଡ଼ ଘୋଷଣା କରିଛନ୍ତି। ବାଣିଜ୍ୟିକ ଅଂଶୀଦାରମାନଙ୍କୁ ସେମାନଙ୍କର ଶୁଳ୍କ ହାର ବିଷୟରେ ଜଣାଇବା ପାଇଁ ଟ୍ରମ୍ପ୍ ପ୍ରଶାସନ ଚିଠି ପଠାଇବା ଆରମ୍ଭ କରିବ। ତେବେ ଉଚ୍ଚ ଆମେରିକା ଶୁଳ୍କକୁ ଏଡାଇବା ପାଇଁ ଭାରତ ସମେତ ବିଭିନ୍ନ ଦେଶ ସହିତ ଆମେରିକାର ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏଥର ଟ୍ରମ୍ପ୍ ନୂଆ ଟାରିଫ୍ ୧୦-୨୦%ରୁ ଆରମ୍ଭ ହୋଇ ୬୦- ୭୦% ପର୍ଯ୍ୟନ୍ତ ହେବ ବୋଲି ସୂଚନା ଦେଇଛନ୍ତି। ଅଗଷ୍ଟ ପହିଲାରୁ ଆମେରିକା ଏହି ବୈଶ୍ୱିକ ଶୁଳ୍କ ଲାଗୁ କରିବାକୁ ଯାଉଛି। ଟ୍ରମ୍ପ୍ ଗୁରୁବାର କହିଛନ୍ତି ଯେ ୧୨ ରୁ ୧୨ଦେଶକୁ ଶୁଳ୍କ ସମ୍ପର୍କରେ ଚିଠି ପଠାଯିବ ଏବଂ ଆଗାମୀ କିଛି ଦିନ ମଧ୍ୟରେ ଅତିରିକ୍ତ ଚିଠି ପଠାଯିବ।

ସୂଚନାଥାଉକି, ଡୋନାଲ୍ଡ ଟ୍ରମ୍ପ ଏପ୍ରିଲ ୨ରେ 'ଲିବରେସନ ଡେ ଟାରିଫ୍'ର ଘୋଷଣା କରିଥିଲେ। ଯେଉଁଥିରେ ଆମେରିକାକୁ ୧୦୦ରୁ ଅଧିକ ଦେଶରୁ ଆସୁଥିବା ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲଗାଇବା କଥା କହିଥିଲେ। ଏହାର ଉଦ୍ଦେଶ୍ୟ ଘରୋଇ କ୍ଷେତ୍ରରେ ଉତ୍ପାଦନକୁ ବଢ଼ାଇବା। ଅବଶ୍ୟ, ଏହା ପୂର୍ବରୁ ଟ୍ରମ୍ପ ଏପ୍ରିଲ ୯ ରେ ଲାଗୁ ହେବାକୁ ଥିବା ଏହି ଟାରିଫ୍ ଉପରେ ୯୦ ଦିନର ରୋକ୍ ଲଗାଇଥିଲେ। ଏହି ରୋକ୍ ଜୁଲାଇ ୯ରେ ଶେଷ ହେଉଛି। ତେବେ ଏହି ନିଷ୍ପତ୍ତିର ପ୍ରଭାବ ସେହି ଦେଶଙ୍କ ଉପରେ ପଡ଼ିବ ଯେଉଁମାନେ ଆମେରିକାକୁ ବହୁଳ ମାତ୍ରାରେ ସାମଗ୍ରୀ ରପ୍ତାନୀ କରୁଛନ୍ତି। ଭାରତ, ଚୀନ, ଭିଏତନାମ, କାମ୍ବୋଡିଆ ଭଳି ଦେଶ ଏହାଦ୍ୱାରା ସିଧା ସଳଖ ପ୍ରଭାବିତ ହେବେ। ଏହାର ପ୍ରଭାବ ଉଭୟ ପକ୍ଷର ବାଣିଜ୍ୟ ଉପରେ ମଧ୍ୟ ଦେଖିବାକୁ ମିଳିପାରେ। ଏ ପର୍ଯ୍ୟନ୍ତ କେବଳ ବ୍ରିଟେନ, ଭିଏତନାମ ଏବଂ ଚୀନ ଆମେରିକା ସହ ବାଣିଜ୍ୟ ବୁଝାମଣା ଶେଷ କରିଛନ୍ତି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯେଉଁ ଦେଶର ଚୁକ୍ତି ହୋଇନାହିଁ ସେମାନଙ୍କୁ ଅଧିକ ଟାରିଫ୍ ଦେବାକୁ ପଡ଼ିପାରେ। ଟ୍ରମ୍ପ୍ ଭିଏତନାମ ଏବଂ ଚୀନ୍ ସହିତ ଅନେକ ବାଣିଜ୍ୟ ଚୁକ୍ତି ଘୋଷଣା କରିଛନ୍ତି।

**୧୦ %ରୁ ୭୦% ପର୍ଯ୍ୟନ୍ତ ହେବ ଟାରିଫ୍**

**ଶୁକ୍ରବାର ୧୨ ଦେଶକୁ ପଠାଇବ ନୋଟିସ୍**

ସେ ଗତ ମାସରେ କହିଥିଲେ ଯେ ଆମେରିକା ଏବଂ ଭାରତ ଏକ ଚୁକ୍ତି ସ୍ୱାକ୍ଷର କରିପାରିବେ। ପାରସ୍ପରିକ ଶୁଳ୍କ ଘୋଷଣା ପରେ ଟ୍ରମ୍ପ ପ୍ରଶାସନ ଦ୍ୱାରା କିଛି ଦେଶ ସହିତ ଏକ ଚୁକ୍ତି କରିବା ପାଇଁ ଜୁଲାଇ ୯ ସମୟସୀମା ପୂର୍ବରୁ ଏହି ଘୋଷଣା କରାଯାଇଛି।

ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଭାରତର ଆଲୋଚନାକାରୀ ଦଳ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମାପ୍ତ କରିବା ପାଇଁ ଉଚ୍ଚସ୍ତରୀୟ ଆଲୋଚନାରେ ଯୋଗଦେବା ପାଇଁ ୱାଶିଂଟନରେ ଅଛନ୍ତି। ଭାରତ ଏବଂ ଆମେରିକୀୟ ଆଲୋଚନାକାରୀମାନେ ଜୁଲାଇ ୯ତାରିଖ ପୂର୍ବରୁ ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖିଥିଲେ। ଏହାପରେ ସେପ୍ଟେମ୍ବର-ଅକ୍ଟୋବରରେ ଏକ ବୃହତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ପାଇଁ ଆଲୋଚନା ଜାରି ରହିବ ବୋଲି ଆଶା କରାଯାଉଛି। ଆମେରିକା ଏହାର କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟ ପାଇଁ ବ୍ୟାପକ ବଜାର ପ୍ରବେଶ ଦାବି କରୁଛି, ଯାହା ଭାରତ ପାଇଁ ଏକ ପ୍ରମୁଖ ବାଧା କାରଣ ଏହା ଦେଶର କ୍ଷୁଦ୍ର ଚାଷୀଙ୍କ ପାଇଁ ଜୀବିକା ସମସ୍ୟା ଏବଂ ତେଣୁ ଏହାକୁ ଏକ ସମ୍ବେଦନଶୀଳ କ୍ଷେତ୍ର ଭାବରେ ବିବେଚନା କରାଯାଏ।

## ୟୁଟ୍ୟୁବ୍-ଇନଷ୍ଟାଗ୍ରାମ ଭଳି ଟେଲିଗ୍ରାମ୍‌ରୁ ରୋଜଗାର କରିବେ ୟୁଜର

ନୂଆଦିଲ୍ଲୀ,୪।୭(ଏଜେନ୍ସି)

ଏବେ ଟେଲିଗ୍ରାମ୍ କେବଳ ଏକ ମେସେଜିଂ ଆପ୍ ନୁହେଁ, ବରଂ ଏହା ରୋଜଗାର ପାଇଁ ଏକ ବଡ଼ ପ୍ଲାଟଫର୍ମ ପାଲଟିଛି। ସାରା ବିଶ୍ୱରେ କୋଟି କୋଟି ବ୍ୟବହାରକାରୀ ଏହାକୁ ବ୍ୟବହାର କରନ୍ତି। କିନ୍ତୁ ଏହି ଟ୍ରେଣ୍ଡ ୨୦୨୫ରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଯଦି ଜଣେ ଟେଲିଗ୍ରାମକୁ ସଠିକ ଭାବରେ ବ୍ୟବହାର କରନ୍ତି, ତେବେ ପ୍ରତ୍ୟେକ ମାସରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ। ତାହା ପୁଣି ମୋବାଇଲରେ ଘରେ ବସି।



ଟେଲିଗ୍ରାମରେ ଏକ ଦେୟଯୁକ୍ତ ବା ପେଡ୍ ଚ୍ୟାନେଲ କିମ୍ବା ଗ୍ରୁପ୍ ତିଆରି କରି ଆପଣ ଭଲ ଟଙ୍କା ରୋଜଗାର କରିପାରିବେ। ଯଦି ୟୁଜର ସେୟାର ମାର୍କେଟ୍, କରେଣ୍ଟ ଆଫାୟର୍ସ, କ୍ୟାରିଅର୍ ଗାଇଡେନ୍ସ, ମୋଟିଭେସନ କିମ୍ବା ଫିଟନେସ୍ ଭଳି କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ ଅଛି, ତେବେ ଆପଣ ଦେୟଯୁକ୍ତ ସଦସ୍ୟତା ବା ପେଡ ମେମ୍ବରସିପ୍ ସହିତ ଏକ ଚ୍ୟାନେଲ ଆରମ୍ଭ କରିପାରିବେ। ଟେଲିଗ୍ରାମରେ, ଆପଣ ନିଜେ ତିଆରି କରିଥିବା ଡିଜିଟାଲ ଜିନିଷ ଯେପରିକି, ଇ-ବୁକ୍ସ, କୋର୍ସ, ଡିଜାଇନ୍ ଟେମ୍ପଲେଟ୍, ୱାଲପେପର୍ ପ୍ୟାକ୍ କିମ୍ବା ନୋଟ୍ସ ବିକ୍ରି କରିପାରିବେ। ଆପଣ କୌଣସି ୱେବସାଇଟ୍ ବିନା ଏହି ବ୍ୟବସାୟ ଆରମ୍ଭ କରିପାରିବେ। ଟେଲିଗ୍ରାମରେ ଯଦି ଆପଣଙ୍କର ବହୁତ ଫଲୋଅର୍ସ ଅଛନ୍ତି, ତେବେ ଆପଣ ଆମାଜନ୍, ଫ୍ଲିପ୍‌କାର୍ଟ, ମେସୋ କିମ୍ବା ଅନ୍ୟ କମ୍ପାନୀର ଆଫିଲିଏଟ୍ ଲିଙ୍କ୍ ସେୟାର କରିପାରିବେ। ଯଦି ଆପଣଙ୍କର ଟେଲିଗ୍ରାମ ଚ୍ୟାନେଲରେ ହଜାର ହଜାର ସବସ୍କ୍ରାଇବର୍ ଅଛନ୍ତି, ତେବେ ଅନ୍ୟ ବ୍ରାଣ୍ଡ କିମ୍ବା ଚ୍ୟାନେଲଗୁଡ଼ିକ ପ୍ରଚାର ପାଇଁ ଆପଣଙ୍କ ସହିତ ଯୋଗାଯୋଗ କରିବେ।

## ଭାରତ-ଆମେରିକା ମଧ୍ୟରେ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତିର ସମ୍ଭାବନା

ନୂଆଦିଲ୍ଲୀ,୪।୭(ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ସମସ୍ତ ଦେଶ ପାଇଁ ବାଣିଜ୍ୟ ଚୁକ୍ତିର ଶେଷ ତାରିଖ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ରିପୋର୍ଟ ଅନୁଯାୟୀ, ଜୁଲାଇ ୯ତାରିଖ ପୂର୍ବରୁ ଭାରତ ଏବଂ ଆମେରିକା ମଧ୍ୟରେ 'ମିନି ବାଣିଜ୍ୟ ଚୁକ୍ତି' ହେବାର ସମ୍ଭାବନା ରହିଛି। ଏହା ବିଶ୍ୱାସ କରାଯାଉଛି ଯେ ଦୁଇ ଦେଶ ମଧ୍ୟରେ ଅନେକ ପଏଣ୍ଟରେ ଏକ ଚୁକ୍ତି ହୋଇଛି। ଏହି ଚୁକ୍ତି ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ହୋଇପାରିବ। ଏହାକୁ ଏକ କ୍ଷୁଦ୍ର ବାଣିଜ୍ୟ ଚୁକ୍ତି ବୋଲି କୁହାଯାଉଛି। କାରଣ ଭାରତ ଏବଂ ଆମେରିକା ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁ ଥିବା ୪୩ ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଧ୍ୟାନ ଦେଉଛନ୍ତି।



ୱାଶିଂଟନରେ ବାଣିଜ୍ୟ ଆଲୋଚନାରେ, ଭାରତ କୃଷି କ୍ଷେତ୍ରରେ ଆମେରିକାକୁ ପ୍ରବେଶ ଦେବାକୁ ମନା କରିଦେଇଛି। ଯେତେବେଳେ ଆମେରିକା ଭାରତରେ ଜେନେଟିକାଲି ପରିବର୍ତ୍ତିତ ଫସଲ ଉତ୍ପାଦ ପାଇଁ ବଜାର ଯୋଗାଇବାକୁ ଦାବି କରିଆସୁଛି। ଭାରତର ମନୋଭାବକୁ ଦେଖି, ଆମେରିକା ବର୍ତ୍ତମାନ ପାଇଁ କୃଷି କ୍ଷେତ୍ରରେ ପ୍ରବେଶ ପାଇଁ ଚାପ ନ ପକାଇବାକୁ ନିଷ୍ପତ୍ତି ନେଇଛି। ଯେତେବେଳେ ଭାରତ ଶ୍ରମ ସଘନ କ୍ଷେତ୍ର ପୋଷାକ, ରତ୍ନ-ଅଳଙ୍କାର ଏବଂ ଚମଡା ଉତ୍ପାଦ ଉପରେ ଆମେରିକାର ଶୁଳ୍କ ହ୍ରାସ କରିବା ଉପରେ ଅଟଳ ରହିଛି। ଭାରତ କହିଛି ଯେ ବିଟିଏ ପରେ ତିନି ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟର ପ୍ରକୃତ ସଂଖ୍ୟା ବାହାରକୁ ଆସିବା ଆରମ୍ଭ ହେବ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ହେବ। କିନ୍ତୁ ୯ ଜୁଲାଇ ପୂର୍ବରୁ ଚୁକ୍ତିର ସମସ୍ତ ବ୍ୟବସ୍ଥା ପ୍ରକାଶ କରିବା କଷ୍ଟକର। କାରଣ ଚୁକ୍ତିର ଅନେକ ବ୍ୟବସ୍ଥା ଉପରେ ସହମତ ହେବା ଆବଶ୍ୟକ। ଟ୍ରମ୍ପ ମଧ୍ୟ ଚୀନ୍ ଏବଂ ବ୍ରିଟେନ ସହିତ ଏକ ଚୁକ୍ତି କରିଥିଲେ କିନ୍ତୁ ଏହାର ବ୍ୟବସ୍ଥା ବିଷୟରେ କହି ନଥିଲେ। ପ୍ରଥମ ପର୍ଯ୍ୟାୟରେ, ଭାରତରୁ କେବଳ ଚୁକ୍ତି ଘୋଷଣା କରାଯିବ। ଭାରତ କୃଷି କ୍ଷେତ୍ର ଖୋଲିବ ନାହିଁ କାରଣ ଆମର ୬୦% ଜନସଂଖ୍ୟା ଏହା ଉପରେ ନିର୍ଭରଶୀଳ। ଆମେରିକାର ୧% ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। ଭାରତ ଆମେରିକାରୁ ଶକ୍ତି ଏବଂ ପ୍ରତିରକ୍ଷାର ବଡ଼ କ୍ରୟ କରି ଏହାର କ୍ଷତିପୂରଣ ଦେବ। କ୍ରୟ ପୂର୍ବରୁ ଆରମ୍ଭ ହୋଇସାରିଛି। ଏହାସହିତ, ଭାରତ ବଜେଟରେ ଅନେକ ଆମେରିକୀୟ ଉତ୍ପାଦ ପାଇଁ ଶୁଳ୍କ ହ୍ରାସ ଘୋଷଣା କରିଛି। ଏଥିରେ ଆମେରିକୀୟ ମୋଟରସାଇକେଲ ଏବଂ ହ୍ୱିସ୍କି ଅନ୍ତର୍ଭୁକ୍ତ।

**ଭାରତ କୃଷି କ୍ଷେତ୍ରରେ ନୋ ଏଣ୍ଟ୍ରିକୁ ନେଇ ଦୃଢ଼ ରହିଛି**

### ରିଜର୍ଭ ବ୍ୟାଙ୍କର ନୂଆ ନିୟମ

# ଫ୍ଲୋଟିଂ ସୁଧ ହାର ଲାଗିଥିବା ଋଣରେ ପ୍ରି-ପେମେଣ୍ଟ ଚାର୍ଜ ଶେଷ

ନୂଆଦିଲ୍ଲୀ,୪।୭(ଏଜେନ୍ସି)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦେଶର ଋଣକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ଆରବିଆଇ ଫ୍ଲୋଟିଂ ସୁଧ ହାରରେ ଲଗାଯାଇଥିବା ଋଣ ଉପରେ ପ୍ରି-ପେମେଣ୍ଟ ଚାର୍ଜ ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛି। ରିଜର୍ଭ ବ୍ୟାଙ୍କର ଏହି ନିୟମ ୨୦୨୬ ଜାନୁଆରୀ ପହିଲାଠାରୁ ଲାଗୁ ହେବ। ଏହି ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସମୟ ପୂର୍ବରୁ ନିଜ ଋଣ ଅଧା କିମ୍ବା ସମ୍ପୂର୍ଣ୍ଣ ପରିଶୋଧ କରୁଥିଲେ, ସେତେବେଳେ ବ୍ୟାଙ୍କ ଏହି ଶୁଳ୍କ ନେଇଥାଏ। ନୂଆ ନିୟମ ସବୁ ବ୍ୟାଙ୍କ ଓ ନନ୍-ବ୍ୟାଙ୍କିଂ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫସି) ସମେତ ରେଗୁଲେଟେଡ୍ ଇନଷ୍ଟିଚ୍ୟୁସନ୍ ପାଇଁ ବାଧ୍ୟତାମୂଳକ ରହିବ। ଏହି ନିୟମ ଲାଗୁ ହେବା ପରେ କୋଟି କୋଟି ଋଣକାରୀ, ବିଶେଷ କରି ଗୃହ ଋଣ ଓ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଥିବା ଲୋକଙ୍କୁ ସିଧାସଳଖ ଲାଭ ମିଳିବ।

**୨୦୨୬ ଜାନୁଆରୀରୁ ହେବ ଲାଗୁ**


ଏହି ନିଷ୍ପତ୍ତି ସେହି ଲୋକମାନଙ୍କୁ ଲାଭ ଦେବ ଯେଉଁମାନେ ଅଣ-ବାଣିଜ୍ୟିକ କାର୍ଯ୍ୟ ପାଇଁ ଫ୍ଲୋଟିଂ ହାରରେ ଋଣ ନେଇଛନ୍ତି। କୌଣସି ବ୍ୟାଙ୍କ କିମ୍ବା ଏନ୍‌ବିଏଫ୍‌ସି ଏପରି ସମସ୍ତ ଋଣ ଉପରେ ପ୍ରି-ପେମେଣ୍ଟ ଶୁଳ୍କ ଆଦାୟ କରିପାରିବେ ନାହିଁ। ଏହା ବ୍ୟତୀତ, ଯଦି ଜଣେ ବ୍ୟକ୍ତି ବ୍ୟବସାୟ ପାଇଁ ଋଣ ନେଇଛନ୍ତି କିମ୍ବା ଏକ ଏମ୍‌ଏସ୍‌ଏମ୍‌ଇ ଋଣ ନେଇଛନ୍ତି, ତେବେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ୍ୟ ପ୍ରି-ପେମେଣ୍ଟ ଶୁଳ୍କ ଆଦାୟ କରିବେ ନାହିଁ। ଏହି ଛାଡ଼ ସୁବିଧା କିଛି ନିର୍ଦ୍ଦିଷ୍ଟ ବର୍ଗର ପ୍ରତିଷ୍ଠାନ ଯଥା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ,ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ସ୍ଥାନୀୟ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକ,ଟାୟାର-୪ ସହରାଞ୍ଚଳ ସମବାୟ ବ୍ୟାଙ୍କ,ଏନ୍‌ବିଏଫ୍‌ସି-ଉପର ସ୍ତର ଏବଂ ଅଲ୍ ଇଣ୍ଡିଆ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନ୍‌କୁ ମିଳିବ ନାହିଁ।

ଯଦି ଜଣେ ବ୍ୟକ୍ତି କିମ୍ବା ଏମ୍‌ଏସ୍‌ଏମ୍‌ଇ ଉପରୋକ୍ତ ସଂସ୍ଥାଗୁଡ଼ିକରୁ ୫୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଇଛନ୍ତି, ତେବେ ଏହା ଉପରେ ପ୍ରି-ପେମେଣ୍ଟ ଚାର୍ଜ ନିଆଯିବନାହିଁ। ଏଥିରେ ଟାୟାର-୩ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ, ରାଜ୍ୟ ଏବଂ କେନ୍ଦ୍ରୀୟ କୋ-ଅପରେଟିଭ୍ ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି–ଉଚ୍ଚ ସ୍ତର ଅନ୍ତର୍ଭୁକ୍ତ। ଆରବିଆଇ କହିଛି ଯେ ତଦନ୍ତରୁ ଜଣାପଡିଛି ଯେ ଅନେକ ନିୟାମକ ପ୍ରତିଷ୍ଠାନ ପ୍ରି-ପେମେଣ୍ଟ ଚାର୍ଜ ସମ୍ପର୍କରେ ଭିନ୍ନ ନୀତି ଗ୍ରହଣ କରୁଛନ୍ତି। ଏହା ଗ୍ରାହକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ବିବାଦ ସୃଷ୍ଟି କରୁଥିଲା। ଏହା ବ୍ୟତୀତ କିଛି ସଂସ୍ଥା ଋଣ ଚୁକ୍ତିରେ ଏପରି ରିଷ୍ଟ୍ରିକ୍ଟିଭ କ୍ଲଜ୍‌କୁ ସାମିଲ କରୁଛନ୍ତି, ଯାହାଦ୍ୱାରା ଗ୍ରାହକ କମ ସୁଧ ହାର ବିକଳ୍ପକୁ ବାଛିପାରୁ ନ ଥିଲେ। ଆରବିଆଇ କହିଛି ଯେ ଏହି ରିଆତି ଋଣ ପରିଶୋଧର ଉତ୍ସ ଉପରେ ନିର୍ଭର କରିବ ନାହିଁ। ଅର୍ଥାତ୍, ଋଣ ଆଂଶିକ ହେଉ କିମ୍ବା ସମ୍ପୂର୍ଣ୍ଣ ପରିଶୋଧ ହେଉ, କୌଣସି ଚାର୍ଜ ଦେବାକୁ ପଡ଼ିବନାହିଁ। ଏହାସହ କୌଣସି ପ୍ରକାର ଲକ୍-ଇନ୍ ପିରିୟଡ୍ ବାଧ୍ୟତାମୂଳକ ହେବନାହିଁ।

**ଚଳିତ ବର୍ଷର ଦ୍ୱିତୀୟ ବଡ଼ ଛଟେଇ**

## ୯ ହଜାର କର୍ମଚାରୀଙ୍କୁ ଚାକିରିରୁ ବିଦା କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଖର୍ଚ୍ଚ କାଟ୍ କରିବା ପାଇଁ ଏବେ ବହୁ ସଂଖ୍ୟାରେ କର୍ମଚାରୀ ଛଟେଇ କରିବ ମାଇକ୍ରୋସଫ୍ଟ। ଏଥର ୯ ହଜାର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଛି କମ୍ପାନୀ। ଚଳିତ ବର୍ଷର ଏହା ଦ୍ୱିତୀୟ ସର୍ବାଧିକ ଛଟେଇ। କମ୍ପାନୀର ବିଶ୍ୱସ୍ତରୀୟ କର୍ମଚାରୀଙ୍କର ଏହା ୪%। ଏ ନେଇ ମାଇକ୍ରୋସଫ୍ଟ ମୁଖପାତ୍ର କହିଛନ୍ତି ଯେ, ଆମେ ଏକ ଗତିଶୀଳ ବଜାରରେ ସଫଳତା ପାଇଁ କମ୍ପାନୀ ଏବଂ ଟିମ୍‌କୁ ସର୍ବୋତ୍ତମ ସ୍ଥିତିରେ ରଖିବା ପାଇଁ ଆବଶ୍ୟକୀୟ ସଂଗଠନାତ୍ମକ ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରିଚାଲିଛୁ। କମ୍ପାନୀର କାର୍ଯ୍ୟକୁ ସୁଗମ କରିବା, ପରିଚାଳନା ସ୍ତରକୁ ହ୍ରାସ କରିବା ଏବଂ ସାମଗ୍ରିକ ଦକ୍ଷତାକୁ ଉନ୍ନତ କରିବା ପାଇଁ ଏଭଳି ପ୍ରୟାସ କରାଯାଉଛି ବୋଲି ମାଇକ୍ରୋସଫ୍ଟ କହିଛି। ଏହା ପୂର୍ବରୁ ମାଇକ୍ରୋସଫ୍ଟ ମେ' ମାସରେ ୬ ହଜାର କର୍ମଚାରୀ ଛଟେଇ କରିଥିଲା। ଏଥିରେ ମୁଖ୍ୟତଃ ପ୍ରଡକ୍ଟ ଏବଂ ଇଞ୍ଜିନିୟରିଂ ପଦବୀରୁ ଛଟେଇ କରାଯାଇଥିଲା। ଏଥର ଛଟେଇରେ କମ୍ପାନୀର ସେଲ୍ସ ଟିମ୍ ବିଶେଷ ଭାବରେ ପ୍ରଭାବିତ ହେବ। ୨୦୨୪ ଜୁନ୍ ସୁଦ୍ଧା ମାଇକ୍ରୋସଫ୍ଟରେ ପ୍ରାୟ ୨୨୮,୦୦୦ କର୍ମଚାରୀ ରହିଛନ୍ତି। ଏଥିରେ ୪୫,୦୦୦ ସେଲ୍ସ ଏବଂ ମାର୍କେଟିଂ କର୍ମଚାରୀ ରହିଛନ୍ତି।




# ଭାରତୀୟ ବଜାରକୁ ଉଠାଉଥିଲା ପକାଉଥିଲା ଆମେରିକୀୟ କମ୍ପାନୀ

ନୂଆଦିଲ୍ଲୀ,୪।୭(ଏଜେନ୍ସି)




ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଆମେରିକୀୟ ବାଣିଜ୍ୟ ସଂସ୍ଥା ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏବଂ ଏହା ସହିତ ଜଡିତ ୩ଟି କମ୍ପାନୀକୁ ନିଷିଦ୍ଧ କରିଛି। ଆମେରିକୀୟ ବାଣିଜ୍ୟ ସଂସ୍ଥା ଉପରେ ଇଣ୍ଡେକ୍ସ ବା ସୂଚକାଙ୍କ ଶେଷ ହେବା ଦିନ ମୂଲ୍ୟରେ ହେରଫେର କରିଥିବା ଅଭିଯୋଗ ହୋଇଛି। ସେବି ୪୮୪୩.୫୭ କୋଟି ଟଙ୍କାର ବେଆଇନ ରୋଜଗାର ଜବତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି। ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ଏତାଦୃଶ କାର୍ଯ୍ୟ କରି ଭାରତୀୟ ବଜାରକୁ ଉଠାଉଥିଲା ପକାଉଥିଲା।

ଏଠାରେ ସୂଚନାଯୋଗ୍ୟ ଯେ, ଜେନ୍ ଷ୍ଟ୍ରିଟ୍ ଏକ ଆମେରିକୀୟ ବାଣିଜ୍ୟ କମ୍ପାନୀ ଯାହା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଏବଂ ଗାଣିତିକ ମଡେଲ୍ ବ୍ୟବହାର କରି ଷ୍ଟକ୍ ବଜାରରେ ବ୍ୟବସାୟ କରେ। ଏହି କମ୍ପାନୀ ଭାରତରେ ଡେରିଭେଟିଭ୍ସ ବଜାରରେ, ବିଶେଷକରି ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ଇଣ୍ଡେକ୍ସ ବିକଳ୍ପରେ ବ୍ୟାପକ ଭାବରେ ବାଣିଜ୍ୟ କରୁଥିଲା। ସେବି ଜେନ୍ ଷ୍ଟ୍ରିଟ୍ ସହିତ ଜେଏସ୍‌୧୨ ଇନଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ଜେନ୍ ଷ୍ଟ୍ରିଟ୍ ସିଙ୍ଗାପୁର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଜେନ୍ ଷ୍ଟ୍ରିଟ୍ ଏସିଆ ଟ୍ରେଡିଂ ଲିମିଟେଡ୍ କୁ ଷ୍ଟକ୍ ବଜାର କାରବାରରୁ ନିଷିଦ୍ଧ କରିଛି। ସେବି କହିଛି ଯେ ଜେନ୍ ଷ୍ଟ୍ରିଟ୍ ଜାଣିଶୁଣି ଶେଷ ହେବା ଦିନ ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ପରି ସୂଚକାଙ୍କର ମୂଲ୍ୟକୁ ପ୍ରଭାବିତ କରିଥିଲା।

କମ୍ପାନୀ ଇନଟ୍ରା-ଡେ ଇଣ୍ଡେକ୍ସରେ ହେରଫେର କରୁଥିଲା। ଏମିତିକି ସକାଳେ, ଜେନ୍ ଷ୍ଟ୍ରିଟ୍ ବ୍ୟାଙ୍କ ନିଫ୍ଟି ଫ୍ୟୁଚର୍ସ ଏବଂ କ୍ୟାସ୍ ବଜାରରେ ସେୟାରକୁ ବହୁ ପରିମାଣରେ କିଣୁଥିଲା। ସେହି ସମୟରେ, ଏହା ପୁଟ୍ ବିକଳ୍ପଗୁଡ଼ିକୁ ବିକ୍ରି କରୁଥିଲା। ସୂଚକାଙ୍କ ହ୍ରାସ ପାଇଲେ ପୁଟ୍ ବିକଳ୍ପଗୁଡ଼ିକ ଲାଭ ଦେଉଥିଲା। ଅପରାହ୍ନରେ, ଏହା ସମାନ ସୂଚକାଙ୍କ ଫ୍ୟୁଚର୍ସକୁ ବଡ଼ ପରିମାଣରେ ବିକ୍ରି କରୁଥିଲା, ଯାହା ସୂଚକାଙ୍କକୁ ତଳକୁ ଆଣିଥିଲା। ଏହା ବିକଳ୍ପଗୁଡ଼ିକରେ ଲାଭ ଦେଉଥିଲା। ସମାପ୍ତି ଦିନ ବାଣିଜ୍ୟର ଶେଷ ଘଣ୍ଟାରେ, ଜେନ୍ ଷ୍ଟ୍ରିଟ୍ ବହୁ ପରିମାଣରେ କିଣାବିକା କରି ନିଜ ଲାଭ ପାଇଁ ସୂଚକାଙ୍କ ବନ୍ଦକୁ ପ୍ରଭାବିତ କରୁଥିଲା। ଏହା ସବୁ ଏତେ ଶୀଘ୍ର ହେଉଥିଲା ଯେ ସାଧାରଣ ନିବେଶକମାନେ ଏକ ସୂଚନା ମଧ୍ୟ ପାଇ ନ ଥିଲେ। ସେବି କହିଛି ଯେ ଜାନୁଆରୀ ୧୭ ସକାଳେ ଜେନ୍ ଷ୍ଟ୍ରିଟ୍ ପ୍ୟାଟ୍ ବ୍ୟାଙ୍କ ନିଫ୍ଟି ଫ୍ୟୁଚର୍ସ ଏବଂ କ୍ୟାସ୍ ସେଗମେଣ୍ଟରେ ୪୩୭୦ କୋଟି ଟଙ୍କା କିଣିଥିଲା। ଏହା ଫଳରେ ବ୍ୟାଙ୍କ ନିଫ୍ଟି ସୂଚକାଙ୍କରେ ବୃଦ୍ଧି ଘଟିଲା ଏବଂ ପୁଟ୍ ଅପ୍‌ସନ୍‌ର ମୂଲ୍ୟ ହ୍ରାସ ପାଇଲା। ଏବେ ଜେନ୍ ଷ୍ଟ୍ରିଟ୍ ବ୍ୟାଙ୍କ ନିଫ୍ଟି ବିକଳ୍ପରେ ୩୨,୧୧୪.୯୬ କୋଟି ଟଙ୍କାର ଏକ ନିମ୍ନଗାମୀ ସ୍ଥିତି ସୃଷ୍ଟି କଲା। ସେମାନେ ଶସ୍ତା ପୁଟ୍ ବିକଳ୍ପ କିଣିଲେ ଏବଂ ମହଙ୍ଗା କଲ୍ ବିକଳ୍ପ ବିକ୍ରି କଲେ।

**ସେବି ଲଗାଇଲା ନିଷେଧାଦେଶ**

## ଟେଲିଭିଜନ୍ ରେଟିଂ ଲାଗି ଏକାଧିକ ସଂସ୍ଥାକୁ ଅନୁମତି ଦେବା ନେଇ ଥିବା ପ୍ରତିବନ୍ଧକ ହଟିଲା

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଭାରତରେ ଟିଭି ଦେଖିବା ଅଭ୍ୟାସ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବଦଳିଛି। ଦର୍ଶକମାନେ ଏବେ କେବଳ କେବୁଲ ଏବଂ ଡିଟିଏଚ୍ ପ୍ଲାଟଫର୍ମ ମାଧ୍ୟମରେ ନୁହେଁ ବରଂ ସ୍ମାର୍ଟ ଟିଭି, ମୋବାଇଲ୍ ଆପ୍ଲିକେସନ୍ ଏବଂ ଅନ୍ୟାନ୍ୟ ଅନଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ରମ ଦେଖୁଛନ୍ତି । ତଥାପି, ଦର୍ଶକଙ୍କ ସଂଖ୍ୟା ହିସାବ କରିବା ପାଇଁ ପ୍ରଚଳିତ ବ୍ୟବସ୍ଥା ବା ଟେଲିଭିଜନ ରେଟିଂ ପଏଣ୍ଟ (ଟିଆରପି) ଏହି ପରିବର୍ତ୍ତିତ ଢାଞ୍ଚାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସାମିଲ କରିପାରିନାହିଁ। ଏହାକୁ ଦୃଷ୍ଟିରେ ରଖି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ୨୦୧୪ ମସିହାରେ ଜାରି ହୋଇଥିବା ଟେଲିଭିଜନ ରେଟିଂ ଏଜେନ୍ସିଗୁଡ଼ିକ ପାଇଁ ନୀତିଗତ ମାର୍ଗଦର୍ଶିକାରେ ସଂଶୋଧନ ପ୍ରସ୍ତାବ ଦେଇଛି। ୨ ଜୁଲାଇ, ୨୦୨୫ରେ ପ୍ରକାଶିତ ପ୍ରସ୍ତାବିତ ଚିଠା ମାର୍ଗଦର୍ଶିକାରେ ଭାରତରେ ଟେଲିଭିଜନ ଦର୍ଶକଙ୍କ ସଂଖ୍ୟା ହିସାବ କରିବାର ବ୍ୟବସ୍ଥାକୁ ସାର୍ବଜନୀନ ଏବଂ ଆଧୁନିକୀକରଣ କରିବା ପାଇଁ ବର୍ତ୍ତମାନର ବିଏଆରସି ବ୍ୟତୀତ ଅଧିକ ସଂସ୍ଥାଙ୍କୁ ଅନୁମତି ଦେବା ଲାଗି ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ କେତେକ ପ୍ରତିବନ୍ଧକ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ମନ୍ତ୍ରଣାଳୟ ନୀତିଗତ ଚିଠା ଜାରି ହେବାର ୩୦ ଦିନ ମଧ୍ୟରେ ଅଂଶୀଦାର ଏବଂ ସାଧାରଣ ଜନତାଙ୍କଠାରୁ ମତାମତ ଆମନ୍ତ୍ରଣ କରିଛି। ପ୍ରସ୍ତାବିତ ସଂସ୍କାରଗୁଡ଼ିକର ଲକ୍ଷ୍ୟ ହେଉଛି ନିରପେକ୍ଷ ପ୍ରତିଯୋଗିତାକୁ ସକ୍ଷମ କରିବା, ଅଧିକ ସଠିକ୍ ଓ ପ୍ରତିନିଧିତ୍ୱପୂର୍ଣ୍ଣ ତଥ୍ୟ ସୃଷ୍ଟି କରିବା ଏବଂ ଟିଆରପି ବ୍ୟବସ୍ଥା ଯେପରି ସାରା ଦେଶରେ ଦର୍ଶକଙ୍କ ବିବିଧ ଓ ପରିବର୍ତ୍ତିତ ଗଣମାଧ୍ୟମ ଉପଭୋଗ ଅଭ୍ୟାସକୁ ପ୍ରତିଫଳିତ କରିବ ତାହା ସୁନିଶ୍ଚିତ କରିବା। ଭାରତରେ ବର୍ତ୍ତମାନ ପ୍ରାୟ ୨୩ କୋଟି ଟେଲିଭିଜନ ଦର୍ଶକ ପରିବାର ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ। ଆଇନଜୀବୀଙ୍କୁ ଶୁଭଫଳ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

**ବୃଷ:** ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ। ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ନିବେଶରୁ ଲାଭ ମିଳିବ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିପାରେ। ଘର ପାଇଁ ନୂଆ ଜିନିଷ କିଣିବେ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଉଧାର ଟଙ୍କା ଫେରିପାଇବେ।

**କର୍କଟ:** ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ।

**ତୁଳା:** ପାରିବାରିକ ସମସ୍ୟା ଦେଖା ଦେବ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ନୂତନ ଜମି କ୍ରୟ କରିପାରନ୍ତି।

**ବିଛା:** ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ନୂଆ କାମ ଶିଖିବାର ଅବସର ଜୁଟିବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ମାନ ସମ୍ମାନ ବଢ଼ିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ପରିବାର ସହ ସମୟ ବିତାଇବେ। ପିଲାମାନେ ଖେଳମନସ୍କ ହୋଇପାରନ୍ତି।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

## ଆଜିର ଇତିହାସ

- ୧୯୨୨-ନେଦରଲ୍ୟାଣ୍ଡରେ ପ୍ରଥମ ଥର ସାଧାରଣ ନିର୍ବାଚନ ହେଲା।
- ୧୯୫୪: ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୯୪- ଜେଫ୍ ବେଜୋସ୍ ଇକମର୍ସ ୱେବ୍‌ସାଇଟ୍ ଆମାଜନ୍‌ର ଆରମ୍ଭ କଲେ।
- ୨୦୧୬- ନାସାର ଯୁନୋ ମହାକାଶ ଯାନ ବୃହସ୍ପତି ଗ୍ରହର କକ୍ଷରେ ପ୍ରବେଶ କଲା।

# ଶ୍ରୀବିଗ୍ରହଙ୍କ ବାହୁଡ଼ା ଯାତ୍ରା



ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ସ୍କନ୍ଦ ପୁରାଣ ଅନୁସାରେ, ଶ୍ରୀବିଗ୍ରହଙ୍କ ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ଯାତ୍ରା ବୋଲି କୁହାଯାଏ । ଏହାକୁ ଦକ୍ଷିଣାଭିମୁଖୀ ଯାତ୍ରା ମଧ୍ୟ କୁହାଯାଏ। ଶାସ୍ତ୍ରାନୁସାରେ, ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖୀ ହୋଇ ଯାତ୍ରା କରୁଥିବା ବେଳେ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଶ୍ରୀଗୁଣ୍ଡିଚା ଯାତ୍ରାର ନବମ ଦିନରେ ଠାକୁରଙ୍କର ବାହୁଡ଼ା ଯାତ୍ରା ହୋଇଥାଏ। ନବମୀ ଦିନ ରାତିରେ ବଡ଼ସିଂହାର, ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢ଼ାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ଦ୍ୱାରା ହୋଇଥାଏ। ଏହାପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି କରିଥାନ୍ତି । ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ବିଜେ କାହାଳୀ ବାଜିବା ପରେ ଠାକୁରମାନଙ୍କ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଯାଏ। ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିଆ ଶ୍ରୀମସ୍ତକରେ ଲାଗି କରାଯିବା ସହିତ ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ, ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି ଆଦି ବିଧି ରହିଛି। ପରେ ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢ଼ିଥାଏ। ଠାକୁରମାନେ ରଥାରୂଢ଼ ହେବା ପୂର୍ବରୁ ବିଶ୍ୱକର୍ମା ମହାରଣା, ଦରଜୀ ସେବକ, କୋଠ ସୁଆଁସିଆ ପ୍ରଭୃତି ସେବକ ତିନି ରଥର ଆବଶ୍ୟକୀୟ ମରାମତି କାର୍ଯ୍ୟ ପୂର୍ବଦିନରୁ କରି ଦେଇଥାନ୍ତି। ବାହୁଡ଼ା ରଥ ଟଣା ଆରମ୍ଭ ହୋଇ ବଳଭଦ୍ରଙ୍କ ରଥ ବଡ଼ଶଙ୍ଖ ଯାଏ ଆସିବା ପରେ ସୁଭଦ୍ରାଙ୍କ ରଥ ଟଣା ଆରମ୍ଭ ହୁଏ। ଏହା ପରେ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ହୋଇଥାଏ। ବାଟରେ ଠାକୁରମାନଙ୍କ ପାଇଁ ପନ୍ତି ଭୋଗ ହୁଏ। ତିନି ଠାକୁର ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରୁଥିବା ସମୟରେ ରଥ ମାଉସୀମା ମନ୍ଦିର ପାଖରେ ପହଞ୍ଚିଲେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ମନ୍ଦିର ପକ୍ଷରୁ ପୋଡ଼ପିଠା ଭୋଗ କରାଯାଏ। ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଆସି ସିଂହଦ୍ୱାର ପାଖେ ପହଞ୍ଚେ। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇ ଶ୍ରୀନଅର ସାମ୍ନାରେ ରୁହେ। ଏହି ସମୟରେ ବଡ଼ ଦେଉଳରୁ ନିଜ ମନ୍ଦିରରୁ ଲକ୍ଷ୍ମୀ ସଜ୍ଜ ହୋଇ ପାଲିଙ୍କିରେ ବିଜେ ହୋଇ ବଡ଼ ଦେଉଳ ସ୍ନାନଦେବୀ ନିକଟସ୍ଥ ଚାହାଣୀ ମଣ୍ଡପରେ ପହଞ୍ଚି ସେଠାରେ ଠିଆ ହୋଇ ରୁହନ୍ତି। ସେଠାରୁ ଜଗନ୍ନାଥଙ୍କ ରଥକୁ ଚାହାନ୍ତି। ଏହାପରେ ଲକ୍ଷ୍ମୀଙ୍କ ପାଲିଙ୍କି ଜଗନ୍ନାଥଙ୍କ ରଥ ଚାରିପଟେ ବେଢ଼ାଏ ବୁଲିଥାଏ। ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଦଇତାମାନେ ଆଜ୍ଞାମାଳ ନେବା ପରେ ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରି ଯାଆନ୍ତି। ଏହାପରେ ଜଗନ୍ନାଥଙ୍କ ରଥ ସିଂହଦ୍ୱାର ନିକଟକୁ ଆସେ। ପରେ ରଥ ଉପରେ ମହାପ୍ରଭୁଙ୍କ ଖଇ କୋରା ଭୋଗ ସହ ମଧ୍ୟାହ୍ନ ଧୂପ, ସଂଧ୍ୟା ଧୂପ, ବଡ଼ ସିଂହାର ବେଶ, ରାତ୍ର ପହୁଡ଼ ନୀତି ହୋଇଥାଏ। ଏକାଦଶୀ ଦିନ ରଥ ଉପରେ ଏକାଦଶୀ ନୀତି ସହ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଦ୍ୱାଦଶୀ ଦିନ ରଥ ଉପରେ ଅନୁଷ୍ଠିତ ହୁଏ ଅଧରପଣା ନୀତି। ତ୍ରୟୋଦଶୀ ଦିନ ଠାକୁରମାନଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହୋଇଥାଏ। ଏହି ଦିନ ଠାକୁରମାନେ ପହଣ୍ଡି ହୋଇ ରତ୍ନ ସିଂହାସନକୁ ବିଜେ କରିଥାନ୍ତି। ଏଇଠି ଶେଷ ହୋଇଥାଏ ମହାପ୍ରଭୁଙ୍କ ଘୋଷ ଯାତ୍ରା।

# 'ହେରାଫେରି-୩' ସବୁଠୁ କମ୍ ପାରିଶ୍ରମିକ ନେଇଛନ୍ତି ସୁନୀଲ



'ହେରାଫେରି-୩'ରୁ ପରେଶ ରାୱଲ ବାଦ୍ ପଡ଼ିବା ଘଟଣାକୁ ନେଇ ଏହି ଫିଲ୍ମଟି ଅନେକ ଦିନରୁ ଚର୍ଚ୍ଚାରେ ରହିଛି। ଏହି ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିବାରୁ ଏହାର ନିର୍ମାତା ଫିଲ୍ମର ମୂଳ ତିନି କଳାକାରଙ୍କୁ ନେବାକୁ ଚାହୁଁଥିଲେ। କିନ୍ତୁ ପରେଶଙ୍କ ଦାବି ମୁତାବିକ ପାରିଶ୍ରମିକ ନ ମିଳିବାରୁ ସେ ଫିଲ୍ମରୁ ଓହରି ଯାଇଥିଲେ। କିନ୍ତୁ ଅକ୍ଷୟଙ୍କ ସହ ବୁଝାମଣା ପରେ ଏବେ ପରେଶ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ରାଜି ହୋଇ ଯାଇଛନ୍ତି। ତେବେ 'ହେରାଫେରି-୩' ପାଇଁ ପରେଶ ୧୫ କୋଟି ନେଇଥିବା ଜଣାପଡ଼ିଛି।

ସେହିପରି ସୁନୀଲ ଏଥିପାଇଁ ୨ରୁ ୫ କୋଟି ନେଇଥିବା କୁହାଯାଉଛି। ଅକ୍ଷୟ ପାରିଶ୍ରମିକ ବାବଦରେ ୨୦ କୋଟି ନେବା ସହ ଫିଲ୍ମର ଲାଭାଂଶରୁ ମଧ୍ୟ ସେୟାର୍ ନେବେ। ଅକ୍ଷୟ ଏହି ଫିଲ୍ମ ବାବଦକୁ ମୋଟାମୋଟି ଭାବେ ୬୦ରୁ ୧୪୫ କୋଟି ଟଙ୍କା ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। 'ହେରାଫେରି-୩'ର ତିନି କଳାକାରଙ୍କ ମଧ୍ୟରୁ ସୁନୀଲଙ୍କୁ ପାରିଶ୍ରମିକ ବାବଦରେ ସବୁଠୁ କମ୍ ଅର୍ଥ ମିଳିଛି।

# ଏଠାରେ ଲୋକେ ବ୍ୟବହାର କରନ୍ତି ୨ଜି



ଏବର ୫ଜି ଏବଂ ୬ଜି ଯୁଗରେ ଏମିତି ଏକ ଦେଶ ଅଛି, ଯେଉଁଠି ଲୋକେ ୨ଜି ଓ ୩ଜି ଇଣ୍ଟରନେଟ୍ ସେବାରେ ସୀମିତ ରହିଛନ୍ତି। ଉତ୍ତର କୋରିଆରେ ଇଣ୍ଟରନେଟ୍ ସେବା ଉପରେ ସରକାରଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ଏଠାରେ ସାଧାରଣ ଲୋକ ସବୁବେଳେ ସରକାରଙ୍କ ନଜରରେ ରହିଥାନ୍ତି। ଏଠାରେ ଗ୍ଲୋବାଲ ଇଣ୍ଟରନେଟ୍‌ର ବ୍ୟବହାର ସାଧାରଣ ଜନତା କରିପାରିବେ ନାହିଁ। ବଛା ବଛା କିଛି ସରକାରୀ ଅଧିକାରୀଙ୍କୁ ଏହି ଇଣ୍ଟରନେଟ୍ ବ୍ୟବହାର କରିବାର ସୁଯୋଗ ମିଳେ। ତେବେ ସାଧାରଣ ଲୋକଙ୍କ ପାଇଁ Kwangmyong ନାମକ ଅଲଗା ନେଟୱର୍କ ଅଛି। ଏହି ଇଣ୍ଟରନେଟ୍ ସେବା ସରକାରଙ୍କ ଦ୍ୱାରା ନିୟନ୍ତ୍ରଣାଧୀନ। ଏଥିରେ ସରକାରଙ୍କ ଦ୍ୱାରା ମଞ୍ଜୁରି ପ୍ରାପ୍ତ ୱେବସାଇଟ୍ ଏବଂ କଣ୍ଟେଣ୍ଟ ଦେଖିବାର ସୁବିଧା ଅଛି। ସେହିପରି ଯଦି କୌଣସି ବ୍ୟକ୍ତିଙ୍କୁ ଇଣ୍ଟରନେଟ୍ ସେବା ମିଳେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତି ଘଣ୍ଟାର ସ୍କ୍ରିନ୍ ସଟ୍ ସରକାରଙ୍କୁ ପଠାଇବାକୁ ପଡ଼ିଥାଏ। ଏଭଳି କରି ସେମାନେ ଏକଥା ସୁନିଶ୍ଚିତ କରନ୍ତି, ସରକାର ବିରୋଧୀ କୌଣସି ଜିନିଷ ଦେଖୁ ନାହାନ୍ତି। ତେବେ ସ୍ମାର୍ଟଫୋନ୍ ରଖିଥିବା କିଛି ବଛା ବଛା ଲୋକଙ୍କୁ ମଧ୍ୟ ସରକାରଙ୍କ କଡ଼ା ନଜରରେ ରହିବାକୁ ପଡ଼ିଥାଏ। ଏଠାକାର ଅଧିକାଂଶ ଲୋକ ଏବେ ବି ୨ଜି ଫିଚର୍ ଫୋନ୍ ବ୍ୟବହାର କରନ୍ତି। ଅନ୍ୟପକ୍ଷରେ ଏଠାରେ କେବଳ ସ୍ମାର୍ଟଫୋନ୍ ନୁହେଁ, ଲୋକଙ୍କର ପୋଷାକ ପିନ୍ଧିବା ତରିକା, ହେୟାର୍ ଷ୍ଟାଇଲ ଏବଂ ଜୀବନଶୈଳୀ ବି ସରକାର ସ୍ଥିର କରିଥାନ୍ତି। ଏପରିକି ଏଠାରେ ବିଦେଶୀ ଫେଶନକୁ ଆପଣାଇବାକୁ ଅପରାଧ ବୋଲି କୁହାଯାଏ।

# ସୁମନ


## ବଡ଼ ଦାଣ୍ଡ ଦୁଲୁକେଇ



ଜଗଦୀଶ ସାହୁ

ନନ୍ଦିଘୋଷ ଚଢ଼ି ଆସୁଛି କାଳିଆ
ବଡ଼ ଦାଣ୍ଡ ଦୁଲୁକେଇ
ଶୀରିମନ୍ଦିରକୁ ଫେରୁଛି ସାଥିରେ
ଭାଇ ଭଉଣୀକୁ ନେଇ ।
ପଡ଼େ ହରିବୋଲ ଶୁଭେ ହୁଳହୁଳି
କମ୍ପି ଉଠେ ତିନିପୁର
ବାମନ ବେଶକୁ ଦେଖିବାକୁ ନର
ବେଶ ଧରିଛନ୍ତି ସୁର ।
ମଣିମା ମଣିମା ହୁରି ପଡୁଅଛି
ଭକତି ହୁଅଇ ଜାତ
ଦରଶନ କରେ ଭକତ ଭକ୍ତିରେ
ଟେକି ଦେଇ ଦୁଇ ହାତ ।
ବରଷକେ ଥରେ ଜନମ ବେଦୀକୁ
ଯିବାକୁ କାଳିଆ ମନ
ମାଉସୀ ମାଆର ପୋଡ଼ ପିଠା ଖାଇ
ବାହୁଡ଼େ ଶ୍ରୀକ୍ଷେତ୍ର ଧନ ।■

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬



## ବାହୁଡ଼ି ଆସହେ ସାଇଁ



ପ୍ରଶାନ୍ତ କୁମାର ଦାଶ

ଶୁନ୍ ଶାନ୍ ଦିଶେ ତୁମରି ମନ୍ଦିର
ନାହିଁ ବୋଲି ତୁମେ ସାଇଁ
ତୁମେ ତ ଯାଇଛ ଗୁଣ୍ଡିଚା ମନ୍ଦିର
ନଅଦିନ ଯାତପାଇଁ ॥
ବାହୁଡ଼ି ଆସ ମୋ କାଳିଆ ବଳିଆ
ଭଉଣୀକୁ ସାଥେ ନେଇ
ପାଇବେ ଦର୍ଶନ ଭକ୍ତ ପ୍ରାଣଧନ
ଡାକୁଛନ୍ତି ବ୍ୟସ୍ତ ହେଇ ॥
କଳାମଣିମାଙ୍କ କଳା କଳା ମୁଖ
ଆଖିରେ ନାଚୁଛି ସଦା
ଦେଖିଦେଲେ ଥରେ ରତନ ବେଦୀରେ
ହଟିଯାଏ ଦୁଃଖ ବାଧା ॥
କାଳିଆ ଲାଗି ଏ ସଂସାର ସୁନ୍ଦର
ଯଶୋଦାଙ୍କ ଗଳାମାଳି
ଆକାଶର ଜହ୍ନ ଭକତର ଧନ
ଝୁରୁଛନ୍ତି ଗୋପବାଳୀ ॥
ଭକତ ଆଖିର ଲୁହ ପୋଛିପାରେ
ଦିଏ ପୁଣି ଓଠେ ହସ
କାଇଁଚମାଳିଆ ବେଶରେ ସଭିଙ୍କୁ
କରିଥାଏ କାହ୍ନା ବଶ ॥
ମାଉସୀ ହାତର ପୋଡ଼ପିଠା ଖାଇ
ଖୁସୀ ହେଇ ପ୍ରଭୁ ଆସ
ତୁମ କରୁଣାରେ ଭକତର ଦୁଃଖ
ଦାରୁରୁ ହୋଇବ ଘାସ ॥
ଦୀନଜନ ଦୁଃଖ ନାଶି ଦିଅ ସୁଖ
ହସାଅ ସଂସାର ଆମ
ଲୀଳାମୟ ତୁମ ଶ୍ରୀକ୍ଷେତ୍ର ବୈକୁଣ୍ଠ
ପ୍ରିୟ ପୁଣ୍ୟ ପୁରୀ ଧାମ ॥■

କୁଞ୍ଜର –ସଙ୍ଗଳାଇ, ପିପିଲି, ପୁରୀ
ମୋ - ୯୬୭୮୮୨୨୧୯୦

## ସକାଳ ଶିଶୁ କୁଇଜ୍-୧୭୧

(୧) ଶ୍ରୀମନ୍ଦିରକୁ ଚର୍ତୁପାର୍ଶ୍ୱରୁ ଘେରି ରହିଥିବା ପ୍ରାଚୀରର ନାମ କ'ଣ?
ଉତ୍ତର : ______
(୨) ବେଲୁର ମଠର ସ୍ଥାପନା କିଏ କରିଥିଲେ?
ଉତ୍ତର : ______
(୩) ବିଶ୍ୱ ସ୍ୱାସ୍ଥ୍ୟ ଦିବସ କେବେ ପାଳନ କରାଯାଏ?
ଉତ୍ତର : ______
(୪) ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ ଜାତୀୟ ଉଦ୍ୟାନ ଅଛି?
ଉତ୍ତର : ______
(୫) ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷର ସ୍ଥାପନା କେବେ ହୋଇଥିଲା?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସୌମ୍ୟଜିତ୍ ସିଂହ, ରାଉରକେଲା
- ଅଭୀପ୍ସା ଦାଶ, ଧାମନଗର, ଭଦ୍ରକ
- ରଞ୍ଜିତା ଏକା, ଯୋଡ଼ା, କେନ୍ଦୁଝର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ଖୁସି ବାଣ୍ଟିଲେ ବଢ଼େ



ଅନୀତା ପାଣି




ଜମିଦାର ଘର ଝିଅ ଝୁମୁରୀ। ବୟସ ବେଶୀ ନୁହେଁ, ଏଇ ୮/୧୦ ବର୍ଷ ହେବ । ବହୁତ ଗେହ୍ଲାରେ ସେ ଛୋଟରୁ ବଡ଼ ହୋଇଛି । ଖୁବ୍ କମ୍ ଚାଲେ, ବାକି ସମୟ ଘର ଦୋଳିରେ ବସିଥାଏ । ସେଇଠି ଖାଇବା, ପାଠ ପଢ଼ିବା, ଖେଳିବା । ଦିନସାରା ସେ ଦୋଳିରେ ଝୁଲୁଥାଏ ବୋଲି ତା ନାଁ ଝୁମୁରୀ ରଖାଯାଇଛି। ତା ସହିତ ବାଦ ହେବା ପାଇଁ ଆଉ କେହି ନାହିଁ। ଝୁମୁରୀ ଜନ୍ମ ହେବା ପରେ ଏହି ଦୋଳିଟିକୁ ବୁଢ଼ାବାପା ବଢ଼େଇ ଡାକି ତିଆରି କରେଇଥିଲେ । ନରମ ଗଦି ସହିତ ତକିଆର ବ୍ୟବସ୍ଥା ଥାଏ ଦୋଳିରେ । ଦିନେ ଘରେ କାମ କରୁଥିବା ସୁମି ମାଉସୀଠାରୁ ଶୁଣିଲା ।

ରଜ ଆସୁଛି ! ଗାଆଁରେ ଅନେକ ଦୋଳି ବନ୍ଧା ହେବ। ଝିଅ ବୋହୂମାନେ ସଜବାଜ ହୋଇ ବୁଲି ବୁଲି ଦୋଳି ଖେଳିବେ । ଝୁମୁରୀ ଏକା ଏକା ଘରେ ଦୋଳିରେ ବସୁଛି, ସାଙ୍ଗ କେହିନାହିଁ। ସାଙ୍ଗମାନଙ୍କ ସହିତ ମିଶି ଦୋଳି ଖେଳିଲେ ଅଧିକ ଭଲ ଲାଗିଥାଏ ବୋଲି ସୁମି ମାଉସୀ କହୁଥିଲା । ବାପାଙ୍କୁ ଝୁମୁରୀ ରଜ ପାଇଁ ଗୋଟେ ଦୋଳି ବାହାରେ ବାନ୍ଧି ଦେବାକୁ କହିଲା। ତାର ସାଙ୍ଗସାଥୀ ଓ ପାଖ ଘର ଝିଅମାନେ ଆସି ଖେଳିବେ । ଅଲିଅଳି ଝିଅ ବୋଲି କଥା ଅନୁସାରେ ବାପା ଦୋଳି ବନ୍ଧେଇ ଦେଲେ । ଏବେ ଝୁମୁରୀ ଘର ବାହାରେ ଦୋଳି ବାନ୍ଧିଛି ବୋଲି ସବୁ ଆଡ଼େ ଖବର ପଠେଇ ଦେଲା । ଦଳ ଦଳ ସାଙ୍ଗ ସାଥୀ ଘରକୁ ଆସିଲେ । ଜଣେ ପରେ ଜଣେ ଦୋଳି ଖେଳୁଥାନ୍ତି। ଝୁମୁରୀ ଖୁବ୍ ଖୁସି ହେଉଥାଏ । ସେ ଦିନ ଯାକ ଦୋଳିରେ ବସିବାକୁ ସୁଯୋଗ ପାଇନାହିଁ। ଦୋଳି ପାଖରେ ଠିଆ ହୋଇ ଗୋଡ଼ ଦୁଇଟି ଭାରି ବିନ୍ଧା ହେଲା ରାତିରେ । ତା ପର ଦିନ ସେମିତି ବହୁତ ସାଙ୍ଗ ଝୁମୁରୀ ଦୋଳିରେ ଖେଳିବାକୁ ଆସିଲେ। ସମସ୍ତେ ଅଳ୍ପ ଅଳ୍ପ ସମୟ ଖେଳିବା ବୋଲି ସମୟ ଦିଆଗଲା। କିନ୍ତୁ ଝୁମୁରୀର କଥା କେହି ଶୁଣିଲେ ନାହିଁ। ମନ ଭରି ଖେଳିବାକୁ ଲାଗିଲେ। ଝୁମୁରୀ ରାଗିଯାଇ କାହା ଉପରକୁ ପାଣି ଛିଞ୍ଚି ଓଦାକରେ ତ କିଏ ଖେଳିଲାବେଳେ ମାରିବାକୁ ବାଡ଼ି ଉଠାଏ । ତଥାପି ଝୁମୁରୀ ଖେଳିବାର ସୁଯୋଗ ପାଇ ନ ଥିଲା। ରଜର ତୃତୀୟ ଦିନ ଝୁମୁରୀ ଆଉ କାହାକୁ ଛାଡ଼ିଲା ନାହିଁ। କହିଲା ଦୁଇ ଦିନ ତୁମେ ଖେଳିଲ, ଏବେ ମୁଁ ଖେଳିବି । ଦଳ ଦଳ ଝିଅ ଆସି ଫେରି ଯାଉଛନ୍ତି। କିଛି ସମୟ ପରେ ଆଉ କେହି ଆସିଲେ ନାହିଁ। ଝୁମୁରୀ ପୁଣି ଏକୁଟିଆ ହୋଇ ଗଲା। ସେ ବହୁତ ସରଳ ଓ ସ୍ନେହୀ ପିଲାଟିଏ ଥିଲା । ଭାବିଲା ମୁଁ ଦୋଳି ନ ଖେଳିଲେ ବି ସାଙ୍ଗମାନେ ଖେଳିବା ଦେଖି ବହୁତ ଖୁସି ଲାଗୁଥିଲା । ଆଜି ଦିନ ସାରା ଏକୁଟିଆ ଖେଳୁଛି ହେଲେ ଖୁସି ଲାଗୁନାହିଁ କାହିଁକି । ସେଦିନ ଗଲା । ତା ପର ଦିନ ଦୋଳି ପାଖରେ କେହି ନାହିଁ । ନୀରବରେ ଦୋଳିଟି ଝୁଲୁଛି । ଝୁମୁରୀକୁ ଲାଗିଲା ଦୋଳିଟି ଆଜି କାନ୍ଦୁଛି । କାହାର ମୁହଁରେ ହସ ଦେଇ ପାରିଲେ ନିଜର ଦୁଃଖ ଭୁଲି ହୋଇଯାଏ। ଏତିକି ତ ଜୀବନର ମନ୍ତ୍ର । ପ୍ରକୃତ ମାନବିକତା। ସାଙ୍ଗମାନଙ୍କ ପାଖକୁ ଝୁଲି ଖେଳିବା ପାଇଁ ସେ ଖବର ପଠାଇ ଦେଲା। ଖବର ପାଇ ଝିଅମାନେ ଆସିଲେ । ଝୁମୁରୀ କହିଲା, ସମସ୍ତେ ମିଳି ମିଶି ଖେଳିବା । ଜଣକ ପରେ ଜଣେ ଆଗ ପଛ ହୋଇ ଝୁମୁରୀକୁ ମିଶେଇ ଖେଳିଲେ । ଝୁମୁରୀର ଖୁସି କହିଲେ ନ ସରେ । ସେ ବର୍ଷରୁ ରଜ ଚାରି ଦିନ ଝୁମୁରୀ ପାଇଁ ବାହାରେ ରଜ ଦୋଳି ବନ୍ଧା ଯାଏ । ଝିଅ ବୋହୂମାନେ ଆସି ଖେଳନ୍ତି । ତା' ଭିତରେ ଝୁମୁରୀ ପାଠ ପଢ଼ିବାକୁ ସହର ଗଲାଣି । ସେ ନ ଥିଲେ ମଧ୍ୟ ଝୁମୁରୀ ପାଇଁ ଦୋଳି ବନ୍ଧା ହୁଏ। ସମସ୍ତେ ଆସି ରଜ ଚାରିଦିନ ଦୋଳି ଖେଳି ଖୁସିରେ ଯାଆନ୍ତି ।■

ପଦ୍ମେଶ୍ୱୟ, ସୌଭାଗ୍ୟ ନିଗର, ଅନୁଗୋଳ
ମୋ- ୮୩୨୭୭୫୯୭୦

## ତୁଳି ଅଗରେ ରଙ୍ଗ






**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ଉପମିତା ଦାସ**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଦଶରଥପୁର, ଯାଜପୁର





**ବିଭାବରୀ ଦତ୍ତା**
ତୃତୀୟ ଶ୍ରେଣୀ
କୋହେନ୍ ଇଣ୍ଟରନ୍ୟାସନାଲ ସ୍କୁଲ
ଭୁବନେଶ୍ୱର





**ସାନ୍ଭି ଶନାୟା ସା**
ଚତୁର୍ଥ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର



# ଆଜି 'ନୀରଜ ଚୋପ୍ରା କ୍ଲାସିକ୍' ଇଭେଣ୍ଟ



ବେଙ୍ଗାଲୁରୁ, ୪।୭ (ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳିଙ୍କୁ ନେଇ ଶନିବାର ଏଠାରେ 'ନୀରଜ ଚୋପ୍ରା କ୍ଲାସିକ' ଇଭେଣ୍ଟର ପ୍ରଥମ ସଂସ୍କରଣ ହେବ। ଭାରତର ପ୍ରଥମ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ ଇଭେଣ୍ଟର ମାନ୍ୟତା ପାଇବାକୁ ଯାଉଥିବା ଏହି ପ୍ରତିଯୋଗିତାକୁ ନୀରଜ ଚୋପ୍ରା, ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସ, ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ଓ ବିଶ୍ୱ ଦୌଡ଼କୁଦ ମହାସଂଘ ମିଳିତ ଭାବେ ଆୟୋଜନ କରୁଛନ୍ତି। ସ୍ଥାନୀୟ ଶ୍ରୀ କାନ୍ତୀରଭା ଷ୍ଟାଡିୟମରେ ରାତି ୭ଟାରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଇଭେଣ୍ଟର ମୁଖ୍ୟ ଆକର୍ଷଣ ନିଜେ ନୀରଜ ଚୋପ୍ରା ରହିବେ। ନିଜ ନାମରେ ହେଉଥିବା ଏହି ଇଭେଣ୍ଟରେ ନୀରଜ ଟାଇଟଲ୍ ଜିତିପାରୁଛନ୍ତି କି ନାହିଁ ତାହା ଉପରେ ସାରା ବିଶ୍ୱର ନଜର ରହିଛି। ନୀରଜଙ୍କ ସମେତ ଜର୍ମାନୀର ଥୋମାସ ରୁଲର୍, କେନିଆର ଜୁଲିୟସ ୟେଗୋ, ଆମେରିକାର କର୍ଟିସ ଥମ୍ପସନ, ବ୍ରାଜିଲର ଲୁଇସ ଡା ସିଲ୍‌ଭାଙ୍କ ସମେତ ବିଶ୍ୱର ୭ଜଣ ଜାଭେଲିନ ଫିଙ୍ଗାଳି ଭାଗନେବେ। ସେହିଭଳି ଭାରତରୁ ନୀରଜଙ୍କ ସମେତ ସଚିନ ଯାଦବ, ରୋହିତ ଯାଦବ, ସାହିଲ୍ ସିଲ୍‌ୱାଲ ଓ ଯଶବୀର ସିଂହଙ୍କୁ ଦେଖିବାକୁ ମିଳିବ। ଓଡ଼ିଶାର କିଶୋର ଜେନା ଆଘାତଜନିତ ସମସ୍ୟା ଲାଗି ଏଥିରୁ ଓହରିଯାଇଛନ୍ତି।

**ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

## ଅଷ୍ଟ୍ରେଲିଆ ୨୮୬ରେ ସୀମିତ

ସେଣ୍ଟ ଜର୍ଜ୍ସ, ୪।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ଦିବସରେ ୨୮୬ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଛି। ଏକଦା ୧୧୦ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ବିଉ ୱେବଷ୍ଟର (୬୦) ଓ ୱିକେଟ୍‌କିପର ଆଲେକ୍ସ କେରୀ (୬୩)ଙ୍କ ଅର୍ଦ୍ଧଶତକ ଯୋଗୁ ୨୮୬ ରନର ସମ୍ମାନଜନକ ସ୍କୋରରେ ପହଞ୍ଚିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୯, ଅଧିନାୟକ ପ୍ୟାଟ୍ କମିନ୍ସ ୧୭, ଉସମାନ ଖୱାଜା ୧୬, ସାମ୍ କୋନଷ୍ଟାସ ୨୫ ଓ ଷ୍ଟିଭେନ ସ୍ମିଥ ୩ ରନ କରିଥିଲେ। ବୋଲିଂରେ ଘରୋଇ ଦଳର ଆଲ୍‌ଜାରୀ ଜୋସେଫ୍‌ଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା। ଜବାବରେ ଶୁକ୍ରବାର ଦ୍ୱିତୀୟ ଦିବସରେ ବ୍ୟାଟିଂ ଆରମ୍ଭ କରି ୱେଷ୍ଟଇଣ୍ଡିଜ ଶେଷ ଖବର ସୁଦ୍ଧା ୪ ୱିକେଟ୍‌ରେ ୧୫୦ ରନ ସଂଗ୍ରହ କରିଛି।

**ବ୍ରେଥ୍‌ୱେଟ୍‌ଙ୍କ ୧୦୦ତମ ଟେଷ୍ଟ**

ଏହି ମ୍ୟାଚ୍ ସହ ୱେଷ୍ଟଇଣ୍ଡିଜ ଓପନର୍ କ୍ରେଗ୍ ବ୍ରେଥ୍‌ୱେଟ୍ ୧୦୦ତମ ଟେଷ୍ଟ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ୱେଷ୍ଟଇଣ୍ଡିଜର ୧୦ମ କ୍ରିକେଟର୍ ଭାବେ ବ୍ରେଥ୍‌ୱେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି। ୨୦୧୧ରେ ମାତ୍ର ୧୮ ବର୍ଷ ବୟସରେ ପାକିସ୍ତାନ ବିପକ୍ଷରେ ଖେଳି ଟେଷ୍ଟ କ୍ରିକେଟ୍‌ରେ ପାଦ ଥାପିଥିବା ବ୍ରେଥ୍‌ୱେଟ୍ ବର୍ତ୍ତମାନ ସୁଦ୍ଧା ୯୯ ଟେଷ୍ଟ ଖେଳି ୩୨.୮୩ ଆଭରେଜରେ ୫୯୪୩ ରନ ସଂଗ୍ରହ କରିଛନ୍ତି।

### ଦ୍ୱିତୀୟ ଟେଷ୍ଟରେ ସ୍ମିଥ୍-ବ୍ରୁକ୍‌ଙ୍କ ତ୍ରିଶତକୀୟ ଭାଗୀଦାରି

# ସିରାଜଙ୍କୁ ୬ ୱିକେଟ; ଭାରତ ଅଗ୍ରଣୀ

ଏଜ୍‌ବାଷ୍ଟନ,୪।୭ (ଏଜେନ୍ସି)

ହ୍ୟାରୀ ବ୍ରୁକ୍ ଓ ଜେମି ସ୍ମିଥ୍‌ଙ୍କ ଶତକ ଓ ଏମାନଙ୍କ ୬ଷ୍ଠ ୱିକେଟ ଭାଗିଦାରୀରୁ ୩୦୩ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଚାଲିଥିବା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଇଂଲଣ୍ଡ ଦଳ ଫଲୋଅନ୍ ଏଡ଼ାଇବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ଅଧିନାୟକ ଶୁବମନ ଗିଲ (୨୬୯)ଙ୍କ ରେକର୍ଡ ଦ୍ୱିଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରଥମ ଇନିଂସରେ ୫୮୭ ରନ୍ କରିଥିଲା। ଜବାବରେ ଜେମି ସ୍ମିଥ୍‌ଙ୍କ ଅପରାଜିତ ୧୮୪ ଓ ହ୍ୟାରୀ ବ୍ରୁକ୍‌ଙ୍କ ୧୫୮ ରନ୍ ସହାୟତାରେ ପ୍ରଥମ ଇନିଂସରେ ଇଂଲଣ୍ଡ ୪୦୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ୧୮୦ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ଅଗ୍ରଣୀର ଶ୍ରେୟ ଯାଇଛି ଭାରତର ଦୁଇ ପେସ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶ ଦୀପଙ୍କୁ। ଏହି ଇନିଂସରେ ସିରାଜ ୬ଟି ଓ ଆକାଶ ୪ଟି ୱିକେଟ ନେଇଥିଲେ। ଏହା ଫଳରେ ଇଂଲଣ୍ଡ ଶେଷ ୫ ୱିକେଟ ମାତ୍ର ୨୦ ରନ୍‌ରେ ହରାଇଥିଲା।

ପ୍ରଥମ ଇନିଂସରେ ବିଶାଳ ଅଗ୍ରଣୀ ନେଇଥିବା ଭାରତ ତୃତୀୟ ଦିନ ଶେଷ ଖବର ସୁଦ୍ଧା ଦ୍ୱିତୀୟ ଇନିଂସରେ ୧୩ ଓଭର ଖେଳି ଗୋଟିଏ ୱିକେଟ ହରାଇ ୬୪ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ କରୁନ ନାୟାର ୭ ଓ ଲୋକେଶ ରାହୁଲ ୨୮ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରଥମ ୱିକେଟରେ ୫୧ ରନ୍ ଉଠାଇବା ପରେ ଯଶସ୍ୱୀ ଜୟସ୍ୱାଲ ୨୮ ରନ୍‌ରେ ଆଉଟ ହୋଇଥିଲେ। ଜୋଶ ଟଙ୍ଗ୍ ଏକମାତ୍ର ୱିକେଟଟି ଅକ୍ତିଆର କରିଛନ୍ତି। ଏହି ଟେଷ୍ଟର ଖେଳ ଆଉ ୨ ଦିନ ବାକିଥିଲାବେଳେ ଭାରତ ୯ଟି ୱିକେଟ ହାତରେ ରଖି ୨୪୪ ରନ୍‌ରେ ଅଗ୍ରଣୀ ରହିଛି। ଫଳରେ ଏହି ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ପରିସମାପ୍ତି ହେବାର ଯଥେଷ୍ଟ ସମ୍ଭାବନା ରହିଛି।



୬ଟି ୱିକେଟ ନେବା ପରେ ଭାରତର ମହମ୍ମଦ୍ ସିରାଜ।

## ୨ ଶତକ, ୬ ବତକ (ଶୂନ)

ଭାରତର ୫୮୭ ରନ୍‌ର ବିଶାଳ ସ୍କୋର ପରେ ଗତକାଲି ଇଂଲଣ୍ଡ ବ୍ୟାଟିଂ ଆରମ୍ଭ କରି ୨୫ ରନ୍‌ରେ ୩ଟି ଓ ଆଜି ୮୪ ରନ୍‌ରେ ୫ଟି ୱିକେଟ ହରାଇଥିଲା। କିନ୍ତୁ ବ୍ରୁକ୍ ଓ ସ୍ମିଥ୍ ୬ଷ୍ଠ ୱିକେଟରେ ୩୬୮ ବଲ୍ ଖେଳି ୩୦୩ ରନ୍ କରିବା ଫଳରେ ଦଳ ଫଲୋଅନ୍ ଏଡ଼ାଇବାରେ ସମର୍ଥ ହୋଇଥିଲା। ଆକ୍ରମଣାତ୍ମକ ବ୍ୟାଟିଂ କରି ମାତ୍ର ୮୦ ବଲ୍‌ରେ ତୃତୀୟ ଦିନ ଲଞ୍ଚ ପୂର୍ବରୁ ଶତକ ହାସଲ କରିଥିବା ସ୍ମିଥ ୧୮୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏଥିଲାଗି ସେ ୨୦୭ ବଲ୍‌ର ସାମ୍ନା କରି ୨୧ ଚୌକା ଓ ୪ ଛକା ମାରିଥିଲେ। ତାଙ୍କ ପାର୍ଟନର ବ୍ରୁକ୍‌ଙ୍କ ଥିଲା ୯ମ ଟେଷ୍ଟ ଶତକ। ସେ ମୋଟ ୨୩୪ ବଲ୍ ଖେଳି ୧୭ ଚୌକା ଓ ୧ ଛକା ସହାୟତାରେ ୧୫୮ ରନ୍ କରିଥିଲେ। ଏମାନଙ୍କ ଭାଗୀଦାରିକୁ ଭାଙ୍ଗିବା ଲାଗି ଗିଲ୍ ନୂଆ ବଲ୍ ନେଇ ସଫଳ ହୋଇଥିଲେ। ଇଂଲଣ୍ଡ ୩୮୭ ରନ୍ କରିଥିଲାବେଳେ ବ୍ରୁକ୍‌ଙ୍କୁ ବୋଲ୍ଡ କରି ଆକାଶ ଦୀପ ଏହି ଯୋଡିକୁ ଭାଙ୍ଗିଦେଇଥିଲେ। ଏହି ଯୋଡି ଭାଙ୍ଗିବା ପରେ ଇଂଲଣ୍ଡ ତାହାର ଶେଷ ୫ ୱିକେଟ ମାତ୍ର ୨୦ ରନ୍ ମଧ୍ୟରେ ହରାଇଥିଲା। ଏହି ୫ଟି ମଧ୍ୟରୁ ସିରାଜ ୪ଟି ଓ ଆକାଶ ଗୋଟିଏ ୱିକେଟ ପାଇଥିଲେ। ଫଳରେ ସିରାଜ ଇଂଲଣ୍ଡ ଇନିଂସରେ ୭୦ ରନ୍ ଦେଇ ୬ଟି ଓ ଆକାଶ ୮୮ ରନ୍‌ରେ ୪ଟି ୱିକେଟ ନେଇ ସେମାନଙ୍କ ମଧ୍ୟରେ ବାଣ୍ଟିନେଇଥିଲେ। ଇଂଲଣ୍ଡର ଶେଷ ୩ଜଣ ବ୍ୟାଟରଙ୍କୁ ଖାତା ଖୋଲିବାର ସୁଯୋଗ ଦେଇ ନ ଥିଲେ ସିରାଜ। ପୂର୍ବରୁ ପ୍ରଥମ ୬ଜଣ ବ୍ୟାଟରଙ୍କ ମଧ୍ୟରୁ ୩ଜଣ ଯଥା ଓପନର ବେନ୍ ଡକେଟ, ନଂ-୩ ଓଲି ପୋପ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଫଳରେ ଇଂଲଣ୍ଡ ଇନିଂସରେ ୬ ଜଣ ଶୂନ ରନ୍‌ରେ ବା କ୍ରିକେଟ ଭାଷାରେ ଡକ୍ ବା ବତକ'ରେ ଆଉଟ ହୋଇଛନ୍ତି।

### ୨୫ ବର୍ଷରେ ଦ୍ୱିତୀୟ ଥର

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସରେ ପ୍ରଥମ ୬ଜଣ ବ୍ୟାଟରଙ୍କ ମଧ୍ୟରୁ ୩ଜଣ ଖାତା ଖୋଲିବାରେ ସମର୍ଥ ହୋଇନାହାନ୍ତି। ଓପନର ବେନ୍ ଡକେଟ, ନଂ-୩ ଓଲି ପୋପ୍ ଓ ଅଧିନାୟକ ତଥା ନଂ-୬ ବେନ୍ ଷ୍ଟୋକ୍ସ ଏହି ଟେଷ୍ଟରେ ଖାତା ଖୋଲିବାରେ ଅସମର୍ଥ ହୋଇଛନ୍ତି। ଏହା ଫଳରେ ଦୀର୍ଘ ୨୫ ବର୍ଷ ପରେ ଇଂଲଣ୍ଡ ଏପରି ନକରାତ୍ମକ ପ୍ରଦର୍ଶନ କରିଛି। ଏହା ମଧ୍ୟରେ ଅଧିନାୟକ ଷ୍ଟୋକ୍ସ ତାଙ୍କ ଜୀବନରେ ପ୍ରଥମ ଗୋଲ୍ଡେନ ଡକ୍ ହାସଲ କରିଛନ୍ତି। ସେହିପରି ୱିକେଟକିପର ଜେମି ସ୍ମିଥ ୮୦ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ନିଜ ପାର୍ଟନର ହ୍ୟାରୀ ବ୍ରୁକ୍‌ଙ୍କ ସହ ସେ ଇଂଲଣ୍ଡର ତୃତୀୟ ଦ୍ରୁତତମ ଶତକ ହାସଲ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ** : ୫୮୭ (ଗିଲ-୨୬୯, ଜାଡେଜା-୮୯, ଜୟସ୍ୱାଲ-୮୭, ବସିର-୩/୧୬୭, ଓକ୍ସ-୨/୮୧)।
**ଇଂଲଣ୍ଡ ପ୍ରଥମ ଇନିଂସ:** ୪୦୭/୧୦, ୮୯.୩ ଓଭର (ବ୍ରୁକ୍-୧୫୮, ସ୍ମିଥ-୧୮୪*, ସିରାଜ-୬/୭୦, ଆକାଶ ଦୀପ-୪/୮୮)।
**ଭାରତ ଦ୍ୱିତୀୟ ଇନିଂସ** : ୬୪/୧, ୧୩ ଓଭର (ରାହୁଲ-୨୮*, ନାୟାର-୭*, ଜୟସ୍ୱାଲ-୨୬, ଟଙ୍ଗ୍-୧/୧୨)।

### ୱିମ୍ବଲଡନ ୫ମ ଦିବସ

# ତୃତୀୟ ରାଉଣ୍ଡରେ ଅଟକିଲେ କିଜ୍, ଓସାକା

ଲଣ୍ଡନ, ୪।୭ (ଏଜେନ୍ସି): ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବଲଡନର ୫ମ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସିଙ୍ଗଲ୍ସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ତୃତୀୟ ରାଉଣ୍ଡରେ ଡିଫେଣ୍ଡିଂ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ୍ କିଜ୍‌ଙ୍କ ସହ ୪ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ଜାପାନର ନାଓମି ଓସାକା ପରାସ୍ତ ହୋଇ ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଆମେରିକାର କିଜ୍ ୩-୬, ୩-୬ ସିଧାସଳଖ ସେଟ୍‌ରେ ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କ ନିକଟରୁ ପରାସ୍ତ ହୋଇଥିଲେ। ସେହିଭଳି ଓସାକା ୬-୩, ୪-୬, ୪-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୦ତମ ସ୍ଥାନରେ ରହିଥିବା ରୁଷିଆର ଆନାସ୍ତାସିଆ ପାଭଲୁଚେନକୋଭାଙ୍କ ନିକଟରୁ ହାରିଯାଇଥିଲେ। ଓସାକା ବିଜୟୀ ହୋଇଥିଲେ ପ୍ରଥମଥର ଲାଗି ୱିମ୍ବଲଡନ ୪ର୍ଥ ରାଉଣ୍ଡରେ ପହଞ୍ଚିଥାନ୍ତେ। ଅପରପକ୍ଷରେ ଓପନ୍ ଏରା ଇତିହାସରେ ତୁର୍କିର ପ୍ରଥମ ଖେଳାଳି ଭାବେ ଜିନେପ ସୋନମେଜ କୌଣସି ଗ୍ରାଣ୍ଡସ୍ଲାମର ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମ୍ୟାଚରେ ଜିନେପ ୭-୫, ୭-୫ ସେଟ୍‌ରେ ଚାଇନାର ୱାଙ୍ଗ୍ ଜିନଉଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ୧୯୬୮ରୁ ଟେନିସର ପ୍ରଫେସନାଲ ତଥା ଓପନ ଏରା ଆରମ୍ଭ ହୋଇଥିଲା।

ପୁରୁଷ ବିଭାଗରେ ୧୪ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ୪ର୍ଥ ତଥା ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ତୃତୀୟ ରାଉଣ୍ଡରେ ସେ ୭-୫, ୬-୨, ୬-୩ ସେଟ୍‌ରେ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଜର୍ମାନୀର ଜାନ୍-ଲିନାର୍ଡ ଷ୍ଟ୍ରଫ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି।



ଜିନେପ ସୋନମେଜ

### ଫିଫା କ୍ଲବ୍ ବିଶ୍ୱକପ୍

## କ୍ୱାର୍ଟରରେ ରିଅଲ୍ ମାଦ୍ରିଦ୍

ନ୍ୟୁୟର୍କ, ୪।୭ (ଏଜେନ୍ସି): ସ୍ପେନ୍‌ର ବିଶ୍ୱ ପ୍ରସିଦ୍ଧ କ୍ଲବ୍ ରିଅଲ ମାଦ୍ରିଦ୍ ଶେଷ ଦଳ ଭାବେ ଏଠାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରବିବାର ରାତିରେ ଖେଳାଯିବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲରେ ଜର୍ମାନୀର ଡର୍ଟମଣ୍ଡ ସହ ରିଅଲର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲରେ ରିଅଲ ୧-୦ ଗୋଲରେ ଇଟାଲୀୟ କ୍ଲବ୍ ଜୁଭେଣ୍ଟସକୁ ଓ ଡର୍ଟମଣ୍ଡ ୨-୧ ଗୋଲରେ ମେକ୍ସିକୋର ମଣ୍ଟେରୀକୁ ହରାଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରରେ ଫ୍ଲୁମିନେନ୍ସ ସହ ଅଲହିଲାଲର ଓ କ୍ୱାର୍ଟର ଫାଇନାଲରେ ଚେଲସୀ ସହ ପାଲମେଇରାସର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଆସନ୍ତାକାଲି ହେବ। ରବିବାର ତୃତୀୟ କ୍ୱାର୍ଟର ଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପିଏସ୍‌ଜି ସହ ବେୟର୍ଣ୍ଣର ମୁକାବିଲା ହେବ।

### ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

# ଦଣ୍ଡସେନାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୪।୭ (ସମିସ)

ଓଡ଼ିଶା ପୁଲିସର ଜଣାଶୁଣା ଧାବକ ଅଶୋକ ଦଣ୍ଡସେନାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରହିଛି। ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଅଶୋକ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା ପାଇଛନ୍ତି।



**କରାଟେରେ ରୀତେଶଙ୍କ ଚମକ**

ଶୁକ୍ରବାର ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସରେ ଦଣ୍ଡସେନା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩ୟ ସ୍ୱର୍ଣ୍ଣପଦକ ଜିତିଥିଲେ। ପୂର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟରରେ ମଧ୍ୟ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେହିଭଳି କରାଟେରେ ରୀତେଶ ରାୟ (୮୪ କିଗ୍ରା) ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତ କାଲି ସୁସ୍ମିତା ଟିଗା ମହିଳା ୮୦୦ ମିଟରରେ ଏବଂ ସୁମନ ଶେଖର ଦାସ ଓ ଭଗବାନ ରେଡ୍ଡୀ କରାଟେରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତି ଦୁଇ ବର୍ଷରେ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଅନୁଷ୍ଠିତ ହୋଇଥାଏ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS